ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୧/୨୦୨୫ (୧୬ ପୃଷ୍ଠା) Bhubaneswar, Friday, January 31/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 68 ମୂଲ୍ୟ ₹୭/-



ସୋସିଆଲ ମିଡିଆରୁ ସଂଗୃହୀତ ଫଟୋ।

## କୁମ୍ଭମେଳାରେ ଜଳିଗଲା ୧୫ ଟେଣ୍ଟ

ମହାକୁମ୍ଭ ନଗର,୩୦।୧(ପି.ଟି.)

ମହାକୁମ୍ଭ ମେଳା ଅଞ୍ଚଳର ସେକ୍ଟର ୨୨ ବାହାରେ ଚାମଗଞ୍ଜ ଚୌକି ନିକଟରେ ଗୁରୁବାର ନିଆଁ ଲାଗି ଅନ୍ୟୂନ ୧୫ଟି ଟେଣ୍ଟ ଜଳିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା କୁମ୍ଭର ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରମୋଦ ଶର୍ମା କହିଛନ୍ତି। ମଧ୍ୟାହ୍ନ ପରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ତୁରନ୍ତ ଏହାକୁ ଆୟତ୍ତ କରାଯାଇଥିଲା। ରାସ୍ତା ଅଭାବରୁ ଘଟଣାସ୍ଥଳରେ ଦମକଳ ଗାଡ଼ି ପହଞ୍ଚିବା କଷ୍ଟକର ହୋଇଥିଲା। ନିଆଁ କିପରି ଲାଗିଲା, ତାହା ଜାଣିବା ପାଇଁ ତଦନ୍ତ କରାଯାଉଥିବା ଶର୍ମା କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ମୌନି ଅମାବାସ୍ୟା ଅମୃତ ସ୍ନାନ ବେଳେ ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲାବେଳେ ୬୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ଦିନଟିଏ ନ ପୂରୁଣୁ ପୁନର୍ବାର ସେଠାରେ ଅଘଟଣ ଘଟିଛି। ଗତ ୧୯ ତାରିଖରେ ମହାକୁମ୍ଭ ମେଳାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଅନ୍ୟୂନ ୪୦ଟି ତମ୍ବୁ ଜଳିଯାଇଥିଲା।

# ଉଠିବ ମହାକୁମ୍ଭ ଦଳାଚକଟା ଝଡ଼

## ଆଜିଠୁ ବଜେଟ ଅଧିବେଶନ

ଶୁକ୍ରବାର ଆରମ୍ଭ ହେବ ସଂସଦର ବଜେଟ ଅଧିବେଶନ। ଏହାର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ଏକ ସର୍ବଦଳୀୟ ବୈଠକ ଗୁରୁବାର ଡାକିଥିଲେ। ଏଥିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ପରିଚାଳନାଗତ ତ୍ରୁଟି ଯୋଗୁ ମହାକୁମ୍ଭ ମେଳା ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଜଣଙ୍କର ମୃତ୍ୟୁ ଘଟିଥିବା କହିଛନ୍ତି। ଅନ୍ୟପକ୍ଷରେ ଶାସକ ଏନ୍‌ଡିଏର ସହଯୋଗୀ ଜେଡିୟୁ ଏକକାଳୀନ ନିର୍ବାଚନ ସମ୍ପର୍କିତ ବିଲ୍ ଉପରେ ପ୍ରଶ୍ନ ଉଠାଇଛି। ସେହିପରି ଏଆଇ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ଭାରତର ସ୍ଥିତି, ଦେଶବାସୀ ଭୋଗୁଥିବା ଅନେକ ଅସୁବିଧା ସାଙ୍ଗକୁ କୃଷକଙ୍କ ସମସ୍ୟା, ୱାକ୍‌ଫ ଜେପିସିର ଦୁର୍ଭାଗ୍ୟପୂର୍ଣ୍ଣ ଆଚରଣ, ୟୁଜିସି ନିୟମରେ ପରିବର୍ତ୍ତନ ପ୍ରସ୍ତାବ ଆଦି ପ୍ରସଙ୍ଗ ଉଠାଇଥିଲେ ବିଭିନ୍ନ ଦଳର ନେତା। ଏସବୁରୁ ବଜେଟ୍ ଅଧିବେଶନରେ ବିରୋଧୀ କେନ୍ଦ୍ର ସରକାରଙ୍କୁ ଘେରିବା ମନେହେଉଛି। ବିଶେଷକରି ମହାକୁମ୍ଭରେ ବାରମ୍ବାର ଅଗ୍ନିକାଣ୍ଡ ଓ ଦଳାଚକଟାକୁ ନେଇ ଝଡ଼ ସୃଷ୍ଟି ହୋଇପାରେ। ତେବେ ପୂର୍ବରୁ କେନ୍ଦ୍ରକୁ କେବଳ ବିରୋଧୀ ଘେରୁଥିବାବେଳେ ଏଥର ସହଯୋଗୀ ଜେଡିୟୁ ଏବଂ ଟିଡିପି ମଧ୍ୟ ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ସର୍ବଦଳୀୟ ବୈଠକରୁ ସଙ୍କେତ ମିଳିଛି।

ନୂଆଦିଲ୍ଲୀ,୩୦।୧(ପି.ଟି.)

■ କେନ୍ଦ୍ରକୁ ଘେରିବେ ବିରୋଧୀ, ସହଯୋଗୀ

■ ସର୍ବଦଳୀୟ ବୈଠକରେ 'ଏକକାଳୀନ ନିର୍ବାଚନ' ବିଲ୍‌କୁ ଜେଡିୟୁର ବିରୋଧ

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଆରମ୍ଭ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବାହ୍ନ ୧୧ଟାରେ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଏପ୍ରିଲ ୪ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ହେବ। ଅଧିବେଶନର ପ୍ରଥମ ଭାଗ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରେ ଆରମ୍ଭ ହେବ। ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ସର୍ବଦଳୀୟ ବୈଠକ ଡାକି ବିରୋଧୀଙ୍କ ସହଯୋଗ ଲୋଡ଼ିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ମହାକୁମ୍ଭ ମେଳାରେ ଭୁଲ୍ ପରିଚାଳନା ଯୋଗୁ ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ଏବଂ ୱାକ୍‌ଫ ଯୁଗ୍ମ ସଂସଦୀୟ କମିଟିର କାର୍ଯ୍ୟକାରିତାରେ ପ୍ରକ୍ରିୟାଗତ ତ୍ରୁଟି ଭଳି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ମୋଟାମୋଟି ☞ପୃଷ୍ଠା-୨

KHIMJI TRUST SINCE 1936
KHIMJI®
JEWELLERS SINCE 1936
Handcrafting blessings since 1936



Wedding Collection 2025
UP TO 50% OFF* On Gold Jewellery making charges
Experience the timeless beauty of brilliant emeralds paired with the sparkle of polki diamonds. Thoughtfully crafted by skilled hands and watchful eyes, each piece is designed to make your special day shine and leave behind a legacy of elegance.
UP TO 20% OFF* On Diamonds
100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee
JHARSUGUDA, Sarbahal Road, Marwadi Para | ROURKELA, Kesar Bhawan, Main Road
STORES ALSO AT : BHUBANESWAR | BERHAMPUR | CUTTACK | PURI | ANGUL (Opening Soon) | JAJPUR ROAD (Opening Soon)
88 Years of Trust
www.khimjijewellers.com | 1800-313-1777
Follow us on:
*T&C Apply

# ଲଢ଼େଇ ଲକ୍ଷ୍ୟରେ ପୁରୁଖା ନେତାଙ୍କ ମେଳି

## ୨୩ ଫେବୃଆରୀରେ ସମାବେଶ ପାଇଁ ସଜବାଜ

ରସୁଲପୁର,୩୦।୧(ରଞ୍ଜିତ ରାଉତ)



ବନ୍ଧୁମିଳନ ନାମରେ ପୁରୁଖା ନେତାଙ୍କ ରସୁଲପୁର ଅଞ୍ଚଳରେ ବନ୍ଧୁମିଳନ।

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମା' ତାରିଣୀ ମନ୍ଦିର ପରିସରରେ ବନ୍ଧୁମିଳନ ଆଳରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡିର ପୁରୁଖା ନେତାମାନଙ୍କ ଏକ ମେଳି ନିକଟରେ ଦେଖିବାକୁ ମିଳିଥିଲା। ୨୩ ଫେବୃଆରୀରେ ଏକ ସମାବେଶ ଆୟୋଜନ କରାଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିବା ଶୁଣିବାକୁ ମିଳିଛି। ଏପରିକି ଏହାକୁ ସର୍ବଦଳୀୟ ସଭାରେ ପରିଣତ ପାଇଁ ନେତୃମଣ୍ଡଳୀ ମନସ୍ଥ କରିଛନ୍ତି। ବରିଷ୍ଠ ନେତାମାନେ କଂଗ୍ରେସ, ବିଜେଡି, ଭାଜପା ଭଳି ପ୍ରମୁଖ ଦଳର ଅବହେଳିତ ପୁରୁଖାଙ୍କୁ ଏଥିରେ ସାମିଲ କରିବା ପାଇଁ ଯୋଗାଯୋଗ କରୁଛନ୍ତି। ଏଭଳି ପ୍ରସ୍ତାବକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ଆଗକୁ ସମାବେଶ କେଉଁ ରୂପ ଧାରଣ କରୁଛି ଓ ତାହା ଧର୍ମଶାଳାର ରାଜନୀତିକୁ କେତେ ପ୍ରଭାବିତ କରୁଛି ତାହା ସମୟକ୍ରମେ ସ୍ପଷ୍ଟ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

୨୦୨୪ ନିର୍ବାଚନରେ ଧର୍ମଶାଳାରେ ୩୦ବର୍ଷର ପରିବାରବାଦ ରାଜନୀତିରେ ରୋକ୍ ଲାଗିଛି। ଏଠି ସ୍ୱାଧୀନ ପ୍ରାର୍ଥୀ ଜିତିବା ପରେ ଭାଜପାରେ ସାମିଲ ହୋଇ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିଜେଡି ଶାସନ କାଳରେ ଅଲୋଡ଼ା ହୋଇଥିବା ପୁରୁଖା ନେତା ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଥିଲେ। ଏଥିଯୋଗୁ ଧର୍ମଶାଳା ବିଜେଡିର ପରାଜୟ ହୋଇଥିବା ଲୋକେ ଗୁପୁରଚାପୁର ହୋଇଥିଲେ। ନିର୍ବାଚନମଣ୍ଡଳୀରେ ନେତା ପରିବର୍ତ୍ତନ ହେବା ସହ ରାଜ୍ୟରେ ସରକାର ବଦଳିଥିଲା। ରାଜନୈତିକ ପରିବର୍ତ୍ତନରେ ପୁରୁଖାମାନେ ଖୁସି ପ୍ରକଟ କରିଥିଲେ। ଭାବିଥିଲେ ସେମାନଙ୍କ ଗୁରୁତ୍ୱ ବଢ଼ିଯିବ। ରାଜ୍ୟରେ ସରକାର ଗଠନ ହେବାର ୮ମାସ ହେଲାଣି, କିନ୍ତୁ ସେମାନେ ପ୍ରାଧାନ୍ୟ ପାଉ ନ ଥିବା ଲକ୍ଷ୍ୟ କରାଯାଉଛି। କେତେକ କହୁଛନ୍ତି, ଭାଜପା ସଙ୍ଗଠନରେ ପୁରୁଖାଙ୍କୁ ସେତେଟା ଗୁରୁତ୍ୱ ଦିଆଯାଇନାହିଁ। ବିଜେଡି ସରକାର ଅମଳରେ ସେମାନଙ୍କ ସ୍ଥିତି ଯାହାଥିଲା ନେତୃତ୍ୱ ପରିବର୍ତ୍ତନ ପରେ ସେଥିରେ କୌଣସି ପରିବର୍ତ୍ତନ ଘଟିଲା ନାହିଁ।

ଏତେ ସତ୍ତ୍ୱେ ବିଭିନ୍ନ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତିସଭ୍ୟଙ୍କୁ ସମାବେଶ ଆଳରେ ପୁରୁଣା ନେତା ଏକାଠି କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏହି ସମାବେଶରେ ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିବା ଆଲୋଚନା ହେଉଛି। ଏହାଛଡା ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ୱାନ ନେସନ ୱାନ ଇଲେକ୍ସନ ନିୟମ ଲାଗୁ ହେଲେ ସମଗ୍ର ଭାରତବର୍ଷରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେବ ବୋଲି ଜଣାଯାଇଛି। ଏହି ଆଧାରରେ ରସୁଲପୁର ବ୍ଲକକୁ ନିର୍ବାଚନମଣ୍ଡଳୀ ମାନ୍ୟତା ମିଳିବାର ସମ୍ଭାବନା ରହିଛି ବୋଲି କେତେ ଜଣ ପୁରୁଖା ନେତା କହୁଛନ୍ତି। ଏବେଠାରୁ ସଙ୍ଗଠନ ପ୍ରସ୍ତୁତ କରାଯାଇ ରସୁଲପୁର ବ୍ଲକ ଅଞ୍ଚଳରୁ ଜଣେ ଜନନେତାଙ୍କୁ ନିର୍ବାଚିତ କରିବା ପାଇଁ ପୁରୁଖା ନେତାମାନେ ମନସ୍ଥ କରୁଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଓ ଆଗକୁ ଯଦି ରସୁଲପୁର ନିର୍ବାଚନମଣ୍ଡଳୀ ହୁଏ ତାହା ହେଲେ ଦୀର୍ଘବର୍ଷ ଧରି ସମ୍ପୃକ୍ତ ଅଞ୍ଚଳକୁ ରାଜନୈତିକ ଦୃଷ୍ଟିକୋଣରୁ ଅକ୍ତିଆର କରିଥିବା ବ୍ୟକ୍ତିଙ୍କୁ ପ୍ରତିହତ କରିବା ପାଇଁ ପୁରୁଖାମାନେ ଲଢ଼େଇ କରିବେ ବୋଲି ଶୁଣିବାକୁ ମିଳିଛି। ଏଠାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧୀର ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ ରବି ସାହୁ, ବରିଷ୍ଠ ନେତା ବିରଳ ଦାଶ, ପ୍ରମୋଦ ପ୍ରଧାନ, କାର୍ତ୍ତିକ ପଣ୍ଡାଙ୍କ ସମେତ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକ ଅଞ୍ଚଳରୁ ୩୦ରୁ ଊର୍ଦ୍ଧ୍ୱ ପୁରୁଖା ନେତା ଯୋଗ ଦେଇଥିଲେ।

# ଜିଲାପାଳଙ୍କୁ ଭେଟିଲେ ମେୟର, ୨୦ କର୍ପୋରେଟର



ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ମେୟର ଓ କର୍ପୋରେଟମାନେ ଗୁରୁବାର ସ୍ମାରପତ୍ର ପ୍ରଦାନ କରୁଛନ୍ତି।

ଛତ୍ରପୁର,୩୦।୧(ସନ୍ତୋଷ ପାଢୀ/ଦିଲୀପ ସାମଲ)

## ବିଶୃଙ୍ଖଳାକାରୀ କର୍ପୋରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ଚାଲିଥିବା ବିବାଦ ଘନେଇବାରେ ଲାଗିଛି । ବୁଧବାର କର୍ପୋରେଶନ ବୈଠକରେ ୨ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାକୁ ନେଇ ଗୁରୁବାର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ. ବିକେକ ରେଡ୍ଡୀଙ୍କ ସମେତ ୨୦ଜଣ କର୍ପୋରେଟର ଛତ୍ରପୁର ଆସି ଜିଲାପାଳଙ୍କୁ ତାଙ୍କ ବାସଭବନସ୍ଥିତ କାର୍ଯ୍ୟାଳୟରେ ଭେଟିଥିଲେ। ବୈଠକରେ ବିଶୃଙ୍ଖଳା ସୃଷ୍ଟି କରିଥିବା କର୍ପୋରେଟରଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ, ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ କର୍ପୋରେଶନ ବୈଠକ ଚାଲିଥିବା ବେଳେ କମିଶନର ଏବଂ ଷ୍ଟାଫଙ୍କୁ ୨୬ ନଂ. ୱାର୍ଡର କର୍ପୋରେଟର ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ । ପରେ ସେ କେତେଜଣ କର୍ପୋରେଟରଙ୍କୁ ଉସୁକାଇ ବିଏମ୍‌ସି କ୍ୟାମ୍ପସ ଫାଟକରେ ତାଲା ପକାଇ ଦେଇଥିଲେ, ଯଦ୍ୱାରା କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତାଙ୍କ କାମ ହୋଇପାରି ନ ଥିଲା ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ୨୬ ନଂ. ୱାର୍ଡ କର୍ପୋରେଟର ଗାଳିଗୁଲଜ ଓ ଖରାପ ବ୍ୟବହାର କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ଏବଂ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ମ୍ୟୁନିସିପାଲ ନିର୍ଦ୍ଦେଶକଙ୍କୁ କମିଶନର ଚିଠି ଲେଖିଥିଲେ ।

## ଭାଗବତଙ୍କୁ କଳାପତାକା ଦେଖାଇଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆ।ର୍‌.ଏସ୍‌.ଏସ୍‌) ସରସଂଘଚାଳକ ମୋହନ ଭାଗବତଙ୍କୁ ଗୁରୁବାର ମଞ୍ଚେଶ୍ୱର ଠାରେ ଛାତ୍ର କଂଗ୍ରେସ ପକ୍ଷରୁ କଳାପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଇଛି। ଭାଗବତ ସୂଚନା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମ ସାରି ଫେରିବା ବେଳେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ କେତେଜଣ ଛାତ୍ର କଂଗ୍ରେସ କର୍ମୀ ଏଭଳି ବିରୋଧ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଉଦିତ୍ କହିଛନ୍ତି, କିଛିଦିନ ତଳେ ଭାଗବତ କହିଥିଲେ ୧୯୪୭ରେ ଦେଶ ସ୍ୱାଧୀନ ହୋଇ ନ ଥିଲା, ବରଂ ରାମ ମନ୍ଦିର ପ୍ରତିଷ୍ଠା ପରେ ଦେଶ ସ୍ୱାଧୀନ ହେଲା। ଏଭଳି କହି ଦେଶର ସବୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେ ଅପମାନିତ କରିଥିଲେ। ତେଣୁ ଏହାକୁ ବିରୋଧ କରି ତାଙ୍କୁ କଳା ପତାକା ଦେଖା ଯାଇଥିବା ଉଦିତ୍ କହିଛନ୍ତି। ସୂଚନାଯୋଗ୍ୟ, ଭାଗବତ ଗୁରୁବାର ଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି।

# ପଦ ହରାଇଲେ ସରପଞ୍ଚ, ବିଷ ପିଇଲେ ୱାର୍ଡ ସଭ୍ୟଙ୍କ ପୁଅ

## ବାଲିସାହିପାଟଣା ପଞ୍ଚାୟତ ଅନାସ୍ଥା ଭୋଟ

■ପୋଲିସ ସୁରକ୍ଷାରେ ଭୋଟ ଦେବାକୁ ଆସିଲେ ୱାର୍ଡ ସଭ୍ୟାସଭ୍ୟ

ରାଜନଗର, ୩୦।୧(ଭାସ୍କର ରାଉତରାୟ)




ବାଲିସାହିପାଟଣା ପଞ୍ଚାୟତରେ ପୋଲିସ ବ୍ୟବସ୍ଥା ମଧ୍ୟରେ ଅନାସ୍ଥା ଭୋଟ ନିଆଯାଉଛି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା ଅନାସ୍ଥା ଭୋଟରେ ଗୁରୁବାର ପରାଜୟ ବରଣ କରିବା ସହ ପଦ ହରାଇଛନ୍ତି। ଅନ୍ୟପକ୍ଷରେ ଅନାସ୍ଥା ସପକ୍ଷରେ ଭୋଟ ଦେବାକୁ ଯିବାରୁ ଜଣେ ୱାର୍ଡ ସଭ୍ୟଙ୍କ ପୁଅ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଷ ପିଇ ଦେଇଥିଲେ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ସୁରକ୍ଷା ବଳୟ ମଧ୍ୟରେ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଅନାସ୍ଥା ସପକ୍ଷରେ ୮ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେଇଥିବାବେଳେ ଅନାସ୍ଥା ବିପକ୍ଷରେ କେବଳ ସରପଞ୍ଚଙ୍କ ଖଣ୍ଡିଏ ଭୋଟ ରହିଥିଲା। ତହସିଲଦାର ତଥା ନିର୍ବାଚନ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ବୈଠକ ହୋଇଥିଲା। ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ। ୮ ୱାର୍ଡ ସଭ୍ୟାସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିବାରୁ କୋରମ ଯୋଗୁ ବୈଠକ ହୋଇଥିଲା। ବୈଠକ କାହିଁକି ଡକାଯାଇଛି ସେ ନେଇ ତହସିଲଦାର କହିବା ପରେ ସଭ୍ୟାସଭ୍ୟ ଏ ସମ୍ପର୍କରେ ମତ ରଖିଥିଲେ। ନିଷ୍ପତ୍ତି ଅନୁଯାୟୀ, ଭୋଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ୩୫ ମିନିଟ୍ ବିଳମ୍ବରେ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଭୋଟ ଗଣତି ଆରମ୍ଭ ହୋଇ ଅପରାହ୍ନ ୧ଟାରେ ପ୍ରକ୍ରିୟା ଶେଷ ହୋଇଥିଲା। ଭୋଟ ପ୍ରକ୍ରିୟା ସରିବା ପରେ ରେଜ୍ୟୁଲେଶନ କରାଯାଇଥିଲା। ରେଜ୍ୟୁଲେଶନରେ କିଏ କେତେଖଣ୍ଡ ଭୋଟ ପାଇଲେ, ସେ ନେଇ ଉଲ୍ଲେଖ କରାଯିବା ସହ ସମସ୍ତଙ୍କ ଦସ୍ତଖତ ନିଆଯାଇଥିଲା। ରେଜ୍ୟୁଲେଶନ କପି ଓ ସିଲ୍ ହୋଇଥିବା ବାଲଟ ପେପର ଜିଲାପାଳଙ୍କୁ ହସ୍ତାନ୍ତର କରାଯାଇଛି। ଜିଲାପାଳ ଏ ନେଇ ବିଧିବଦ୍ଧ ଘୋଷଣା କରିବେ। ଏଥିରେ ରାଜନଗର ତହସିଲଦାର ମହାନ୍ତି ଏହାକୁ ପରିଚାଳନା କରିଥିବାବେଳେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ବିଜେଡି ସମର୍ଥିତ ସରପଞ୍ଚ ପଦ ହରାଇବା ପରେ ଭାଜପା ଶିବିର ଉତ୍ସାହିତ ହୋଇଛି। ଏହାକୁ ନେଇ ରାଜନଗର ବ୍ଲକରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

ସେପଟେ ଅନାସ୍ଥା ଭୋଟକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ମଧୁପୁର ଗାଁର ୧୧ନଂ. ୱାର୍ଡ ସଭ୍ୟ ରବୀନ୍ଦ୍ର ଜେନାଙ୍କୁ ବିପକ୍ଷ ଗୋଷ୍ଠୀ ଉଠାଇ ନେଇ ନଜରବନ୍ଦୀରେ ମାସେ ହେଲା ରଖିଥିଲେ। ଗୁରୁବାର ରବୀନ୍ଦ୍ରଙ୍କ ସମେତ ୮ଜଣ ୱାର୍ଡ ସଭ୍ୟାସଭ୍ୟଙ୍କୁ ପୋଲିସ ସାନବଡ଼ଗୋପାଳପୁରଠାରୁ ସୁରକ୍ଷା ବଳୟ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟ ଯାଏ ଆଣିଥିଲା। କାର୍ଯ୍ୟାଳୟ ଫାଟକ ନିକଟରେ ରବୀନ୍ଦ୍ରଙ୍କ ପୁଅ ଅଞ୍ଜନ ଓ ସ୍ତ୍ରୀ କନକଲତା ରବୀନ୍ଦ୍ରଙ୍କ ସହ କଥା ହେବାକୁ ଚାହିଁଥିଲେ ଏବଂ ଭୋଟ ଦେବାକୁ ନ ଯିବାକୁ କହିଥିଲେ। ମାତ୍ର ପୋଲିସ ପୁଅକୁ ସେଠାରୁ ବିଦା କରି ଦେଇଥିଲେ। ରବୀନ୍ଦ୍ର ପୁଅ ଓ ପରିବାର ଲୋକଙ୍କ କଥା ନ ଶୁଣି ଅନାସ୍ଥା ଭୋଟ ଦେବାକୁ କାର୍ଯ୍ୟାଳୟ ମଧ୍ୟକୁ ଯାଇଥିଲେ। ବାପା ପରିବାର ଲୋକଙ୍କ କଥା ନ ଶୁଣି ଅନାସ୍ଥା ଭୋଟ ଦେବାକୁ ଯିବା ଓ ପୋଲିସ ବାପାଙ୍କ ସହ କଥା ହେବାକୁ ନ ଦେବାରୁ ଅଞ୍ଜନ ସେଠାରେ ସମସ୍ତଙ୍କ ସାମ୍ନାରେ ବିଷ ପିଇ ଦେଇଥିଲେ। ସକାଳେ ବାପା ନିଖୋଜ ଥିବା ନେଇ ଅଞ୍ଜନ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ୧ ପ୍ଲାଟୁନ ଫୋର୍ସ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା, ଗ୍ରାମାଞ୍ଚଳ ଥାନା, ଆଳି ଥାନା, ରାଜକନିକା ଥାନା ଓ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରି ରହିଥିଲେ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, January 31/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 68 | ମୂଲ୍ୟ ₹୭/-




## କୋଚ୍ ହେବେ ମନୋଜ କୁମାର

ବକ୍ସର ମନୋଜ କୁମାର ଗୁରୁବାର ବକ୍ସିଂରୁ ତାଙ୍କର ଅବସର ଘୋଷଣା ପରେ କୋଚ୍ ହେବାକୁ ନିଷ୍ପତ୍ତି ନେଇଛନ୍ତି।

୧୨

୧୦

## ବଲିଉଡ୍‌ରେ ଡେବ୍ୟୁ କରିବେ ଇବ୍ରାହିମ

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ପୁଅ ଇବ୍ରାହିମ ଅଲୀ ଖାନ୍ ଖୁବ୍‌ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ବୋଲି ଫିଲ୍ମ ନିର୍ମାତା କରନ ଜୋହର କହିଛନ୍ତି।



# ଜଙ୍ଗଲ ନିଆଁ: ଓଡ଼ିଶା ଦ୍ୱିତୀୟ

## ୭ ଦିନରେ ୧୮୧ ସ୍ଥାନରେ ନିଆଁ ଲାଗିଲାଣି



ଜଙ୍ଗଲ ନିଆଁ ଏବେ ବୈଶ୍ୱିକ ପ୍ରସଙ୍ଗ ପାଲଟିଛି। ଏହାଦ୍ୱାରା ପରିବେଶ ଓ ଜଳବାୟୁ ଗୁରୁତର ଭାବେ ପ୍ରଭାବିତ ହେଉଥିବାରୁ ଚିନ୍ତା ବଢ଼ିଛି। ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଥିବା ଜଙ୍ଗଲରେ ପ୍ରତିବର୍ଷ ନିଆଁ ଲାଗୁଥିଲେ ମଧ୍ୟ ଆମେରିକା କାଲିଫର୍ନିଆର ଲସ୍‌ଏଞ୍ଜେଲସ୍‌ଠାରେ ଗତ ୩ ସପ୍ତାହ ଧରି ଲାଗି ରହିଥିବା ବନାଗ୍ନି ବଡ଼ ଚେତାବନୀ ଦେଇଛି। ଇତିମଧ୍ୟରେ ସେଠାରେ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହିତ ଜନବସତି ଜଳିଯାଇଛି। ୨୫ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଛି ଓ ବାୟୁମଣ୍ଡଳ ବିଷାକ୍ତ ହୋଇପଡ଼ିଛି। ଏଭଳିସ୍ଥଳେ ଆମ ପାଇଁ ସତର୍କଘଣ୍ଟି ବାଜିଛି। କାରଣ ଦେଶର ଦ୍ୱିତୀୟ ସର୍ବାଧିକ ଜଙ୍ଗଲ ନିଆଁ ଓଡ଼ିଶାରେ ହିଁ ଘଟିଛି, ଯାହା ରାଜ୍ୟ ସରକାର, ବନ ବିଭାଗ ଓ ରାଜ୍ୟବାସୀଙ୍କ ପାଇଁ ଭୟାନକ ବିପଦର ଆହ୍ୱାନ କରୁଛି।




ଗୁରୁବାର ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁର ସାଟେଲାଇଟ ରିପୋର୍ଟ।

**ଭୁବନେଶ୍ୱର,୩୦।୧(ବନ୍ଦନା ସେଠୀ)**

୨୦୨୩-୨୪ ବନାଗ୍ନି ଋତୁରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଉତ୍ତରାଖଣ୍ଡ ପ୍ରଥମ ଏବଂ ଛତିଶଗଡ଼ ତୃତୀୟ ସ୍ଥାନରେ ରହିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ)ର ରିପୋର୍ଟ ଅନୁଯାୟୀ, ୨୦୨୩ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୩୬,୭୧୩ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୨୦୨୪ରେ ୨୨,୮୬୮ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ☞ପୃଷ୍ଠା-୨

# ଆମେରିକାରେ ବିମାନ-ହେଲିକପ୍ଟର ଧକ୍କା

■ ଅନେକ ମୃତ, ୨୮ ମୃତଦେହ ଠାବ

**ଆର୍ଲିଙ୍ଗଟନ୍,୩୦।୧**



ଆମେରିକା ଏୟାରଲାଇନ୍ସର ଏକ ଜେଟ୍ ବୁଧବାର ୱାଶିଂଟନ ନିକଟ ରୋନାଲ୍ଡ ରେଗାନ ନ୍ୟାଶନାଲ ଏୟାରପୋର୍ଟରେ ଅବତରଣ ବେଳେ ଏକ ସେନା ହେଲିକପ୍ଟରକୁ ଧକ୍କା ଦେଇଛି। ବିମାନରେ ୬୦ ଯାତ୍ରୀ ଏବଂ ୪ କ୍ରିଉ ମେମ୍ବର ଏବଂ ହେଲିକପ୍ଟରରେ ୩ ଜଣ ସୈନ୍ୟ ଥିଲେ। ଦୁର୍ଘଟଣା ପରେ ଉଭୟ ବିମାନ ଏବଂ ହେଲିକପ୍ଟର ନିକଟବର୍ତ୍ତୀ ପୋଟାମାକ୍ ନଦୀରେ ଖସିପଡ଼ିଥିବାବେଳେ ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୨୮ ମୃତଦେହ ମିଳିଛି। ନିଖୋଜ ଥିବା ଯାତ୍ରୀ ଓ କ୍ରିଉ ସଦସ୍ୟମାନଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକର ହେଲିକପ୍ଟର ସହାୟତାରେ ମୃତଦେହ ଖୋଜା ଚାଲିଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ବିମାନରେ ରୁଷିଆର ୧୪ ଜଣ ସ୍କେଟର, ସେମାନଙ୍କ କୋଚ୍ ତଥା ପରିବାର ସଦସ୍ୟ ଥିଲେ। ୱିଚିଟାଠାରେ ୟୁଏସ୍ ଫିଗର ସ୍କେଟିଂ ଚାମ୍ପିୟନଶିପ୍ ପରେ ଏକ ଡେଭେଲପ୍‌ମେଣ୍ଟ କ୍ୟାମ୍ପ୍ ସାରି ସ୍କେଟରମାନେ ଫେରୁଥିଲେ। ଏହି ଦୁଃଖଦ ଘଟଣା ଆମ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି ବୋଲି ୟୁଏସ୍ ଫିଗର ସ୍କେଟିଂ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୨

# 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ଗାଇଡ୍‌ଲାଇନ ଜାରି

## ୧୫ ସୁଦ୍ଧା ଗ୍ରାମସଭା ପ୍ରସ୍ତୁତ କରିବ ୫ ବର୍ଷିଆ ପ୍ରସ୍‌ପେକ୍ଟିଭ ପ୍ଲାନ

**ଭୁବନେଶ୍ୱର,୩୦।୧(ଅନିଲ ଦାସ)**

ଗାଁର ହେବ ବିକାଶ। ବିକଶିତ ହେବ ଗ୍ରାମାଞ୍ଚଳର ଭିତ୍ତିଭୂମି। ଗ୍ରାମ୍ୟ ଅର୍ଥନୀତି ଆଗକୁ ବଢ଼ିବ। ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହେବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ପାଇଁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ପାଇଁ ୨୦୨୪-୨୫ରେ ୧ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାକୁ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗାଇଡ୍ ଲାଇନ ଜାରି କରାଯାଇଛି। ବିଭାଗୀୟ ସଚିବ ଏସ୍.ଏନ୍. ଗିରିଶ ଏ ନେଇ ଜିଲାପାଳମାନଙ୍କୁ ଅବଗତ କରାଇଛନ୍ତି। ପ୍ରକାଶିତ ଗାଇଡ୍‌ଲାଇନ ଅନୁଯାୟୀ ଏହି ନୂଆ ଯୋଜନା ଅଧୀନରେ ଗ୍ରାମାଞ୍ଚଳର ଦୀର୍ଘକାଳୀନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଜଳବାୟୁ ବିସ୍ଥାପନ ଓ ସ୍ୱାସ୍ଥ୍ୟ ସଙ୍କଟ







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଶାୟେଁ ପକ୍ଷରୁ ୧୧ତମ ଶିଶୁ ଉତ୍ସବ, ସ୍ଥାନ: ପ୍ରଗତି କେନ୍ଦ୍ର, ୟୁନିଟ୍-୨, ପୁରୁଣା ପ୍ରାଇମାରୀ ସ୍କୁଲ ପଡ଼ିଆ ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡଷ୍ଟ୍ରିଆଲ ମିଟ୍, ସ୍ଥାନ: ଦି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରାବଣୀ କ୍ରିଏଶନର ଉଦ୍‌ଘାଟନୀ, ସ୍ଥାନ: ଲାଇଫ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- ଗୀତାଞ୍ଜଳି ପକ୍ଷରୁ ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ନାଟକ 'ମାଧବ ସନ୍ଧାନେ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃଭବନ ବାରଦା, ସମୟ: ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ମାସ ଉଦଯାପନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ ସମ୍ମୁଖ ରାସ୍ତା, ସମୟ: ସକାଳ ସାଢେ ୮ଟା।
- ଦେଓପଡ଼ା ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମା' ସରସ୍ୱତୀ ଶିକ୍ଷା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଅନୁଗୋଳ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଅନୁଗୋଳ କଦମ ପଡିଆ, ସମୟ: ପୂର୍ବାହ୍ନ ୯ଟା ଓ ଅପରାହ୍ନ-୧ଟା ୩୦।
- ସଡ଼କ ସୁରକ୍ଷା ମାସ ଶେଷ ଦିବସ, ସ୍ଥାନ: ଅନୁଗୋଳ ବ୍ଲକ ଡାଇମଣ୍ଡ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଆରପିଡବ୍ଲୁଡି ଆକ୍ଟ ୨୦୧୬କୁ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ବିଷମ କଟକ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଦିବ୍ୟଦର୍ଶନ ସଂଘର ସତ୍‌ସଙ୍ଗ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ତାମିଲଗୁଡ଼ା, ଗୁଣପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ଜାତୀୟ ସଡକ ସୁରକ୍ଷା ସଚେତନା ଉଦ୍‌ଯାପିତ, ସ୍ଥାନ: ନବରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ ବେଲଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ ଖାଇରିବାଡି ହାଇସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଝରିଗାଁ ସରକାରୀ ପଞ୍ଚାୟତ ନୋଡ଼ାଲ ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୨ଟା।
- ଅଙ୍ଗନୱାଡି କର୍ମୀଙ୍କ ବନ୍ଧୁ ମିଳନ, ସ୍ଥାନ: ଧୋଡ୍ରାସ୍ଥିତ ବିଡ୍ରି ମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ଡିଏନ୍‌କେସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ଜିଲା ନାଗରିକ କମିଟିରେ ଖବରଦାତା ସମ୍ମିଳନୀ, ସ୍ଥାନ: ତୃପ୍ତି ଲଜ୍, ସମୟ: ରାତି ୮ଟା।

## କୋରାପୁଟ
- ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ସମୀକ୍ଷା ବୈଠକ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମାଲକାନଗିରି
- ବାର୍ଷିକ ଉତ୍ସବ, ସ୍ଥାନ: ଗୋବିନ୍ଦପାଲିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସର୍ବଭାରତୀୟ କର୍ନେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ ସକାଶେ ଜିଲା କ୍ରୀଡା ସଂଘର ପ୍ରସ୍ତୁତି ବୈଠକ ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୦ଟା।
- ପିତୃହୀନ ଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଆରଡିସି ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା।
- ୪୪ତମ ପ୍ରଫୁଲ୍ଲ ରାଉତରାୟ ସ୍ମାରକୀ ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ହୀରାକୁଦ, ସମୟ : ଅପରାହ୍ନ ୪ଟା।

## ବଲାଙ୍ଗୀର
- ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା ଆୟୋଜନ, ସ୍ଥାନ: ଲାଠୋର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ପାତାଳୀ ମହୋତ୍ସବ ୫୬ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ : କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ : ସକାଳ ୯ଟା।
- ସୋନପୁର ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁବଳୟା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ମନ୍ଦିର ପରିସର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୬ ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: ମେଣ୍ଢିଲିପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦାଦରପାଲି କ୍ରିକେଟ କପ୍‌ର ଫାଇନାଲ, ସ୍ଥାନ: ଦାଦରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା।
- ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ, ସ୍ଥାନ: କେନ୍‌ଝିରିଆପାଲି ହାଇସ୍କୁଲ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' ବନଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ପିତାମହୁଲ, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବୀରମହାରାଜପୁର ଶିଶୁ ମନ୍ଦିର, ସମୟ: ସନ୍ଧ୍ୟା ୫ଟା।

## ଝାରସୁଗୁଡ଼ା
- କାମଳ ରୋଗ ପାଇଁ ସଚେତନତା ଶିବିର, ସ୍ଥାନ: ପାଞ୍ଚଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନବ ଦାସ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାମାୟଣ ପୁରାଣ ପଠନର ପୂର୍ଣ୍ଣାହୁତି ଓ ପୂଜା, ସ୍ଥାନ: ପୂଝାରୀପାଲି ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଏକଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଲଦା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- କୁଆଁରମୁଣ୍ଡା ପଞ୍ଚାୟତ ସମିତି ସାଧାରଣ ବୈଠକ,ସ୍ଥାନ:ପଞ୍ଚାୟତ ସମିତି ସଭାଗୃହ, କୁଆଁରମୁଣ୍ଡା, ସମୟ:ସକାଳ ୧୦ଟା।
- ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ସ୍କୁଲ ପରିସର,ସମୟ:ପୂର୍ବାହ୍ନ୧୦ଟା୩୦।
- ସୁନ୍ଦରଗଡ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ୧୧ଟା।

## ରାଉରକେଲା
- ସରଣା କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ସେକ୍ଟର--୬, ସମୟ: ସକାଳ ୮ଟା।
- ଛେଣ୍ଡ ହାଉସିଂ କଲୋନୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଶନିଦେବଙ୍କ ମୂର୍ତ୍ତି ସ୍ଥାପନା ଓ ପ୍ରତିଷ୍ଠା ସମାରୋହର ୨ୟ ଦିବସ, ସ୍ଥାନ: ଗୋପବନ୍ଧୁପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷା ପକ୍ଷରୁ ସାମୂହିକ ଜନ୍ମଦିନ, ସ୍ଥାନ: ସୁବାଷ ପାର୍କ, ଉଦିତନଗର, ସମୟ: ଅପରାହ୍ନ ୪ଟା।
- ହକି ଇଣ୍ଡିଆ ଲିଗ୍‌ର ସେମିଫାଇନାଲ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀରେ ସଚେତନତା ବାଇକ୍ ରାଲି, ସ୍ଥାନ: ଏସ୍‌ପି ଅଫିସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଥୁଆମୂଳ ରାମପୁର, ସମୟ: ସକାଳ ୧୦ଟା ୩୦।
- ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତର୍ଜାତିକ ଆଲୋଚନାଚକ୍ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଷ୍ଟେପିଂ ଷ୍ଟୋନ ଇଂଲିଶ ମିଡିୟମ ସ୍କୁଲର ୨୦ ତମ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ଶୁଭ ମଣ୍ଡପ ମାଣିକେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଦେଶିକ କ୍ରୀଡ଼ା ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଯୁବ ଜାଗରଣ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସକାଳ ୮ଟା।
- ଯୋଗ ବେଦାନ୍ତ ସେବାସମିତି ପକ୍ଷରୁ ମାତୃପିତୃ ପୂଜନ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ବେଲଟୁକୁରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଯୋଗ ବେଦାନ୍ତ ସେବା ସମିତି ଜାମଲି ପକ୍ଷରୁ ମାତୃପିତୃ ପୂଜନ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲଟୁକୁରି, ସମୟ: ଅପରାହ୍ନ ୨ଟା।
- ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ୪୨ତମ ବାର୍ଷିକ ଉତ୍ସବ, ସ୍ଥାନ: ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

## ବୌଦ୍ଧ
- ଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ର ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ବିଗ୍ରହ ନ୍ୟାସ,ସ୍ଥାନ: ନାରାୟଣନଗର ଗ୍ରାମ,ବୌଦ୍ଧ,ସମୟ:ସକାଳ ୯ଟା।
- ତୃତୀୟ ହରଭଙ୍ଗା ଲୋକ ମହୋତ୍ସବ ଉଦଯାପନୀ ଉତ୍ସବ, ସ୍ଥାନ:ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା,ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶରେ ଶନି ସହ ଚନ୍ଦ୍ର ସଂଯୋଗ ଆପଣଙ୍କ ପାଇଁ ଶୁଭଫଳ ପ୍ରଦାନ କରିବେ। ନିକଟ ସମ୍ପର୍କୀୟମାନଙ୍କ ସାଦର ସମ୍ବର୍ଦ୍ଧନାରୁ ଖୁସି ରହିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ**
ସାଧାରଣ କଥାକୁ କେନ୍ଦ୍ରକରି ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନିକ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସହଯୋଗ ଫଳରେ ଭ୍ରାତୃବିବାଦ ତୁଟିଯିବ। ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ହଜିଯିବାର ଆଶଙ୍କା ରହିଛି।

**ମିଥୁନ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇପାରିବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନବଳାଇ କର୍ମମୁଖର ହୋଇପାରନ୍ତି।

**କର୍କଟ**
ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ଆଜି ବାସ୍ତବରେ ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ କାରଣରୁ କାମ ସ୍ଥଗିତ ରହିଯାଇପାରେ। ଅଫିସରେ ଉପରିସ୍ଥଙ୍କ ବାଧ ବାଧକତାରେ କେତେକ କାମ କରିବାକୁ ପଡିବ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ**
ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, ଯାହାକି କାର୍ଯ୍ୟର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ତଥାପି ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ପରିବାର ସହମତି ବିନା ବନ୍ଧୁଙ୍କ ପରାମର୍ଶରେ କୌଣସି କାମ ସକାଶେ ମନ ବଳାଇପାରନ୍ତି। ଖଳ ଲୋକଙ୍କ କଥାରେ ଭୁଲ୍ ମାର୍ଗ ଅନୁସରଣ କଲେ ହଇରାଣ ହେବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା**
ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବ୍ୟଥିତ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ ଓ ସାମ୍ବାଦିକତାରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ।

**ଧନୁ**
ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେଇପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ନ ରହି ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ବାକି ରହିଥିବା ଟଙ୍କା ପାଇବାରେ ଆଜି କୌଣସି ପ୍ରକାର ଅସୁବିଧା ହେବ ନାହିଁ।

**ମକର**
ମାନସିକ ଅଶାନ୍ତି ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ଶାନ୍ତି ଫେରିଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ପାଇବେ। ଜମିଜମା କିମ୍ବା କଚେରି ମାମଲାରେ ଆଶାଜନକ ଫଳ ମିଳିପାରେ। ଜମି କିଣାବିକା କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ମୀନ**
ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜାନୁଆରୀ ୩୧ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତୃତୀୟାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୬ ଗତେ ଘ.୦୭.୫୫ ମଧ୍ୟେ ଅମୃତବେଳା। ଦିବା ଘ.୧୦.୫୬ ଗତେ ଘ.୦୧.୦୭ ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୧.୨୩ ଗତେ ଘ.୦୨.୪୭ ମଧ୍ୟେ ରାହୁ କାଳ।

## ଉଠିବ ମହାକୁମ୍ଭ...

ପ୍ରଥମ ପୃଷ୍ଠାରୁ...

ଭାବେ ବଜେଟ ଅଧିବେଶନରେ ଅନେକ ପ୍ରସଙ୍ଗ ଝଡ଼ ସୃଷ୍ଟି କରିପାରେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଫେବୃଆରୀ ୧ରେ ସଂସଦରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏହା ତାଙ୍କର ଲଗାତର ଅଷ୍ଟମ ବଜେଟ ହେବାକୁ ଯାଉଛି। ଏହା ପୂର୍ବରୁ ଶୁକ୍ରବାର ୨୦୨୪-୨୫ ଆର୍ଥିକବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବ। ଏହି ଅଧିବେଶନରେ ଅର୍ଥ ବିଲ୍-୨୦୨୫, ୱାକ୍‌ଫ, ବ୍ୟାଙ୍କିଙ୍ଗ୍ ରେଗୁଲେଶନ୍ସ ଆକ୍ଟ ଏବଂ ଇଣ୍ଡିଆନ୍ ରେଲୱେଜ୍ ବୋର୍ଡ ଆକ୍ଟ ସମେତ ମୋଟ ୧୬ଟି ବିଧେୟକ ଉପସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି। ପୂର୍ବ ଅଧିବେଶନ ବେଳେ ଆଗତ ହୋଇ ବିତର୍କ ଅପେକ୍ଷାରେ ଥିବା ଅନ୍ୟ ୧୦ଟି ବିଧେୟକ ଉପରେ ମଧ୍ୟ ବିଚାର କରାଯାଇପାରେ। ଏଥିଲାଗି ସରକାରଙ୍କ ପକ୍ଷରୁ ଗୁରୁବାର ସର୍ବଦଳୀୟ ବୈଠକ ଡକାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ଜେ.ପି. ନଡ୍ଡା, ଅର୍ଜୁନ ରାମ ମେଘୱାଲ ଏବଂ ଏଲ୍. ମରୁଗାନ୍ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) କେନ୍ଦ୍ରର ମହତ୍ୱାକାଂକ୍ଷୀ 'ୱାନ୍ ନେଶନ୍ ୱାନ୍ ଇଲେକ୍ସନ' ବିଲ୍‌କୁ ନେଇ ପ୍ରଶ୍ନ ଉଠାଇଛି। ଲୋକ ସଭା ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ଉଦ୍ଦିଷ୍ଟ ଉକ୍ତ ବିଲ୍‌କୁ ଏତେ ତରବରିଆ ଭାବେ ଆଗତ କରାଯିବା ଅନୁଚିତ। ବରଂ ଏହା ପୂର୍ବରୁ ବିସ୍ତୃତ ବିଚାରବିମର୍ଶ ଲୋଡ଼ା ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ କହିଛି। 'ୱାନ୍ ନେଶନ୍, ୱାନ୍ ଇଲେକ୍ସନ ବିଲ୍' ସଂସଦର ଶୀତ ଅଧିବେଶନ ବେଳେ ଉପସ୍ଥାପିତ ହୋଇଥିବାବେଳେ ଯାଞ୍ଚ ପାଇଁ ୩୯ଜଣିଆ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି। ଜେଡିୟୁ ଏମ୍‌ପି ସଞ୍ଜୟ କୁମାର ଝା ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ପ୍ରସ୍ତାବିତ ଏକକାଳୀନ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବିଲ୍‌କୁ କାର୍ଯ୍ୟକାରୀ କରାଇବା ଲାଗି ତରବର ହେବା ଅନୁଚିତ। ସେହିପରି ଏନ୍‌ଡିଏର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଗୃହରେ ଆସନ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ କହିଛନ୍ତି, ସଦସ୍ୟମାନଙ୍କ ବସିବା ବ୍ୟବସ୍ଥା ଉପରେ ଏକତରଫା ଭାବେ ନିଷ୍ପତ୍ତି ନିଆଯାଇଛି।

କଂଗ୍ରେସର ଜୟରାମ ରମେଶ, କେ. ସୁରେଶ, ବାମପନ୍ଥୀ ନେତା ଜନ୍ ବ୍ରିଟ୍ଟାସ୍, ପି. ସନ୍ଦୋଶ କୁମାର, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟ, ଡେରେକ୍ ଓ'ବ୍ରାଏନ୍ ମଧ୍ୟ ବୈଠକରେ ଯୋଗଦେଇଥିଲେ। ଗୌରବ, ବ୍ରିଟ୍ଟାସ୍, ସୁଦୀପଙ୍କ ସମେତ ଅନେକ ବିରୋଧୀ ନେତା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୱାକ୍‌ଫ ସଂଶୋଧନ ବିଲ୍ ସମ୍ପର୍କିତ ପ୍ୟାନେଲର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ୱାକ୍‌ଫ ପ୍ୟାନେଲ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନଙ୍କୁ ନିଲମ୍ବନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜେପିସିର ପ୍ରୋସିଡିଂ 'ଗଣତନ୍ତ୍ରକୁ ଉପହାସ' ଏବଂ 'ପ୍ରହସନ କସରତ' ବୋଲି ସେମାନେ ସମାଲୋଚନା କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ସମାଜବାଦୀ ପାର୍ଟି (ଏସ୍‌ପି)ର ରାମଗୋପଳ ଯାଦବ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବୁଧବାର ଦଳାଚକଟାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ୟୁପି ସରକାର ୨୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଥିବାବେଳେ କ୍ଷତିପୂରଣ ପରିମାଣ ବଢ଼ାଇବା ପାଇଁ ବୈଠକରେ ରାମଗୋପାଳ ଦାବି କରିଥିଲେ, ଯାହାକୁ ଅନ୍ୟ ବିରୋଧୀ ନେତାମାନେ ସମର୍ଥନ କରିଥିଲେ। ରାମଗୋପାଳ କହିଥିଲେ, ପରିଚାଳନା ପରିବର୍ତ୍ତେ ଆତ୍ମପ୍ରୋତ୍ସାହନକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ମେଳାରେ ଏଭଳି ଅଭାବନୀୟ ଘଟଣା ଘଟିଲା। ସେହିପରି ପାର୍ଲାମେଣ୍ଟରେ ଶାସକ ଦଳର ନେତାମାନଙ୍କୁ କହିବା ପାଇଁ ଅଧିକ ସୁଯୋଗ ଦିଆଯିବା ଉପରେ ମଧ୍ୟ ଅନେକ ବିରୋଧୀ ଏମ୍‌ପି ଆପତ୍ତି ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମରେ ପରିବର୍ତ୍ତନ ପ୍ରସ୍ତାବକୁ ମଧ୍ୟ ସେମାନେ ବିରୋଧ କରିଥିଲେ। ବୈଠକରେ ଆର୍‌ଏସ୍‌ପି ଏମ୍‌ପି ଏନ୍.କେ. ପ୍ରେମଚନ୍ଦ୍ରନ୍, ବିଜେଡିର ସସ୍ମିତ ପାତ୍ର, ଡିଏମ୍‌କେର ଟି.ଆର୍. ବାଲୁ, ଜେଏମ୍‌ଏମ୍ ଏମ୍‌ପି ମହୁଆ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗଣମାଧ୍ୟମକୁ କହିଛନ୍ତି, କେନ୍ଦ୍ରୀୟ ବଜେଟ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଦଳର ନେତା ଅନେକ ପ୍ରସଙ୍ଗ ଉଠାଇଛନ୍ତି। ବଜେଟ ଅଧିବେଶନ ଆରମ୍ଭ ହେବା ପରେ ମହାକୁମ୍ଭ ମେଳା ସମେତ ଆଉ କେଉଁ ବିଷୟଗୁଡ଼ିକ ଉପରେ ଆଲୋଚନା ହେବ ତାହା ବିଜ୍‌ନେସ୍ ଆଡଭାଇଜରି କମିଟି (ବିଏସି) ସ୍ଥିର କରିବ। ଇତିମଧ୍ୟରେ କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଛନ୍ତି, କୁମ୍ଭର ରାଜନୀତିକରଣ କରାଯାଉଥିବାରୁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଧର୍ମୀୟ ସମାବେଶ ଶାସକ ଭାଜପାର ଭିଆଇପିମାନଙ୍କ ମେଳା ପାଲଟିଛି। କଂଗ୍ରେସ ଏହି ପ୍ରସଙ୍ଗ ଉଠାଇବ। ସେହିପରି କୃଷକଙ୍କ ସମସ୍ୟା, ସାଧାରଣ ଜନତା ଭୋଗୁଥିବା ଅସୁବିଧା ଆଦିକୁ ବିରୋଧୀ ଇଣ୍ଡିଆ ବ୍ଲକ୍ ପ୍ରସଙ୍ଗ କରି ସରକାରଙ୍କୁ ଘେରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜଙ୍ଗଲ ନିଆଁ...

୨୦୨୩ ଅନୁପାତରେ ଗତବର୍ଷ ରାଜ୍ୟରେ କମ୍ ନିଆଁ ଲାଗିଥିଲେ ମଧ୍ୟ ଏବର୍ଷ ଏଥିରେ ରୋକ୍ ଲଗାଇବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଖରାଦିନ ଆରମ୍ଭ ନ ହେଉଣୁ ଏବେଠାରୁ ରାଜ୍ୟର ଅନେକ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହେଲାଣି। ଗତ ସପ୍ତାହକ ମଧ୍ୟରେ ରାଜ୍ୟର ୧୮୧ଟି ସ୍ଥାନରେ ନିଆଁ ଲାଗିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜାନୁଆରୀ ୨୪ରେ ୧୪ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୨୫ ତାରିଖରେ ୧୬, ୨୬ରେ ୩୫, ୨୭ରେ ୩, ୨୮ରେ ୭୬, ୨୯ରେ ୧୭ ଏବଂ ୩୦ ତାରିଖରେ ୨୦ଟି ସ୍ଥାନରେ ନିଆଁ ଲାଗିଛି। ଏଥିମଧ୍ୟରେ କନ୍ଧମାଳ ଜିଲାର ବାଲିଗୁଡା ଓ କନ୍ଧମାଳ ଫରେଷ୍ଟ ଡିଭିଜନ, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଡିଭିଜନରେ ସର୍ବାଧିକ ନିଆଁ ଲାଗିଥିବା ଜଣାପଡିଛି।

ଗତବର୍ଷର ରିପୋର୍ଟକୁ ଦେଖିଲେ, ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ୨୨,୮୬୮ଟି ପଏଣ୍ଟ ବା ସ୍ଥାନରେ ନିଆଁ ଲାଗିଥିଲା। କୋରାପୁଟ ସର୍କଲର ରାୟଗଡ଼ା ଡିଭିଜନରେ ସର୍ବାଧିକ ୨୯୩୦ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୭୦୬ଟି ସ୍ଥାନରେ ଦିନକରୁ ଅଧିକ ସମୟ ଧରି ରହିଥିଲା। ସେହିପରି ମାଲକାନଗିରି ଡିଭିଜନର ୨,୮୬୨ଟି ସ୍ଥାନ, ବାଲିଗୁଡା ଡିଭିଜନର ୨,୫୩୦ଟି, କୋରାପୁଟ ଡିଭିଜନର ୧,୨୩୪ଟି, କଳାହାଣ୍ଡି (ଦକ୍ଷିଣ) ଡିଭିଜନର ୧,୧୧୬ଟି, ପାରଳାଖେମୁଣ୍ଡି ଡିଭିଜନର ୯୨୧ଟି, ଜୟପୁରର ୮୬୭ଟି, କଳାହାଣ୍ଡି (ଉତ୍ତର)ର ୭୯୩ଟି, କେନ୍ଦୁଝରର ୭୬୯ଟି, ନବରଙ୍ଗପୁରର ୭୧୮ଟି ସ୍ଥାନ ଭଳି ୫୧ଟି ଫରେଷ୍ଟ ଡିଭିଜନ୍‌ର ୨୨,୮୬୮ଟି ସ୍ଥାନରେ ନିଆଁ ଲାଗିଥିଲା। ସେଥିମଧ୍ୟରୁ ୬,୦୪୭ଟି ସ୍ଥାନରେ ଦିନକରୁ ଅଧିକ ସମୟ ଧରି ନିଆଁ ଲାଗି ରହିଥିଲା।

ବିଭିନ୍ନ କାରଣରୁ ଓଡ଼ିଶାର ଜଙ୍ଗଲରେ ନିଆଁ ଲାଗୁଛି। କନ୍ଧମାଳ, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଭଳି ବାରମ୍ବାର ନିଆଁ ଲାଗୁଥିବା ଅଞ୍ଚଳର ଅଧିବାସୀମାନେ ପୋଡୁଚାଷ ପାଇଁ ନିଆଁ ଲଗାଇବା ସମୟରେ ଏହା ବିଭିନ୍ନ ଅଞ୍ଚଳକୁ ବ୍ୟାପୀ ଯାଇଥାଏ। ସେହିଭଳି ବନାଞ୍ଚଳରେ ରହୁଥିବା ଅଧିକାରୀ, ଶିକାରୀ ଓ ପର୍ଯ୍ୟଟକଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲାଗୁଥିବା କୁହାଯାଉଛି। ତେବେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଯଥେଷ୍ଟ ହୋଇପାରୁ ନାହିଁ। ଫାୟାର ଆକ୍ସନ ପ୍ଲାନ, ଫାୟାର ଲାଇନ୍ କିମ୍ବା ସଚେତନତା ଆଦି କାର୍ଯ୍ୟକ୍ରମ କରାଯାଉଛି। ସେହିପରି ଏଫ୍‌ଏସ୍‌ଆଇ ପକ୍ଷରୁ ୨୦୦୪ ମସିହାରୁ ସାଟେଲାଇଟ୍ ଜରିଆରେ ନିଆଁ ଲାଗିଥିବା ସ୍ଥାନ ଚିହ୍ନଟ କରାଯାଉଛି। ଏସ୍‌ଏନ୍‌ପିପି ଏବଂ ଏମ୍‌ଓଡିଆଇଏସ୍ (ମୋଡିସ୍) ସାଟେଲାଇଟ୍ ଦିନରେ ୪ଥର ଅର୍ଥାତ୍ ପୂର୍ବାହ୍ନ ୧୦ଟା, ଅପରାହ୍ନ ୧ଟା, ରାତି ୧୦ଟା ଏବଂ ରାତି ୧ଟାରେ ଫଟୋ ଉଠାଇ ବନ ବିଭାଗ ପାଖକୁ ପଠାଇଥାଏ। ମାତ୍ର ସାଟେଲାଇଟ୍‌ରୁ ଫଟୋ ପାଇ ତାହାକୁ ଲିଭାଇବାକୁ ଗଲାବେଳକୁ ନିଆଁ ବ୍ୟାପିଯାଉଛି। ଫଳରେ ଏହାକୁ ଆୟତ୍ତ କରିବା ବିଭାଗ ପାଇଁ କଷ୍ଟକର ହୋଇପଡୁଛି। ଅପରପକ୍ଷେ ସାତକୋଶିଆ, ଢେଙ୍କାନାଳର ହିନ୍ଦୋଳ, ଅନୁଗୋଳର ବନ୍ତଲା, ଡେବ୍ରିଗଡ଼ ଭଳି ଜଙ୍ଗଲରେ ଏଆଇ କ୍ୟାମେରା ଲାଗିବା ନେଇ ପ୍ରସ୍ତାବ ରହିଥିଲା। ମାତ୍ର ଆଜିଯାଏ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏଆଇ କ୍ୟାମେରା ଲାଗିଲେ ଜଙ୍ଗଲ ନିଆଁ ସମେତ ଜୀବଜନ୍ତୁ ଶିକାର, ଶିକାରୀଙ୍କ ଗତିବିଧି ଏବଂ ଅନ୍ୟାନ୍ୟ ଦିଗ ଉପରେ ନଜର କରିହେବ। ମାତ୍ର ବନ ବିଭାଗ ଏ ଦିଗରେ ଯଥେଷ୍ଟ ଧ୍ୟାନ ଦେଉ ନ ଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏନେଇ ପିସିସିଏଫ୍ ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ଜାନୁଆରୀରୁ ଜୁନ୍ ମଧ୍ୟଭାଗ ପର୍ଯ୍ୟନ୍ତ ସାଧାରଣତଃ ଜଙ୍ଗଲରେ ନିଆଁ ଲାଗିଥାଏ। ତେବେ ମାର୍ଚ୍ଚରୁ ଏପ୍ରିଲ୍ ହେଉଛି ଜଙ୍ଗଲ ନିଆଁର ପିକ୍ ସମୟ। ଜଙ୍ଗଲ ନିଆଁ ପାଇଁ ବନବିଭାଗ ଯଥେଷ୍ଟ ସଚେତନ ରହିଛି। ପ୍ରତ୍ୟେକ ଜିଲାରେ ଫାୟାର ଆକ୍ସନ ପ୍ଲାନ ସହିତ ଫାୟାର ଲାଇନ୍ ତିଆରି କରାଯାଉଛି। ଫାୟାର ଲାଇନ୍ ଅନ୍ତର୍ଗତ ଜଙ୍ଗଲ ମଧ୍ୟରେ ଗୋଟେ ଗୋଟେ ସ୍ଥାନରେ ଘାସକୁ କାଟିଦିଆଯାଏ। ଏହାଦ୍ୱାରା ଜଙ୍ଗଲରେ ନିଆଁ ଲାଗିଲେ ତାହା ବ୍ୟାପିବାରେ ସମର୍ଥ ହୋଇ ନ ଥାଏ। ସାଟେଲାଇଟ୍ ଜରିଆରେ ନିଆଁ ଲାଗିବା ନେଇ ସୂଚନା ପାଇଲେ ତୁରନ୍ତ ତାହା ଆପ୍ ମାଧ୍ୟମରେ ବନ କର୍ମଚାରୀଙ୍କ ପାଖକୁ ମେସେଜ୍ ଯାଇଥାଏ। ଏଥିପାଇଁ ୭ହଜାର ପଞ୍ଜୀକୃତ ମୋବାଇଲ ରହିଛି। ନିଆଁ ଲିଭାଯିବା ପରେ ଫଟୋ ଉଠାଇ ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯାଉଛି। ରାଜ୍ୟରେ ୨୭୦ ଫାୟାର ସ୍କ୍ୱାଡ୍ ରହିଛନ୍ତି। ଗାଡ଼ି ସମେତ ସେମାନଙ୍କୁ ସୁରକ୍ଷା କିଟ୍ ପ୍ରଦାନ କରାଯାଉଛି। ଏବେ କେବଳ ଶିମିଳିପାଳ ଜଙ୍ଗଲରେ ୫ଟି ଏଆଇ କ୍ୟାମେରା ଲାଗିଥିବାବେଳେ ଖୁବ୍‌ଶୀଘ୍ର ସାତକୋଶିଆ, ହିନ୍ଦୋଳ ଏବଂ ଅନ୍ୟାନ୍ୟ ପ୍ରସ୍ତାବିତ ଅଞ୍ଚଳରେ ଏଆଇ କ୍ୟାମେରା ଲଗାଯିବ ବୋଲି ବିଶ୍ୱାଳ କହିଛନ୍ତି।

## ଆମେରିକାରେ ବିମାନ...

ସଂଘୀୟ ବିମାନ ଚଳାଚଳ ପ୍ରଶାସନର ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ବୁଧବାର ରାତି ୯ଟା ପୂର୍ବରୁ ହ୍ୱାଇଟ୍ ହାଉସ୍ ଏବଂ କ୍ୟାପିଟୋଲ୍‌ଠାରୁ ମାତ୍ର ୩ ମାଇଲ୍ ଦୂରରେ ଏହି ଦୁର୍ଘଟଣା ଘଟିଛି। ଆଞ୍ଚଳିକ ବିମାନଟି ରେଗାନ ନ୍ୟାଶନାଲ ଏୟାରପୋର୍ଟରେ ଅବତରଣ ସମୟରେ ପ୍ରଶିକ୍ଷଣ ଉଡ଼ାଣରେ ଥିବା ସେନା ହେଲିକପ୍ଟରକୁ ଧକ୍କା ଦେଇଥିଲା। ସେତେବେଳେ ବିମାନଟି ପ୍ରାୟ ୪୦୦ ମିଟର ଉଚ୍ଚରେ ଥିବାବେଳେ ଏହାର ବେଗ ଘଣ୍ଟାପ୍ରତି ୧୪୦ ମାଇଲ୍ ଥିଲା ବୋଲି ରେଡିଓ ଟ୍ରାନ୍ସପଣ୍ଡର ତଥ୍ୟରୁ ଜଣାପଡ଼ିଛି। ରେଗାନ ନ୍ୟାଶନାଲ ଏୟାରପୋର୍ଟର ୩୩ ନମ୍ବର ରନ୍‌ୱେରେ ବିମାନ ଅବତରଣ ପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଅନୁମତି ଦେଇଥିଲେ। ଦୁର୍ଘଟଣାର ୩୦ ସେକେଣ୍ଡରୁ କମ୍ ସମୟ ପୂର୍ବରୁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ହେଲିକପ୍ଟରକୁ ପଚାରିଥିଲେ, ବିମାନ ଅବତରଣ କରୁଥିବାର ଦେଖିପାରୁଛି କି? ମୁହୂର୍ତ୍ତକ ପରେ କଣ୍ଟ୍ରୋଲର ହେଲିକପ୍ଟରକୁ ଆଉ ଏକ ରେଡିଓ କଲ୍‌ରେ 'ପିଏଟି ୨୫ ପାସ୍ ବିହାଇଣ୍ଡ ଦି ସିଆର୍‌ଜେ' ବୋଲି କହିଥିଲେ। ଏହାର କେଇ ସେକେଣ୍ଡ ପରେ ୨ ବିମାନ ମଧ୍ୟରେ ଧକ୍କା ହୋଇଥିଲା। ରନ୍‌ୱେର ୨,୪୦୦ ଫୁଟ୍ ପୂର୍ବରୁ ଅର୍ଥାତ୍ ନଦୀର ମଧ୍ୟଭାଗରେ ବିମାନର ରେଡିଓ ଟ୍ରାନ୍ସପଣ୍ଡର ବନ୍ଦ ହୋଇଯାଇଥିଲା। ବିମାନ ଦୁଇଟି ଧକ୍କା ହେବା ପରେ ଜଳିଯାଇଥିବା ନିକଟସ୍ଥ କେନେଡି ସେଣ୍ଟରରେ ଥିବା ଅବଜରଭେଶନ କ୍ୟାମେରା ଭିଡିଓରୁ ଦେଖିବାକୁ ମିଳିଛି।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା'...

ବିକାଶ ପାଇଁ ରାସ୍ତା, ସେତୁ, ସ୍କୁଲଘର, କ୍ରୀଡ଼ା, ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଭଳି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ୩୫ ପ୍ରତିଶତ ଅନୁଦାନ କେବଳ ଗ୍ରାମାଞ୍ଚଳ ସଡ଼କ ବିକାଶ ପାଇଁ ବ୍ୟବହାର କରାଯିବାକୁ ଥିବାବେଳେ ୪୦ ପ୍ରତିଶତ ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି(ଆଇଟିଡିଏ) ଅଧୀନରେ ଆସୁଥିବା ବ୍ଲକଗୁଡ଼ିକରେ ଖର୍ଚ୍ଚ କରାଯିବ। ତତ୍କାଳୀନ ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୨୦ ପ୍ରତିଶତ ଖର୍ଚ୍ଚ ହୋଇଥିବା ପ୍ରକଳ୍ପଗୁଡ଼ିକୁ ମଧ୍ୟ ଏହି ନୂତନ ଯୋଜନାରେ ସମ୍ପୂର୍ଣ୍ଣ କରାଯିବ। ପ୍ରତ୍ୟେକ ବର୍ଷ ଫେବୃଆରୀ ୧୪ ସୁଦ୍ଧା ଗ୍ରାମସଭା ୫ ବର୍ଷିଆ ପ୍ରସ୍‌ପେକ୍ଟିଭ ଯୋଜନା ପ୍ରସ୍ତୁତ କରିବେ। ଏହାକୁ ଆଧାର କରି ବ୍ଲକଗୁଡ଼ିକ ଫେବୃଆରୀ ୧୮ ସୁଦ୍ଧା ବାର୍ଷିକ ଯୋଜନା ପ୍ରସ୍ତୁତ କରିବେ। ଗ୍ରାମପଞ୍ଚାୟତ ଦ୍ୱାରା ଦାଖଲ କରାଯାଇଥିବା ପ୍ରକଳ୍ପଗୁଡ଼ିକୁ ବ୍ଲକସ୍ତରରେ ଏକ ବୈଷୟିକ କମିଟି ଦ୍ୱାରା ଯାଞ୍ଚ କରାଯିବ। ପଞ୍ଚାୟତ ସମିତି ପକ୍ଷରୁ ସେହି ପ୍ରକଳ୍ପଗୁଡ଼ିକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ଫେବୃଆରୀ ୨୦ ତାରିଖ ସୁଦ୍ଧା ଜିଲାପାଳଙ୍କ ନିକଟରେ ଦାଖଲ କରାଯିବ। ଏହି ଯୋଜନାରେ ସର୍ବନିମ୍ନ ପ୍ରକଳ୍ପମୂଲ୍ୟ ୩ଲକ୍ଷ ଟଙ୍କା ରଖାଯାଇଛି। ସର୍ବାଧିକ କେତେ ଖର୍ଚ୍ଚ ହେବ ତାହା ଉଲ୍ଲେଖ କରାଯାଇ ନାହିଁ। ଏସବୁ ପ୍ରକଳ୍ପବେଳେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛଭାରତ ଯୋଜନାରେ ଶୌଚାଳୟ ଓ ଜଳଜୀବନ ମିଶନରେ ପାଇପଯୋଗେ ପାନୀୟ ଜଳ ଯୋଗାଣ ସଂଯୋଗ ମଧ୍ୟ ଦିଆଯାଇପାରିବ ବୋଲି ଗାଇଡ୍‌ଲାଇନରେ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏହି ଯୋଜନା ଅର୍ଥ ଖର୍ଚ୍ଚ କରିବେ। ପଞ୍ଚାୟତିରାଜ ବିଭାଗରୁ ସିଧାସଳଖ ଏହି ପାଣ୍ଠି ଜିଲା ପରିଷଦକୁ ଯିବ। ସେଠାରୁ ବ୍ଲକ ଓ ପଞ୍ଚାୟତକୁ ପଠାଯିବ; ଯାହାକି ଜନସଂଖ୍ୟା ଆଧାରରେ ବଣ୍ଟନ କରାଯିବ। ଏଥିସହିତ ୱେବ୍ ଆଧାରିତ ଏମ୍‌ଆଇଏସ୍ ଏବଂ ମୋବାଇଲ ଆପ୍ ମଧ୍ୟ ଏଥିପାଇଁ ବିକଶିତ କରାଯାଇଛି। ଜିଲାପାଳମାନେ ନିୟମିତ ଭାବେ ଏହି କାର୍ଯ୍ୟକୁ ସମୀକ୍ଷା କରିବେ।

ଏହି ନୂତନ ଯୋଜନା ସମ୍ପର୍କରେ ମତଦେଇ ବିଜେଡିର ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ର କହିଛନ୍ତି, ପୂର୍ବ ସରକାରଙ୍କ ଯୋଜନାର ନାମ ପରିବର୍ତ୍ତନ କରିବା କିମ୍ବା ନୂଆ ଗାଇଡ୍‌ଲାଇନ ଜାରି କରିବାର କୌଣସି ଯଥାର୍ଥତା ନ ଥିଲା। ସମାନ କାମ ପୂର୍ବ ଯୋଜନା ଅନୁଯାୟୀ କରାଯାଇ ପାରିଥାଆନ୍ତା। ଭାଜପା ସରକାରକୁ ମାତ୍ର ୭ ମାସ ହୋଇଛି। ପୂର୍ବ ସରକାରଙ୍କୁ ଦୋଷ ନ ଦେଇ ରାଜ୍ୟ ସରକାର ନୂଆ ଯୋଜନା ଓ କାର୍ଯ୍ୟକ୍ରମ କରି ଆଗକୁ ବଢ଼ିବା କଥା ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ନୀଳମାଧବ ହିକ୍କା ଭାଜପା ଓ ବିଜେଡିକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସହିତ ତୁଳନା କରିଛନ୍ତି। ସେ କହିଛନ୍ତି, ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଉଭୟ ମିଳିତ ସରକାର ଚଳାଉଥିଲେ। ବିଜେଡି ଭଳି ଭାଜପା ସରକାର ମଧ୍ୟ ମିଥ୍ୟା ପ୍ରତିଶ୍ରୁତି ଦେଇ ଓଡ଼ିଶା ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି। ଭାଜପା ବିଧାୟକ ସରୋଜ ପାଢ଼ୀ କହିଛନ୍ତି, ଭାଜପା ସରକାର ନୂଆ ଯୋଜନା କରୁଥିବାରୁ ବିରୋଧୀ ହତୋତ୍ସାହିତ ହୋଇ ଏଭଳି କଥା କହୁଛନ୍ତି। ବିଜେଡି ସରକାର ୫ଟି ନାଁରେ ଦୁର୍ନୀତିରେ ବୁଡ଼ି ରହିଥିଲା। ଗ୍ରାମାଞ୍ଚଳର ବିକାଶ ପାଇଁ କିଛି କରି ନ ଥିଲା ବୋଲି ସରୋଜ କହିଛନ୍ତି।




# ଘରେ ପଶିଲା କେନାଲ ପାଣି

## ଆଉଁଳି ମୁଖ୍ୟ କେନାଲରେ ଘାଇ, ୫୦ ପରିବାର ପ୍ରଭାବିତ

ଛେଣ୍ଡିପଦା,୩୦।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କର୍ଣ୍ଣପାଳ ଗାଁ ନିକଟ ଦେଇ ଯାଇଥିବା ଆଉଁଳି ମୁଖ୍ୟ କେନାଲରେ ବୁଧବାର ରାତିରେ ଘାଇ ସୃଷ୍ଟି ହୋଇଛି। ଫଳରେ ଗାଁ ଭିତରେ ପାଣି ପଶିବା ସହ ୫୦ ପରିବାର ପ୍ରଭାବିତ ହୋଇଛନ୍ତି। ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି।

ପ୍ରକାଶ ଯେ, କଣଲୋଇ ପଞ୍ଚାୟତ ଗଡ଼ା ଜଳସେଚନ ପ୍ରକଳ୍ପର ଗଡ଼ାଠାରୁ ନୂଆଗାଁ ଯାଇଥିବା ଆଉଁଳି ମୁଖ୍ୟ କେନାଲର କର୍ଣ୍ଣପାଳ ଗାଁ ନିକଟ ବନ୍ଧରେ ୨ ଦିନ ପୂର୍ବରୁ ଘଳିଆ ପଡ଼ିଥିଲା। ଏ ନେଇ ଗ୍ରାମବାସୀ ଜଳସେଚନ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବିଳମ୍ବିତ ରାତିରେ କର୍ଣ୍ଣପାଳ ଗାଁ କେନାଲ ସାହି କୋଠଘର ନିକଟରେ କେନାଲ ବନ୍ଧରେ ୨୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଫଳରେ କେନାଲ ପାଣି ଗାଁ ଭିତରକୁ ମାଡ଼ିଯିବା ସହ ଗ୍ରାମର ପ୍ରତାପ ମାଝୀ, ମିଲୁ ମାଝୀ, ସାବିତ୍ରୀ ମାଝୀ, ଡମ୍ବୁରୁ ମାଝୀ, ଲାଲଟୁ ମାଝୀ ପ୍ରମୁଖଙ୍କ ଘରେ ପାଣି ପଶି ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଲୋକମାନେ ରାତିରେ ଘାଇ ବାନ୍ଧିବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଗୁରୁବାର ସକାଳେ କଣଲୋଇ ସରପଞ୍ଚ ଜନ୍ମେଜୟ ମାଝୀ କର୍ଣ୍ଣପାଳ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସୁଇଚ ଗେଟ ବନ୍ଦ କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ପରେ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକଙ୍କ ଘରେ ପଶିଥିବା ପାଣିକୁ ନିଷ୍କାସନ କରିବାକୁ ଉଦ୍ୟମ କରିଥିଲେ। ପରେ ଛେଣ୍ଡିପଦା ଆଡିଶନାଲ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଜଳସେଚନ ବିଭାଗର ଅବହେଳା ଯୋଗୁ ଏପରି କ୍ଷୟକ୍ଷତି ଘଟିଥିବାରୁ ଗ୍ରାମବାସୀ କ୍ଷତିପୂରଣ ଦାବି କରିଛନ୍ତି। ଏ ନେଇ ଜଳସେଚନ ବିଭାଗ ଯନ୍ତ୍ରୀ ଦିଲୀପ ରଥ କହିଛନ୍ତି, ପୁରୁଣା କଂକ୍ରିଟ କାନ୍ଥ ମରାମତି ପୂର୍ବରୁ ଭାଙ୍ଗିଯାଇଥିଲା। କ୍ଷୟକ୍ଷତି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବା ସହ ଜିଲାପାଳଙ୍କ ସହିତ ଆଲୋଚନା କରାଯିବ।


ଘରେ ପଶିଥିବା କେନାଲ ପାଣିକୁ ଜଣେ ମହିଳା ନିଷ୍କାସନ କରିବାକୁ ଉଦ୍ୟମ କରୁଛନ୍ତି।

# ୩ରେ ଚାଲିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ପାଇଁ ଚାଲିବ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଜାନୁଆରୀ ୩୧ ଦିବା ୧୧ ଘଟିକାଠାରୁ ଆରମ୍ଭହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# କୁମ୍ଭମେଳା ପାଇଁ ଯାତାୟାତ କରୁଥିବା ସ୍ୱତନ୍ତ୍ର ବସ୍ ୪ ପର୍ଯ୍ୟନ୍ତ ବାତିଲ

ଭୁବନେଶ୍ୱର, ୩୦।୧(ସୁନିତ୍ ମିଶ୍ର)

- ଯେଉଁମାନେ ଟିକେଟ କରିସାରିଛନ୍ତି ସେମାନେ ଫେରସ୍ତ ନେବେ ଟଙ୍କା
- ବିଭାଗ ପକ୍ଷରୁ ୩ ସହାୟତା ନମ୍ବର ଜାରି

ମହାକୁମ୍ଭ ମେଳାରେ ଦଳାଚକଟା ଘଟଣା ପରେ ରାଜ୍ୟ ସରକାର ଓଡ଼ିଶାରୁ ଅଯୋଧ୍ୟା ଯାତାୟାତ କରୁଥିବା ବସ୍‌ସେବାକୁ ବାତିଲ କରିଛନ୍ତି। ଅପ୍ରୀତିକର ପରିସ୍ଥିତି ଯୋଗୁ ମହାକୁମ୍ଭ ମେଳା ୨୦୨୫ ପାଇଁ ଓଡ଼ିଶାରୁ ଅଯୋଧ୍ୟା ଯାଉଥିବା ଓଡ଼ିଶା ପରିବହନ ନିଗମର ସ୍ୱତନ୍ତ୍ର ବସ୍ ସେବାକୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି।

ଓଡ଼ିଶା ରାଜ୍ୟ ପରିବହନ ନିଗମ ନିଜର 'ଏକ୍ସ' ହ୍ୟାଣ୍ଡେଲ ମାଧ୍ୟମରେ ଏହି ଜରୁରୀ ସୂଚନା ଜାରି କରିବା ସହ ଶ୍ରଦ୍ଧାଳୁଙ୍କ ଅସୁବିଧା ପାଇଁ ଦୁଃଖ ବ୍ୟକ୍ତ କରିଛି। ଏହା ସହ ଯେଉଁମାନେ ଟିକେଟ କରିସାରିଛନ୍ତି ସେମାନେ ଟଙ୍କା ଫେରସ୍ତ ନେବା ପାଇଁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ନିଗମ ପକ୍ଷରୁ ୩ଟି ସହାୟତା ନମ୍ବର(ହ୍ୱାଟ୍ସଆପ୍-୭୮୪୯୦୫୨୨୦୫, ମୋବାଇଲ ନମ୍ବର-୯୯୩୭୫୪୭୭୭୩, ୧୮୦୦୩୪୫୧୧୨୨) ମଧ ଜାରି କରାଯାଇଛି।

ସୂଚନାଯୋଗ୍ୟ, ପ୍ରୟାଗରାଜଠାରେ ମହାକୁମ୍ଭ ମେଳାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଆରାମଦାୟକ ବସ୍‌ସେବା ଆରମ୍ଭ କରିଥିଲେ। ଏହି ବସ୍ ପୁରୀ, ସମ୍ବଲପୁର,ଭବାନୀପାଟଣା ଓ ବ୍ରହ୍ମପୁର ସହରରୁ ବାରାଣସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟା ଯାଉଥିଲା। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଅଯୋଧ୍ୟାଠାରେ ମଧ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ଏକ ସହାୟତା କେନ୍ଦ୍ର ଖୋଲାଯାଇଥିଲା। ତେବେ ମହାକୁମ୍ଭ ମେଳାରେ ଦଳାଚକଟା ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ବସ୍ ସେବାକୁ ଅସ୍ଥାୟୀ ଭାବେ ବାତିଲ କରିଥିବା ଜଣାପଡ଼ିଛି।

# ପ୍ରଥମ ଥର ମା' ହେଲା ସିମ୍ପାଞ୍ଜି 'ଦୁର୍ଗା'

ବାରଙ୍ଗ, ୩୦।୧ (ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ସିମ୍ପାଞ୍ଜି 'ରାକ୍ଷୀ' ପରେ ଏବେ ସିମ୍ପାଞ୍ଜି 'ଦୁର୍ଗା' ପ୍ରଥମ ଥର ପାଇଁ ମା' ହୋଇଛି। ଉଦ୍ୟାନର ୬୦(କ) ନମ୍ବର ଖୁଆଡ଼ରେ ରହି ପର୍ଯ୍ୟଟକଙ୍କ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା 'ଦୁର୍ଗା' ଗୁରୁବାର ବଡ଼ିଭୋର ସମୟରେ ଏକ ଶାବକ ଜନ୍ମ ଦେଇଛି। ଜନ୍ମ ପରେ ମା' ଓ ଛୁଆକୁ ଅନ୍ୟମାନଙ୍କଠାରୁ ଅଲଗା ରଖାଯାଇଥିବାବେଳେ ଶାବକର ଲିଙ୍ଗ ଚିହ୍ନଟ ହୋଇ ଅଣ୍ଡିରା ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶ ଯେ, 'ଦୁର୍ଗା' ପ୍ରାଣୀ ଉଦ୍ୟାନରେ ଜନ୍ମ ହୋଇଥିବା ବେଳେ ତାକୁ ଏବେ ୭ ବର୍ଷ ୪ ମାସ ଚାଲିଛି। ୧୯୯୪ ମସିହା ମେ' ୧୬ରେ ସିଙ୍ଗାପୁର ଚିଡ଼ିଆଖାନାରୁ ଆସିଥିବା ପୁରୁଷ ସିମ୍ପାଞ୍ଜି 'ଜୁଲୁ' ସହ 'ଦୁର୍ଗା'ର ୨୦୨୪ ମେ' ୨୬ରୁ ୨୯ରେ ପ୍ରଥମେ ମିଳନ କରାଯାଇଥିଲା। ପରେ ପୁଣି ଜୁନ୍ ୨ରୁ ୬ରେ ମିଳନ କରାଯାଇଥିଲା। ନନ୍ଦନକାନନ ଡାକ୍ତର 'ଦୁର୍ଗା'ର ରକ୍ତ ପରୀକ୍ଷା କରିବାରୁ ସେ ମା' ହେବାକୁ ଯାଉଥିବା ଜଣାପଡ଼ିଥିଲା। ସେବେଠାରୁ 'ଦୁର୍ଗା' ଉପରେ ନନ୍ଦନକାନନ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲା। ଦୀର୍ଘ ୨୩୮ ଦିନର ଗର୍ଭଧାରଣ ପରେ ଗୁରୁବାର ସେ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକକୁ ମିଶାଇ ସିମ୍ପାଞ୍ଜି ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସେଥିରେ ୩ଟି ଅଣ୍ଡିରା, ୫ଟି ମାଈ ରହିଛନ୍ତି।



# ଫେବୃଆରୀ ୧୫ ଯାଏ ବଢ଼ିଲା ଇ-କେୱାଇସି ଅପ୍‌ଡେଟ୍ ଅବଧି

ଭୁବନେଶ୍ୱର,୩୦।୧(ଅନିଲ ଦାସ)

ରାଶନ କାର୍ଡ ପାଇଁ ଇ-କେୱାଇସି ଅପଡେଟ୍ ସମୟସୀମା ଫେବୃଆରୀ ୧୫ ତାରିଖକୁ ବୃଦ୍ଧି କରାଯାଇଛି । ଜାନୁଆରୀ ୩୧ ବଦଳରେ ପୁଣି ଥରେ ରାଜ୍ୟ ସରକାର ଏହି ଡେଡ୍‌ଲାଇନକୁ ବୃଦ୍ଧି କରିଛନ୍ତି । ଆହୁରି ୪୧ ଲକ୍ଷ ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ଲିଖିତ ଅନୁରୋଧ ମିଳିବା ପରେ ଏହି ଅବଧି ବଢ଼ାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଅନ୍ୟପକ୍ଷରେ କେଉଁମାନେ ରାଶନ କାର୍ଡ ଫେରାଇବେ ଓ କିଏ ରଖିବେ, ତାକୁ ନେଇ ହିତାଧିକାରୀଙ୍କ ଭିତରେ ଦ୍ୱନ୍ଦ୍ୱ ଦେଖାଦେଇଛି। ତେବେ କମ୍ ଦରମା ପାଉଥିବା ଘରୋଇ ଏବଂ ଠିକା କର୍ମଚାରୀମାନେ କାର୍ଡ ଫେରସ୍ତ କରିବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଠିକା କର୍ମଚାରୀ ଏବଂ ୧୦/୧୨ ହଜାର ଟଙ୍କା ଦରମା ପାଉଥିବା ଘରୋଇ କର୍ମଚାରୀ ରାଶନ କାର୍ଡ ଫେରାଇବାର ଆବଶ୍ୟକତା ନାହିଁ। ତେବେ ଯେଉଁମାନେ ଆୟକର ରିଟର୍ନ ଦାଖଲ କରୁଛନ୍ତି କିମ୍ବା ୩୦/୪୦ ହଜାର ଦରମା ପାଉଛନ୍ତି, ସେମାନେ କାର୍ଡ ଫେରାଇବା ଦରକାର। ଯଦି ନ ଫେରାଇବେ ତେବେ ପରବର୍ତ୍ତୀ ସମୟରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଭୂତ ହିତାଧିକାରୀ ଚିହ୍ନଟ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ଜୁନ୍ ମାସରୁ ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ଆରମ୍ଭ କରିଥିଲେ; ଯାହାର ସମୟସୀମା ପ୍ରଥମେ ଡିସେମ୍ବର ୩୧, ପରେ ଜାନୁଆରୀ ୧୫ ଏବଂ ତା'ପରେ ଜାନୁଆରୀ ୩୧ ଧାର୍ଯ୍ୟ କରାଯାଇଥିଲା। ସମସ୍ତ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରି ନ ଥିବାରୁ ରାଜ୍ୟ ସରକାର ଚତୁର୍ଥ ଥର ଲାଗି ସମୟସୀମା ପୁଣି ବଢ଼ାଇଛନ୍ତି।

# ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଆନନ୍ଦପୁର,୩୦।୧ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା ଅଧୀନ ଶୈଳଙ୍ଗ ଗାଁ ନିକଟସ୍ଥ ୨୦ନଂ. ଜାତୀୟ ରାଜପଥରେ ଗୁରୁବାର ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚଉମୁହଁ କଲୋନୀର ଶିବମ୍ ଦେହୁରୀ ଓ ସିପୁନ ଖଟୁଆ। ଗୁରୁତର ଦୀପକ ଦେହୁରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ୩ ଯୁବକ କେନ୍ଦୁଝର ଆଡ଼କୁ ଯାଉଥିବା ସମୟରେ ଏକ ମେଟାଲ ବୋଝେଇ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ୧୧ଘଣ୍ଟା ଧରି ରାସ୍ତାରୋକୋ, ଉତ୍ତେଜନା

## ହାତୀ ଆକ୍ରମଣରେ ବାଳିକା ମୃତ


କ୍ଷତିପୂରଣ ଦାବିରେ ଲୋକମାନେ ରାସ୍ତାରୋକ କରିଛନ୍ତି।

ଢେଙ୍କାନାଳ,୩୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ହିନ୍ଦୋଳ ରୋନ ଫାଣ୍ଡି ବଦାଲୋ ହାଣ୍ଡିଫୁଟା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ପ୍ରମୋଦ ନାୟକଙ୍କ ଚାଳ ଘରକୁ ଭାଙ୍ଗିବା ସହ ଘରେ ଶୋଇଥିବା ତାଙ୍କର ୮ବର୍ଷର ଝିଅ ପିହୁ ଓରଫ୍ ପ୍ରିୟଙ୍କା ନାୟକଙ୍କୁ ଦଳିଚକଟି ମାରି ଦେଇଥିଲା। ଏହି ଘଟଣାରେ ପ୍ରମୋଦ ଓ ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁବାର ସକାଳେ ଏହି ଘଟଣାର ପ୍ରତିବାଦରେ ଅଞ୍ଚଳବାସୀ ଓ ପରିବାର ସଦସ୍ୟ ଗୁଡିଆକାଟେଣୀ-ହିନ୍ଦୋଳ ପୂର୍ତ୍ତ ବିଭାଗ ରାସ୍ତାର ହାଣ୍ଡିଫୁଟାଠାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। କ୍ଷତିପୂରଣ ଦାବି ସହିତ ଏକ ଘର ପ୍ରଦାନ, ଗ୍ରାମରେ ଆଲୋକୀକରଣ ସହିତ ଉକ୍ତ ଅଞ୍ଚଳରୁ ହାତୀକୁ ତୁରନ୍ତ ଘଉଡ଼ାଇବା ପାଇଁ ଦାବିକରି ରାସ୍ତାରୋକ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ, ବିଡିଓ କଲ୍ୟାଣ ସୌରଭ ଦାସ, ଏସ୍‌ଡିପିଓ ନଳିତା ମୋଦି, ରେଞ୍ଜର ଗୌତମ ପ୍ରଧାନ, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମୋଟଙ୍ଗା ଥାନାରେ ଏ ନେଇ କେସ୍ ନଂ-୧୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ହାତୀ ଆକ୍ରମଣରେ ମୃତ ବାଳିକାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୬ଲକ୍ଷ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୪ଘଣ୍ଟା ମଧ୍ୟରେ ୧୦ ପ୍ରତିଶତ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବ । ସେହିପରି ଉକ୍ତ ଅଞ୍ଚଳରେ ଆଲୋକୀକରଣ ପାଇଁ ପଦକ୍ଷେପ ନିଆଯାଉଛି । ସମ୍ପୃକ୍ତ ଅଞ୍ଚଳରେ ୪୮ଟି ହାତୀ ରହୁଛନ୍ତି। ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହାତୀପଲ ଝାଡ଼ବନ୍ଧ ଗ୍ରାମ ଆଡ଼କୁ ମୁହାଁଇଛନ୍ତି । ବନ କର୍ମଚାରୀମାନେ ସେମାନଙ୍କ ଉପରେ ନଜର ରଖିଛନ୍ତି ।

DSPL-372



ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ

୩୦ ଜାନୁଆରୀ ରୁ ୧୩ ଫେବୃଆରୀ ୨୦୨୫

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ମହାପ୍ରୟାଣ ଦିବସ ଅବସରରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ଆରମ୍ଭ ହୋଇଛି ।

ସେ କୁଷ୍ଠ ରୋଗୀମାନଙ୍କର ନିଜେ ସେବା ଶୁଶ୍ରୁଷା କରିବା ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପରାମର୍ଶ ଦେଉଥିଲେ । ଆସନ୍ତୁ ଆମେ ସମସ୍ତେ ବାପୁଙ୍କର ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ କୁଷ୍ଠ ମୁକ୍ତ ଭାରତ ଗଠନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।

ମନେରଖନ୍ତୁ;

- ଅନ୍ୟରୋଗ ଭଳି କୁଷ୍ଠରୋଗ ଏକ ସାଧାରଣ ଜୀବାଣୁ ଜନିତ ରୋଗ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍‌କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଲି ଦେଖାଦେବା, ହାତ, ଗୋଡ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦରେ ମାଂସପେଶୀ ଦୁର୍ବଳ ଲାଗିବା ଆଦି କୁଷ୍ଠରୋଗର ପ୍ରାଥମିକ ଲକ୍ଷଣ ।

ଉପରୋକ୍ତ ଲକ୍ଷଣ ଦେଖାଦେଲେ ସଙ୍ଗେ ସଙ୍ଗେ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ପାଇଁ ପରାମର୍ଶ କରନ୍ତୁ ।

ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ଏବଂ ଏହା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ।

ବିଦ୍ୱେଷଭାବ ଦୂର କରିବା, ସମ୍ମାନବୋଧ ଆପଣାଇବା ।

OIPR-10003/13/0120/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha http://www.health.odisha.gov.in/ @HFWOdisha

NATIONAL HEALTH MISSION

# କମଳ ନଦୀରୁ ଜଳସେଚନ ନେଇ ଭିତ୍ତିଭୂମି ତଦନ୍ତ

କୋକସରା,୩୦।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)



ଇନ୍ଦ୍ରାବତୀ ଜଳସେଚନ ବିଭାଗ ଅଧିକାରୀ ପରିଦର୍ଶନ କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଏକ ଅଣଜଳସେଚିତ ଅଞ୍ଚଳ ହୋଇଥିବା ବେଳେ ପୂର୍ବତନ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୧ରେ ମେଗାଲିଫ୍ଟ କେନାଲ ପ୍ରକଳ୍ପ ଜରିଆରେ ଇନ୍ଦ୍ରାବତୀ ପ୍ରକଳ୍ପରୁ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ୨୫,୭୨୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ତେବେ ବିଗତ ୨ବର୍ଷ ଖରିଫ ଓ ରବି ଚାଷରେ ଚାଷୀଙ୍କୁ ଜଳସେଚନ ସୁବିଧା ଉପଲବ୍ଧ ହୋଇଥିବା ବେଳେ ଚଳିତ ବର୍ଷ ଜଳଭଣ୍ଡାରରେ ଜଳସ୍ତର ହ୍ରାସ କାରଣରୁ ମେଗାଲିଫ୍ଟ କେନାଲରେ ଜଳସେଚନ ବନ୍ଦ ରହିଛି। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଜୟ ଜଗନ୍ନାଥ କୃଷକ ସଙ୍ଗଠନ ପକ୍ଷରୁ ୨ବର୍ଷ ତଳେ ଜିଲା ପ୍ରଶାସନକୁ କମଳ ନଦୀରୁ ଜଳସେଚନ ପାଇଁ ଅଭିଯୋଗ ଶୁଣାଣି ଶିବିରରେ ଦାବି କରାଯାଇଥିଲା। ଆଇଁଲି ଗ୍ରାମ ନିକଟରେ ଥିବା କମଳ ନଦୀ ଓ ଚାଟି ନାଲାରୁ ଆଇଁଲି ଗ୍ରାମରୁ ଲଡୁଗାଁ ପର୍ଯ୍ୟନ୍ତ ମେଗାଲିଫ୍ଟ କେନାଲରେ ଡିଏମ୍ ୯ରୁ ୧୧ ପର୍ଯ୍ୟନ୍ତ ୪ କିମି ମଧ୍ୟରେ ନଦୀ ଓ ନାଳର ନିଷ୍କାସିତ ପାଣିକୁ ଚାଷ ପାଇଁ ଯୋଗାଇ ଦିଆଗଲେ ଏହି ଅଞ୍ଚଳର ପାଖାପାଖି ୧୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବା ନେଇ ଲିଖିତ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଏ ନେଇ ଇନ୍ଦ୍ରାବତୀ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଗୁରୁବାର ବିଭାଗୀୟ ସହକାରୀ ଯନ୍ତ୍ରୀ ଲଲାଟେନ୍ଦୁ ସାହୁ ସମେତ ଲଡୁଗାଁ ଜୟ ଜଗନ୍ନାଥ କୃଷକ ମଞ୍ଚର ସଭାପତି ଦୁର୍ଗା ପ୍ରସାଦ ଅଗ୍ରୱାଲ, ସମ୍ପାଦକ ପଙ୍କଜ ମୁଖ ଚୌଧୁରୀ ଓ ସ୍ଥାନୀୟ ଚାଷୀମାନେ କମଳ ନଦୀରୁ ଜଳସେଚନ ପାଇଁ କେମିତି ଅଞ୍ଚଳର ଚାଷି ସୁବିଧା ପାଇପାରିବେ ସେ ନେଇ ପାରିପାର୍ଶ୍ୱିକ ଭିତ୍ତିଭୂମି ପରିଦର୍ଶନ କରିଛନ୍ତି।

## ରାଜ୍ୟସ୍ତରୀୟ କଳା ଉତ୍ସବରେ ପ୍ରଜ୍ଞା ପ୍ରିୟଦର୍ଶିନୀ ଦ୍ୱିତୀୟ

ଭବାନୀପାଟଣା,୩୦।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଭଟାଙ୍ଗପଦର ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ ରାଜ୍ୟସ୍ତରୀୟ କଳା ଉତ୍ସବ 'ସମୃଦ୍ଧି' ପ୍ରତିଯୋଗିତା–୨୦୨୫ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ରାଜ୍ୟର ୩୦ ଜିଲାର ୩୦ ଶିକ୍ଷୟିତ୍ରୀଶିକ୍ଷକ ମନୋନୀତ ହୋଇ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଶତପଥୀ ଉତ୍କୃଷ୍ଟ ଶିକ୍ଷାଦାନ ପଦ୍ଧତି ସହ ପ୍ରଦର୍ଶନ କଳା, ସଙ୍ଗୀତ, ନୃତ୍ୟ ଓ ନାଟକକୁ ବ୍ୟବହାର କରି ଦ୍ୱିତୀୟ ପୁରସ୍କାର ବିଜୟିନୀ ହୋଇଛନ୍ତି। ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ତାଙ୍କୁ କଳାହାଣ୍ଡିର ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଅଭିନନ୍ଦନ ଜଣାଇଛନ୍ତି।

## ମୋ ଜଙ୍ଗଲ ଜମି ଯୋଜନା ସମୀକ୍ଷା ବୈଠକ

**ସମନ୍ୱୟ ରଖି ଯୋଜନା ସଫଳ କରିବା ଉପରେ ଆଲୋଚନା**

ଖପ୍ରାଖୋଲ,୩୦।୧ (ଅଭୟ ତ୍ରିପାଠୀ)

ସ୍ଥାନୀୟ ମିଶନ ଶକ୍ତି ସଭାଗୃହଠାରେ ମୋ ଜଙ୍ଗଲ ଜମି ଯୋଜନାର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ବୈଠକରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଏସିଏଫ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୋଷ୍ଠୀଗତ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ପରିଚାଳନା ଅଧିକାର ଉପରେ ଆଲୋଚନା ହୋଇଥିଲା। ବ୍ଲକରେ ଜଙ୍ଗଲ ଅଧିକାର ପାଇଁ ୧୨୯ଟି ଯୋଗ୍ୟ ଗାଁ ଥିବା ବେଳେ ୨୯ଟି ଉପଖଣ୍ଡସ୍ତରୀୟ କମିଟି ପାଖକୁ ଯାଇଛି। ବାକି ଗାଁରେ ନୂତନ ଜଙ୍ଗଲ ଅଧିକାର କମିଟି ଗଠନ ସହ ତୁରନ୍ତ ଲକ୍ଷ୍ୟ ହାସଲ ପାଇଁ ଜଙ୍ଗଲ, ରାଜସ୍ୱ, ପଞ୍ଚାୟତିରାଜ, ମଙ୍ଗଳ ବିଭାଗ ସମନ୍ୱୟ ରଖି ଯୋଜନା ସଫଳ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ବନପାଳ ସୁଧୀର କୁମାର ଜେନା, ଅରବିନ୍ଦ ଧରୁଆ, ବିପିନ ବିହାରୀ ସାହୁ, ରାଜସ୍ୱ ନୀରିକ୍ଷକ ଦୀପକ ସାହୁ, ବ୍ଲକ ସଂଯୋଜକ ରଘୁନାଥ ରଣା, ନାରାୟଣ ସାହୁଙ୍କ ସମେତ ବନପାଳ, ରାଜସ୍ୱ ନୀରିକ୍ଷକ, ମୋ ଜଙ୍ଗଲ ଜମି ଯୋଜନା ସ୍ୱେଚ୍ଛାସେବୀ, ଏଫଆର୍ଏ ସେଲ ସଂଯୋଜକ ଉପସ୍ଥିତ ଥିଲେ । ସୁଶାନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

**MAA MANIKESHWARI UNIVERSITY, BHAWANIPATNA**

**QUOTATION CALL NOTICE**

**No. 294** **Date: 29.01.25**

Sealed quotations are invited from the books publishers/ sellers/agents for the supply of books to Kalahandi Library, Maa Manikeshwari University, Bhawanipatna. For details visit **www.kalahandiuniversity.ac.in**.

**Last date of submission: 25.02.2025**

**Opening of Quotations: 27.02.2025**

**Sd./- Registrar**

## ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା



କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଛି।

ଲାଞ୍ଜିଗଡ଼, ୩୦।୧ (ରମେଶ ଚନ୍ଦ୍ର ନାୟକ)

**ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟଣା**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଞ୍ଚଳରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ କ୍ଷତିପୂରଣ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଛି। ସୂଚନାନୁସାରେ ଲାଞ୍ଜିଗଡରୁ ମୁନିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବସନ୍ତପଡା ଗ୍ରାମ ମୁଣ୍ଡ ବୁଲାଣିରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ଡେଙ୍ଗସର୍ଗି ଗାଁର ବୃକୁଳି ମାଝୀ (୪୦) ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଥିବାବେଳେ ଏବେ ୭ ସନ୍ତାନ ମା'ବାପା ଛେଉଣ୍ଡ ହୋଇଯାଇଛନ୍ତି। ଘଟଣା ପରେ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଲାଞ୍ଜିଗଡ଼ରୁ ମୁନିଗୁଡା ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବେଦାନ୍ତ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ପରିବାରର ୩ ଜଣଙ୍କୁ ବେଦାନ୍ତର ସହଯୋଗୀ କମ୍ପାନୀରେ ଚାକିରି ଦେବା ସହ ଆର୍ଥିକ ସହାୟତା ବାବଦକୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ଲାଞ୍ଜିଗଡ଼ ଥାନାରେ ଏକ ମାମଲା (ନଂ୬/୨୫) ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଦେହରେ ଦୁଇଗୋଟି ଟ୍ରେଲରକୁ ଅଟକ ରଖି ତଦନ୍ତ ଚଳାଇଥିବା ଲାଞ୍ଜିଗଡ଼ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ କବାଡ଼ିରେ ନୂଆପଡ଼ା ଦଳ ଚତୁର୍ଥ



**ନୂଆପଡ଼ା,୩୦।୧ (ମକାରୁ ବେମାଲ):** ଦେବଗଡ଼ଠାରେ ଆୟୋଜିତ ଡିଏସ୍ଏସ୍ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ନୂଆପଡ଼ା ଦଳ ଚତୁର୍ଥ ସ୍ଥାନ ଅଧିକାରକରି ଜିଲା ପାଇଁ ଗୌରବ ଆଣିଛି। ଏଥିରେ ରାଜ୍ୟର ମୋଟ ୧୦ଟି କବାଡ଼ି ଦଳ ଭାଗ ନେଇଥିଲେ। ନୂଆପଡ଼ା କବାଡ଼ି ଦଳ ଦେବଗଡ଼, କଟକ, ସୁନ୍ଦରଗଡ଼ ଓ ଅନୁଗୋଳକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲ ଭୁବନେଶ୍ୱର ଓ ନୂଆପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲ। ଭୁବନେଶ୍ୱର ୨୮ ପଏଣ୍ଟ ଓ ନୂଆପଡ଼ା ଦଳ ୨୫ ପଏଣ୍ଟ ପାଇଥିଲେ। ଫଳରେ ଭୁବନେଶ୍ୱରଠାରୁ ୩ ପଏଣ୍ଟ ପଛରେ ରହି ନୂଆପଡ଼ା ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତାରେ ହରିଶ ଅହିର (ଅଧିନାୟକ), ଟିଙ୍କୁ ରାଉତ, ଆକାଶ ବିଭାର, ସଞ୍ଜୟ କୁମାର ମାଝି, ଦ୍ୱାରିକା ମାଝି, ଝଙ୍କାର ରାଉତ, ରାହୁ ଅହିର, ଲିଲେଶ ମାଝି, ଲାଲୁ ରାଉତ, ଆକାଶ ଅହିର, ଭୁବନେଶ୍ୱର ରାଉତ, ମୁକେଶ ନିଶାଦ ପ୍ରମୁଖ ଭାଗ ନେଇଥିଲେ। ନୂଆପଡ଼ା ଦଳ ଫେରିଲା ପରେ ବିଭିନ୍ନ ମହଲରୁ ପ୍ରଶଂଶାର ସୁଅ ଛୁଟୁଛି।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଦେଓଗାଁ,୩୦।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଜ୍ୟୋତି ପ୍ରକାଶ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଏବିଇଓ କବିରାଜ ମାଝୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକଶିତ କରିବାରେ ଏହା ଏକ ଉତ୍ତମ ପ୍ରୟାସ ବୋଲି ମତପୋଷଣ କରିଥିଲେ। ମେଳାରେ ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଏବିଇଓ ଅଜିତ କୁମାର ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ନାଏକ, ପ୍ରଧାନଶିକ୍ଷକ ପ୍ରେମରାଜ ନାଏକ , ଲମ୍ବୋଦର ହୋତା, ସିଆରସିସି ସୁଶାନ୍ତ ମହାନ୍ତି, ବିରେନ୍ଦ୍ର ପ୍ରଧାନ, ଜଗଦୀଶ ପ୍ରଧାନ, ମଣ୍ଟୁ ସାମଲ, ନିର୍ମଳା ସାହୁ ପ୍ରମୁଖ ଯୋଗ ଦେଇଥିଲେ। କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷଣୀୟ ଉପକରଣ ପ୍ରଦର୍ଶିତ ହୋଇଥିଲା। ସେହିପରି ସାଲେପାଲି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠରେ ଜରାସିଂହା କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବଲ୍ଲଭି ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଡିପିଓ ମିନତୀ ମିଶ୍ର, ସୁପରଭାଇଜର ନଳିନୀ ବେହେରା, ପ୍ରଧାନ ଶିକ୍ଷକ ଅରବିନ୍ଦ କୁମ୍ଭାର, ଫଣିନ୍ଦ୍ର ମୋହନ ଥନାପତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ୧୦୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ସିଆରସିସି ନିର୍ମଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ଗ୍ରାମସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବରଙ୍ଗାକଛାର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥିଭାବେ ପରିଚାଳନା ସମିତିର ସଭ୍ୟ ସତ୍ୟବାନ ବିଶି, ହିରାବତି ରାଉତ, ଶିକ୍ଷା ବିଭାଗର ଅଧ୍ୟାପିକା ରଶ୍ମିତା ପଟେଲ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ପୁରନ୍ଦର ଗରଡିଆ, ମାଧବୀ ମହାକୁଡ଼, ସନ୍ଧ୍ୟା କିସାନଙ୍କ ସହିତ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ହିରନ୍ୟ କୁମାର ମହନ୍ତ ଏବଂ ସୁବ୍ରତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲାବେଳେ ଅଧ୍ୟାପକ ଗଜେନ୍ଦ୍ର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପୃଷେଟ, ମହେନ୍ଦ୍ର ବେହେରା, ଚନ୍ଦନ କୁମାର ଜେନା, ବ୍ଲାସୀୟସ ଗୁରିଆ, ସୁଧାଂଶୁ ଭୂଷଣ ବେହେରା, ଦୀନବନ୍ଧୁ ପଟେଲ, ସ୍ୱରୂପା ନାଏକ, ଅଧ୍ୟାପିକା ମୁକ୍ତା ଟିଗା, ଅଧ୍ୟାପିକା ରେବତୀ ବାହାଲା, ପ୍ରକାଶ ଚନ୍ଦ୍ର ନାଏକ, ଖେଳ ଶିକ୍ଷକ ନିରୋଦ କୁମାର ମହାରଣାଙ୍କ ସହିତ କର୍ମଚାରୀମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିଲେ।

# ଅଣ୍ଡାଳି - ଜାମବାହାଲ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାଇଲା ଜାତୀୟ ଗୁଣବତ୍ତା ପ୍ରମାଣପତ୍ର

କୁଆଁରମୁଣ୍ଡା,୩୦।୧(ମହେନ୍ଦ୍ର କୁମାର ସାହୁ)

ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲା ଆଉ ଏକ ପାଦ ଆଗକୁ ଯାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଅଣ୍ଡାଳି - ଜାମବାହାଲ ଆରୋଗ୍ୟ ମନ୍ଦିର ୨୦୨୫ ମସିହା ପାଇଁ ଜାତୀୟ ଗୁଣବତ୍ତା ପ୍ରମାଣପତ୍ର ହାସଲ କରିଛି। ଏହି ପ୍ରମାଣପତ୍ର ହାସଲ କରିଥିବାରୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା.ଶ୍ରୀମନ୍ତ ପଟ୍ଟନାୟକ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ ସହାୟକ କର୍ମୀମାନଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ଜନସାଧାରଣଙ୍କୁ ଆହୁରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ଗାଇଡଲାଇନ ଅନୁସାରେ, ଅଣ୍ଡାଳି - ଜାମବାହାଲ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମସ୍ତ ଯୋଗ୍ୟତା ହାସଲ କରିଛି ବୋଲି ପୁନେ ଓ ଲକ୍ଷ୍ନୌରୁ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଅଧିକାରୀ ଡା.ବାଲାଜୀ ଲାକାଡେ ଓ ଡା.ଦୀପକ ଚତୁରବେଦି ଚଳିତ ମାସ ୮ ଓ ୯ ତାରିଖ ୨ ଦିନ ଧରି ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ଶିବିରରେ ଯୋଗଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଓ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ଏହି ଅବସରରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଅଧିକାରୀଦ୍ୱୟ ଅଣ୍ଡାଳି - ଜାମବାହାଲକୁ ଜାତୀୟ ଗୁଣବତ୍ତା ପ୍ରମାଣପତ୍ର ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ଉକ୍ତ ପ୍ରମାଣପତ୍ର ପାଇଁ ଉକ୍ତ ଆରୋଗ୍ୟ ମନ୍ଦିର ଯୋଗ୍ୟ ବିବେଚିତ ହୋଇଥିବାରୁ ଏହାର ଡା. ଅମିତାଂଶୁ ମଣ୍ଡଳ, ଡା. ଝରଣା ଦାସ, ଫାର୍ମାସିଷ୍ଟ ଅଧିକାରୀ ପିନ୍ଦର୍ ପ୍ରସାଦ ହଜାରୀ ଓ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାର୍ମାସିଷ୍ଟ ଉମାକାନ୍ତ ପତି, ଦେବାଶିଷ ସାହୁ, ବିପିଏମ ଶିବାନୀ ନାଏକ ପ୍ରମୁଖ ସରକାରଙ୍କୁ ସାଧୁବାଦ ଦେଇଛନ୍ତି। ସୂଚନା ଥାଉକି,୨୦୨୪ରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କାଦୋବାହାଲ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଉକ୍ତ ଜାତୀୟ ଗୁଣବତ୍ତା ପ୍ରମାଣପତ୍ର ଲାଭ କରିବାରେ ସମଗ୍ର ସୁନ୍ଦରଗଡ ଜିଲାରେ ପ୍ରଥମ ହୋଇଥିଲା ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ପଟ୍ଟନାୟକ ସୂଚନା ଦେଇଛନ୍ତି।

# କୁଷ୍ଠ ନିରାକରଣ ଦିବସରେ ସଚେତନତା ରାଲି

ସୋନପୁର,୩୦।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କୁଷ୍ଠ ନିରାକରଣ ଦିବସ ଗୁରୁବାର ପାଳିତ ହୋଇଯାଇଛି। ନର୍ସିଂ ଛାତ୍ରୀମାନେ ଏକ ସଚେତନତା ରାଲି କରିଥିଲେ। ଏହାକୁ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଓ ଡିଏସ୍‌ପି ପ୍ରତାପ କୁମାର ରଣା ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ପରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଭା ହୋଇଥିଲା। ଏଥିରେ ଡାକ୍ତର ପ୍ରଦୀପ କୁମାର ଗୁରୁ, ଡିଏସ୍‌ପି ପ୍ରତାପ କୁମାର ରଣା, ଏଡିପିଏଚ୍‌ଓ(ଟିବି) ପଦ୍ମହଂସା ଦୋରା, ଏଡିପିଏଚ୍‌ଓ (ଡିସି) ରମେଶ ଚନ୍ଦ୍ର ସ୍ୱାଇଁ, ଡିଏମଓ (ଏମଏସ) ଦୁର୍ଗାଦତ୍ତ ଦାସ, ଡିପିଏମ ବିଶ୍ୱମ୍ବର ବେହେରା ଅତିଥିଭାବେ ମଞ୍ଚାସୀନ ଥିଲେ। କୁଷ୍ଠ ରୋଗର କାରଣ, ନିରାକରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ। ଶେଷରେ ଏକ କୁଇଜ ପ୍ରତିଯୋଗିତା କରାଯାଇ ଠିକ ଉତ୍ତର ଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଡ଼ିଏଲସି ଗୌରୀ ଶଙ୍କର ପଣ୍ଡା, ଓଏଡିପିଏଚସି ଓ ବୃନ୍ଦାବନ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମଗ୍ର ଜିଲାରେ କୁଷ୍ଠ ନିରାକରଣ ସଚେତନତା ନିମନ୍ତେ ଜାନୁୟାରୀ ୩୦ରୁ ଫେବୃୟାରୀ ୧୩ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ।

# ଏକମା ଗ୍ରାମରେ ଆମ ପୋଲିସ ବୈଠକ

ବଡ଼ଗାଁ,୩୦।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ପକ୍ଷରୁ ବୁଧବାର ଏକମା ଛକରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବରିଷ୍ଠ ନାଗରିକ ଲକ୍ଷ୍ମଣ ପୁରୋହିତ, ସ୍ଥାନୀୟ ସରପଞ୍ଚ ସାଇବାନି ଲାକ୍ରା, ସମିତି ସଭ୍ୟା ଲତିକା ଲାକ୍ରା, ଦାଣ୍ଡଜମିରା ସରପଞ୍ଚ ଗୋବର୍ଦ୍ଧନ ହାହା, ସାହାଜବାହାଲ ସରପଞ୍ଚ ଶୁକ୍ରୁତା ବିଶାଳ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ବୈଠକରେ ସ୍ଥାନୀୟ ଗ୍ରାମବାସୀ ପୋଲିସ ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଥିଲେ। ଏହାସହ ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୈଠକକୁ ବଡ଼ଗାଁ ଥାନା ଏଏସ୍‌ଆଇ ଗୋପୀନାଥ ଓଝା, ଅରୂପାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବଡ଼ଗାଁ ଥାନାର ଆମ ପୋଲିସ ସମିତିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।




ପୋଲିସ ସମିତି ବୈଠକରେ ଜଣେ ବ୍ୟକ୍ତି ମତ ରଖୁଛନ୍ତି।

# କ୍ରିକେଟ ଖେଳି ଫେରୁଥିବା ବେଳେ ଦୁର୍ଘଟଣା, ୩ ମୃତ

ପଦ୍ମପୁର,୩୦।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ମହୁଲପାଲି ବ୍ରିଜ୍‌ରେ ଗୁରୁବାର ରାତି ୮ଟାରେ ଏକ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବୁଡେନ ଥାନା ବାଜେନମୁଣ୍ଡା ଗାଁର ପଦ୍ମନ ଥପା, ଆକାଶ ପୋଢ ଓ ପଦ୍ମଲୋଚନ ଥପା। ମୃତଦେହ ଜବତ କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ମର୍ଗ ହାଉସ୍‌ରେ ରଖାଯାଇଛି ଏବଂ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ପୂର୍ବାହ୍ନରେ ପଦ୍ମପୁର ଥାନା ଅଧୀନ ବାଜେନମୁଣ୍ଡା ଗାଁର ପିଲାମାନେ ନିକଟସ୍ଥ ବାନ୍ଦେନବାହାଲ ଗାଁକୁ କ୍ରିକେଟ ଖେଳିବା ପାଇଁ ଯାଇଥିଲେ। ସେଠାରେ ବାଜେନମୁଣ୍ଡା ଦଳ ବିଜୟୀ ହେବା ପରେ ସେମାନେ ରାତିରେ ମଉଜ ମଜଲିସ କରି ଫେରୁଥିଲେ। ତେବେ ମହୁଲପାଲି ବ୍ରିଜ୍ ଉପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଠାରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା।




ଅତିଥିଙ୍କ ସହ ଉପସ୍ଥିତ ଖେଳାଳିମାନେ।

# ୩ ଦିନିଆ ରାତ୍ରିକାଳୀନ ଭଲିବଲ ପ୍ରତିଯୋଗିତା

ବନ୍ଧମୁଣ୍ଡା,୩୦।୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ସି-ସେକ୍ଟର ସ୍ଥିତ ବଙ୍ଗଭାରତୀ ଦ୍ୱାରା ଆୟୋଜିତ ୩ ଦିନିଆ ରାତ୍ରି କାଳୀନ ଭଲିବଲ ପ୍ରତିଯୋଗିତାର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ଝିରପାଣି ଏବଂ ରାଇଜିଂ ସିନିୟର ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ରାଇଜିଂ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସିଭିଲ ଟାଉନଶିପ ଏବଂ ଭଦ୍ରକ ଦଳ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ସିଭିଲ ଟାଉନଶିପ ଦଳ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରାଇଜିଂ ସିନିୟର ଏବଂ ସିଭିଲ ଟାଉନଶିପ ମଧ୍ୟରେ ଖେଳାଯିବ। ବିଜେଡିର ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଯୁବ ସଭାପତି ସୋମନାଥ ରାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିଶ୍ରାର ସାମାଜିକ କର୍ମୀ ତାରିକ ଅଜିଜ ଅନସାରୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଉଜ୍ଜ୍ୱଳ ଭଟ୍ଟାଚାର୍ଯ୍ୟ, ଗୋପାଳ ଘୋଷ, ଏସ ଗହିର, ଡିଏସ ରାଓ, ସନି ଶ୍ରୀବାସ୍ତବ, ଶିଶିର ଚନ୍ଦ୍ର ମାନ୍ନା, ଉତ୍ତମ ଦେବ, ମାଙ୍ଗା ରେଞ୍ଜୀ, ବିଶ୍ୱଜିତ ବିଶ୍ୱାସ, ଚନ୍ଦନ ତରାଇ, ସୁବ୍ରତ ଦେ, ନୀତିଶ ମୁଖୀ, ଅଭିଜ କୁମାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**୩ଜଣ ୨୦୨୪-୨୫ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ତିଲେଇବଣି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁରଡର ତୃତୀୟ ଶ୍ରେଣୀର ପ୍ରିୟା ବେହେରା ଓ ପଞ୍ଚମ ଶ୍ରେଣୀର ସଞ୍ଜନା ସିଂ ଏବଂ ପ୍ରତିଜ୍ଞା ବାଘ ୩ଜଣ ୨୦୨୪-୨୫ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କର ଭବିଷ୍ୟତ ଜୀବନ ସୁଖମୟ ହେଉ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଶେଷ ଧନ୍ୟବାଦ୍। ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁଙ୍କ ସମେତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁରଡର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତି ରହି ସମ୍ବର୍ଦ୍ଧନା ଜଣାଇଥିଲେ।

# ୧ରୁ ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୫'

**ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ବଗିଚା ପଡ଼ିଆଠାରେ ଆସନ୍ତା ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ' ଏବଂ 'ପଲ୍ଲିଶ୍ରୀ ମେଳା' ବେଶ୍ ଧୁମ୍‌ଧାମ ସହିତ ଅନୁଷ୍ଠିତ ହେବ। ଇତିମଧ୍ୟରେ ଏଥି ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପାର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଏକ ପ୍ରେସ୍ ମିଟ୍‌ରେ ଏହି ସୂଚନା ଦେଇଛନ୍ତି। ଉତ୍ସବ ପ୍ରଧାନପାଟ ଉପଲକ୍ଷେ ଦର୍ଶକ ପଲ୍ଲିଶ୍ରୀ ମେଳା, ଖାଦ୍ୟ ମେଳା ଓ ମୀନାବଜାର ମଜା ନେବା ସହିତ ଓଡ଼ିଶାର ଆଗଧାଡ଼ିର କଳାକାରମାନଙ୍କ ଦ୍ୱାରା ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ଜିଲାପାଳ 'ଉତ୍ସବ ପ୍ରଧାନପାଟ' ସମ୍ପର୍କରେ ସୂଚନା ଦେଉଛନ୍ତି।

ପ୍ରଥମ ଦିବସ ଦିନ ଅପରାହ୍ନ ୨ଟା ପରେ ମା' କନକ ଦୁର୍ଗା ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ମୁକ୍ତାକାଶ ରଙ୍ଗମଞ୍ଚରେ ମଶାଲ ସ୍ଥାପନ କରାଯିବ। ସନ୍ଧ୍ୟା ପ୍ରାୟ ୬ଟାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସମ୍ମାନିତ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ସିଦ୍ଧାନ୍ତ ଶତପଥି ଏବଂ ସାଥିଙ୍କ ଦ୍ୱାର ଓଡ଼ିଶୀ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେବେ। ତୃତୀୟ ସନ୍ଧ୍ୟାରେ ଜିଲା ପରିଷଦ ଅଧ୍ୟକ୍ଷ, ପୌର ପରିଷଦ ଅଧ୍ୟକ୍ଷ ଏବଂ ସମସ୍ତ ବ୍ଲକ ଅଧ୍ୟକ୍ଷ ଅତିଥି ଭାବେ ଯୋଗଦେବେ। ଚତୁର୍ଥ ଦିବସରେ ସକାଳ ୧୦ଟାରେ କବି ସମ୍ମିଳନୀ ଅନୁଷ୍ଠିତ ହେବ ଏବଂ ସନ୍ଧ୍ୟାରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସାଧାରଣ ଆରକ୍ଷୀ ନିରୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ

**■ପ୍ରେସ୍ ମିଟ୍‌ରେ ସୂଚନା ଦେଲେ ଜିଲାପାଳ**

**■ଚୂଡ଼ାନ୍ତ ପାର୍ଯ୍ୟାୟରେ ପ୍ରସ୍ତୁତି**

ମଞ୍ଚାସୀନ ରହିବେ। ସେହିପରି ପଞ୍ଚମ ଦିବସରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସନ୍ଧ୍ୟା ୬ଟା ପରେ ସଭା ଅନୁଷ୍ଠିତ ହେବ ଏବଂ ପରେ ଓଡ଼ିଶାର ଆଗ ଧାଡି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯିବ। ଏଥିରେ ଜିଲା ତଥା ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାରମାନେ ସାମିଲ ହେବେ। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଟାଇଁସର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ କୁରଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଟାଇଁସର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ସିଆର୍‌ସିସି ଭେନସ୍ ପ୍ରଧାନଙ୍କ ସଂଯୋଜନାରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷଣ ସାମଗ୍ରୀ ଜରିଆରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଷା ଓ ଗଣିତର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଟାଇସର ସରପଞ୍ଚ ବାସନ୍ତୀ ପ୍ରଧାନ, ପରିଚାଳନା ସମିତି ଚେୟାରମ୍ୟାନ ରଞ୍ଜନା ବେହେରା, ୱାର୍ଡ ମେମ୍ବର ହେମଲତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ତପନ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାଷା ଓ ସଂଖ୍ୟା ଜ୍ଞାନ ଉପରେ ଅଭି ଭାଷଣ ପ୍ରଦାନ କରିଥିଲେ। ସ୍ୱାକ୍ଷରିତ ଷ୍ଟଲ୍‌ରେ ବିଭିନ୍ନ ଟିଏଲ୍‌ଏମ ପ୍ରଦର୍ଶନ କରାଯାଇଥିଲା । ସେହିପରି ସଂଖ୍ୟାଜ୍ଞାନ ଷ୍ଟଲରେ ଗଣିତ କଳିକା ସାମଗ୍ରୀ କାର୍ଯ୍ୟ ପୁସ୍ତିକା ପ୍ରଦର୍ଶିତ ହୋଇଥିଲା। ଏହି ଷ୍ଟୋଲ ପରିଦର୍ଶନ ପାଇଁ ଆସୁଥିବା ଶିକ୍ଷାଥୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ଜଣେ ଶିକ୍ଷକ ବା ମାର୍ଗଦର୍ଶକ ଉପସ୍ଥିତ ରହିଥିଲେ। ଏଥିରେ ସୃଜନାତ୍ମକ କାର୍ଯ୍ୟକଳାପ ଷ୍ଟୋଲରେ ଛାତ୍ରୀଛାତ୍ରଙ୍କ ଚିତ୍ରାଙ୍କନ, ଶବ୍ଦ ଖେଳ, କଳା ଓ ହସ୍ତଶିଳ୍ପ ଭଳି କାର୍ଯ୍ୟକଳାପ କରାଯାଇଥିଲା। ମତାମତ ଷ୍ଟୋଲରେ ଶିକ୍ଷକ, ଅଭିଭାବକ ଏହି କାର୍ଯ୍ୟକ୍ରମ ମତାମତ ଦେଇଥିଲେ। କାର୍ଯ୍ୟକ୍ରମରେ ଟାଇସର କ୍ଲଷ୍ଟରର ୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ୩୦୦ଜଣ ଏବଂ ୯ଟି ବିଦ୍ୟାଳୟର ଏଫ୍‌ଏଲ୍‌ଏନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୪୦ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ ଏବଂ ୭ଜଣ ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମଞ୍ଚାସୀନ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା। ଏଥିରେ କୁରଡ଼ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଝାରସୁଗୁଡ଼ା ହେବ ଫାଇଲେରିଆ ମୁକ୍ତ

**ଝାରସୁଗୁଡ଼ା,୩୦।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମାର୍ଚ୍ଚ ଶେଷ ସୁଦ୍ଧା ୩୦୦ ହାଇଡ୍ରୋସିଲ ଅସ୍ତ୍ରୋପଚାର ଓ ଜିଲାକୁ ସମ୍ପୂର୍ଣ୍ଣ ଫାଇଲେରିଆ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫାଇଲେରିଆ ନିରାକରଣ ଅଭିଯାନ ସଫଳ କରିବା ପାଇଁ ଝାରସୁଗୁଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରୟାସ ଜାରି ରହିଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ୩୦୦ ହାଇଡ୍ରୋସିଲ ଅସ୍ତ୍ରୋପଚାର କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ସମସ୍ତ ରୋଗୀଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯିବ। ଏଥିପାଇଁ ଯେଉଁ ବ୍ୟକ୍ତି ଫାଇଲେରିଆ ରୋଗୀଙ୍କୁ ମାଗଣା ଅସ୍ତ୍ରୋପଚାର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବେ ବା ରେଫର କରିବେ, ତାଙ୍କୁ ୧୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ରେଫରାଲ ପତ୍ରରେ ସବିଶେଷ ତଥ୍ୟ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ନାଗରିକଙ୍କୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୪ରେ ଜିଲାର ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ଏହି ମାଗଣା ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ସେହିପରି ଆସନ୍ତା ଫେବୃଆରୀ ଶେଷ ସପ୍ତାହରୁ ଜିଲାରେ ଫାଇଲେରିଆ ରୋଗୀ ଚିହ୍ନଟ ପାଇଁ ରକ୍ତ ନମୁନା ସଂଗ୍ରହ କରାଯିବ। ବର୍ତ୍ତମାନ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଫାଇଲେରିଆ ରୋଗୀଙ୍କୁ ରୋଗ ନିୟନ୍ତ୍ରଣ ଓ ପ୍ରତିଷେଧ ପାଇଁ ଟବ୍, ମଗ ଓ ଅନ୍ୟାନ୍ୟ ଉପକରଣ ଦିଆଯାଉଛି। ରୋଗୀମାନେ ଏହାର ସୁଯୋଗ ନେବା ସହ ସ୍ୱାସ୍ଥ୍ୟ କର୍ମୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ସମସ୍ତେ ଏକତ୍ର ହୋଇ ଖାଇଲେ ନବାନ୍ନ

**ଝାରସୁଗୁଡ଼ା,୩୦।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅଧୀନ ପଞ୍ଚପଡାଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ସମସ୍ତେ ଏକାକାର ଭାବେ ନବାନ୍ନ ଖାଇ ଗାନ୍ଧୀ ନୂଆଁଖାଇ ପାଳନ କରିଛନ୍ତି। ଆଗାମୀ ଦିନରେ ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ା ଐତିହାସିକ ପୀଠ ହେବ ଓ ଗାନ୍ଧୀଙ୍କ ଜନ୍ମ ଦିନ ଓ ତିରୋଧାନରେ ଏଠାରେ ଗାନ୍ଧୀଙ୍କ ଆଗମନର ସ୍ମୃତିଚାରଣ ହେବ। ପିଲାମାନେ ଗାନ୍ଧୀ ଝାରସୁଗୁଡ଼ା ଆସିଥିଲେ, ପଞ୍ଚପଡ଼ାରେ ଗାନ୍ଧୀଙ୍କ ମାର୍ଗରେ ଚିନ୍ତାମଣି ପୂଜାରୀଙ୍କ ନେତୃତ୍ୱରେ ଗାନ୍ଧୀ ନୂଆଁଖାଇ ପାଳନ ହୋଇଥିଲା। ସେହିପରି ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ ହେବ। କାର୍ଯ୍ୟକ୍ରମ ସରକାରୀସ୍ତରରେ ଆହୁରି ବ୍ୟାପକ କରାଯିବ ବୋଲି ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ା ଓ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଆୟୋଜିତ ଗାନ୍ଧୀ ନୂଆଁଖାଇରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏହା କହିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ାଠାରେ ଅନୁଷ୍ଠିତ ସଭାରେ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ରୂପାନନ୍ଦ ଚୌଧୁରୀ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା, ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ସରୋଜ କୁମାର କୁଅଁର, ଅବସର ପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ବିଚାରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ ଗାନ୍ଧୀ ବିଚାକୁ ସମଗ୍ର ବିଶ୍ୱ ସମ୍ମାନ ଦେଉଥିବା କଥା ଆଲୋକପାତ କରିଥିଲେ। ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ମେହେବୁବ ମହତାବ ଗାନ୍ଧୀଙ୍କ ବିଚାର, ଅଧ୍ୟାପିକା ମନ୍ଦାକିନୀ ଶତପଥୀ ଗାନ୍ଧୀ ନୂଆଁଖାଇ ଓ ପ୍ରେମ ସାଗର ଦେହେରିଆ ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ା ଉପରେ ଆଲୋକପାତ କରିଥିଲେ। ପ୍ରଜ୍ଞା ପଟେଲ

**ପାଳନ ହେଲା ଗାନ୍ଧୀ ନୂଆଁଖାଇ**

ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରିଥିଲେ। ପରେ ମୁଖ୍ୟଅତିଥି ସମସ୍ତଙ୍କୁ ନବାନ୍ନ ବଣ୍ଟନ କରିଥିଲେ ଏବଂ ଏକତ୍ର ଭୋଜନ ଗ୍ରହଣ କରିଥିଲେ। ସଭାକାର୍ଯ୍ୟ ଗାନ୍ଧୀଙ୍କ ଭଜନ ବୈଷ୍ଣବ ଜନତୋରୁ ଆରମ୍ଭ ହୋଇଥିବା ବେଳେ ରଘୁପତୀ ରାଘବ ରାଜାରାମରେ ସମାପନ ହୋଇଥିଲା। ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ବିରାଟ ରାଜା ପଧାନ ସଭା ପରିଚାଳନା କରିଥିଲେ। ଗାନ୍ଧୀ ବିଚାର ମଞ୍ଚ ଆବାହକ ପ୍ରାଧ୍ୟାପକ ତପନ କୁମାର ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ରାଧା ମୋହନ ପାଣ୍ଡେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଜନ କଲ୍ୟାଣ ସଙ୍ଗଠନର ଗୌତମ ବେହେରା, ପିପୁଲ୍ସ ଫୋରମ୍‌ର ସଞ୍ଜୟ ଜେଠୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ାର କର୍ମକର୍ତ୍ତା ଓ ଗ୍ରାମବାସୀ ସାମିଲ ହୋଇଥିଲେ।

# କୁଷ୍ଠ ନିରାକରଣ ଦିବସ ପାଳିତ




ବୈଠକରେ କୁଷ୍ଠ ରୋଗ ନିରାକରଣ ଉପରେ ଆଲୋଚନା କରାଯାଉଛି।

**ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ପୂର୍ବାହ୍ନରେ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ପ୍ରାୟ ୮ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା ସହିତ ଜନସାଧାରଣଙ୍କ ସଚେତନ କରାଯାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ଧନୁର୍ଜୟ ମାହାନ୍ତ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଏଏନ୍‌ଏମ୍‌ସିର ଛାତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱ ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ କୁଷ୍ଠରୋଗ ମୂଳୋତ୍ପାଟନ କାର୍ଯ୍ୟକ୍ରମ ଉପରେ ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ଧନୁର୍ଜୟ ମାହାନ୍ତ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ମନୋରଞ୍ଜନ ସାମଲ, ଡିପିଏମ୍ ଉମେଶ ପ୍ରସାଦ ଷଡଙ୍ଗୀ, ଡାକ୍ତର ବିଳାସିନୀ ସାହୁ ପ୍ରମୁଖ ଉପସ୍ଥିତ ରହି କୁଷ୍ଠ ରୋଗର କାରଣ, ଏହା କିଭଳି ବ୍ୟାପିଥାଏ ଏବଂ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏଏସ୍‌ଏମ୍‌ସିର ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ସଫଳତା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଘନଶ୍ୟାମ ପ୍ରଧାନ ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣା କମାଇବା ଉପରେ ଗୁରୁତ୍ୱ

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

**ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଜିଲାପାଳ କବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ସଡ଼କ ଦୁର୍ଘଟଣା କିଭଳି ରୋକାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ଜିଲାରେ ସଡ଼କ ଦୁର୍ଘଟଣା କମାଇବା ପାଇଁ ସେ ନେଇ ଆଲୋଚନା କରାଯାଇଥିଲା।



ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବିଶେଷ କରି ଦୁର୍ଘଟଣା ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଚେକିଂ କରିବା ସହିତ ଟ୍ରାଫିକ ନିୟମ ପାଳନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷୀତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ସିଦ୍ଧାର୍ଥ ଗୁରୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ମହାସଂଘର ପୁନର୍ଗଠନ ନିଷ୍ପତ୍ତିକୁ ବିରୋଧ

**ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)**

ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘର ପୁନର୍ଗଠନ ନିମନ୍ତେ ସରକାରଙ୍କ ନିର୍ଦ୍ଦେଶନାମାକୁ ବିରୋଧ କରି ଓଡ଼ିଶା ଜୀବୀକା ମିଶନ ଇସି ସଂଘ ଦେବଗଡ଼ ଜିଲା ଶାଖା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ବୁଧବାର ପୂର୍ବାହ୍ନରେ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଦେବଗଡ ଜିଲା ଶାଖା ସଭାନେତ୍ରୀ ମିଲି ଦଳବେହେରା ଓ ସମ୍ପାଦିକା ସୁଜାତା ପ୍ରଧାନଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟା ଓ କର୍ମକର୍ତ୍ତା ଦେବଗଡ ଜିଲାପାଳଙ୍କ କାର୍ଯ୍ୟାୟଳୟକୁ ଆସି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଏହାର ନକଲ ଦେବଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ଜୀବିକା ମିଶନ ଇସି ସଂଘ**

ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗତ ୮ତାରିଖରେ କମିଶନର ତଥା ସଚିବ ଓ ଜିଲାପାଳମାନଙ୍କୁ ପତ୍ର ଲେଖି ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍, ବିଏଲ୍‌ଏଫ୍ ଓ ଡିଏଲ୍‌ଏଫ୍‌ର ପୁନଃଗଠନ ନିମନ୍ତେ ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ଫଳରେ ମିଶନ ଶକ୍ତିର ହୃତପିଣ୍ଡ ଭଳି କାର୍ଯ୍ୟ କରୁଥିବା ଦେବଗଡ଼ ଜିଲାର ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍, ବିଏଲ୍‌ଏଫ୍ ଓ ଡିଏଲ୍‌ଏଫ୍‌ମାନଙ୍କ ମଧ୍ୟରେ ମାନସିକ ଯନ୍ତ୍ରଣା ବୃଦ୍ଧି ପାଇବାରେ ଲାଗିଛି। ଏଣୁ ସେମାନଙ୍କ ପୁନର୍ଗଠନକୁ ବନ୍ଦ କରାଯିବା, ସରକାର ମିଶନ ଶକ୍ତି ବିଭାଗ ପକ୍ଷରୁ ଋଣ ଯୋଜନାରେ ସାମିଲ କରି ମହତ କାର୍ଯ୍ୟ କରିଥିବା ବେଳେ ସ୍କୁଟି ଯୋଜନାର ସର୍ତ୍ତାବଳି ଅନୁଯାୟୀ ୪୮ଟି କିସ୍ତି ମଧ୍ୟରୁ ମାତ୍ର ୧୧ଟି କିସ୍ତି ପ୍ରଦାନ କରିଥିବାବେଳେ ଅବଶିଷ୍ଟ କିସ୍ତିଗୁଡିକ ସମ୍ପର୍କରେ ସରକାର ବିଚାର କରିବା ଏବଂ ମିଶନ ଶକ୍ତି ଅଧୀନ ଓଡ଼ିଶା ଜୀବୀକା ମିଶନର କାର୍ଯ୍ୟ ନିର୍ବାହୀ ମହିଳାମାନେ ବିନା ପାରିଶ୍ରାମିକରେ କାର୍ଯ୍ୟ କରି ଆସୁଥିବାରୁ ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍, ବିଏଲ୍‌ଏଫ୍ ଓ ଡିଏଲ୍‌ଏଫ୍‌ର କୌଣସି କାର୍ଯ୍ୟ ନିର୍ବାହୀ କମିଟିର ମହିଳାମାନଙ୍କ ପୁନଃ ଗଠନ ନ କରିବାକୁ ଉକ୍ତ ସ୍ମାରକପତ୍ର ଜରିଆରେ ଦାବି କରିଛନ୍ତି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଜୀବିକା ମିଶନ ଇସି ସଂଘ ସଦସ୍ୟାମାନେ।

# କଟକ ବାରବାଟୀ କବାଡ଼ି ଦଳକୁ ଟାଇଟଲ

**ଦେବଗଡ଼,୩୦।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ସେବା ସଂଘ ଓ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପଡ଼ିଆରେ ଗତ ୨୮ ତାରିଖଠାରୁ ଚାଲିଥିବା ରାଜ୍ୟସ୍ତରୀୟ ଦିବାରାତ୍ରି କବାଡ଼ି ପ୍ରତିଯୋଗିତା ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର କବାଡି ଦଳକୁ ୩୪-୨୭ ପଏଣ୍ଟରେ ପରାସ୍ତ କରି କଟକ ବାରବାଟୀ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ନୂଆପଡ଼ା କବାଡି ଦଳ ଓ ଭୁବନେଶ୍ୱରର କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫-୨୮ ପଏଣ୍ଟରେ ନୂଆପଡ଼ା କବାଡି କ୍ଲବକୁ ପରାସ୍ତ କରି ଭୁବନେଶ୍ୱର ଫାଇନାଲକୁ ଉନ୍ନିତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଆସ୍କା କବାଡ଼ି ଦଳକୁ ୩୦-୨୬ ପଏଣ୍ଟରେ ପରାସ୍ତ କରି କଟକର ବାରବାଟୀ କବାଡି ଦଳ ଫାଇନାଲକୁଉନ୍ନିତ ହୋଇଥିଲା। ଫାଇନାଲ ମ୍ୟାଚ ପୂର୍ବରୁ ସମ୍ବଲପୁର ଓ ରାଉରକେଲା ମହିଳା କବାଡି ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ୪୬-୧୯ ପଏଣ୍ଟରେ ବିଜୟୀ ହୋଇଥିଲା। ରାତ୍ରିରେ ଦେବଗଡ଼ ସେବା ସଂଘର ସଭାପତି ଧର୍ମେନ୍ଦ୍ର କୁମାର ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ




ଟ୍ରଫି ସହ ଚାମ୍ପିୟନ ଟିମ୍ ଖେଳାଳି ଏବଂ ଅତିଥିବୃନ୍ଦ।

**ରାଜ୍ୟସ୍ତରୀୟ ଦିବାରାତ୍ରି କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ**

ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଚାମ୍ପିୟନ ଓ ରନର୍ ଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରବିନାରାୟଣ ନାୟକ ଯୋଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୁରୁଖା ଖେଳାଳିମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସଭାକୁ ଜନ୍ମାଜୟ ନାୟକ ଓ ବିଦେଶୀ ସାହୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ସେବା ସଂଘର ଉପଦେଷ୍ଟା ଡାକ୍ତର ସୁଶୀଳ କୁମାର ମହାପାତ୍ର, ସମ୍ପାଦକ ସୁଶୀଳ କୁମାର ନାୟକ, କୋଷାଧ୍ୟକ୍ଷ ସୁରେନ କୁମାର ନାୟକ, ପ୍ରାକ୍ତନ ଖେଳାଳି ପ୍ରଦୀପ କୁମାର ଅମାନ୍ତ ଓ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଫାଇନାଲ ମ୍ୟାଚ୍‌ରେ ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମଦ ଜବତ, ହୋଟେଲ ମାଲିକ ଗିରଫ

ରାଉରକେଲା,୩୦।୧(ସଙ୍ଗୀତା ଜେନା): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଅଞ୍ଚଳରେ ଗୁରୁବାର ଅପରାହ୍ନ ୪ଟାରେ ସ୍କୁଟି ସହ ଜଣେ ବ୍ୟକ୍ତିଙ୍କୁ ବିଦେଶୀ ମଦ ଚାଲାଣ କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଶିବପ୍ରସାଦ ମହାନ୍ତି। ତାଙ୍କ ନିକଟରୁ ବିଭିନ୍ନ ବ୍ରାଣ୍ଡର ୬ ଲିଟର ବିଦେଶୀ ମଦ ଜବତ ହୋଇଛି। ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ୧ରୁ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

ରାଉରକେଲା,୩୦।୧(ଦିନେଶ ମିଶ୍ର): ରାଉରକେଲା ମହାନଗର ନିଗମ, ସୁନ୍ଦରଗଡ଼ ଜିଲା ପ୍ରଶାସନ ଏବଂ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ, ଓରମାସର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲିଶ୍ରୀ ଓ ଖାଦ୍ୟମେଳା ଆସନ୍ତା ଫେବୃଆରୀ ୧ରୁ ୭ ପର୍ଯ୍ୟନ୍ତ ଭଞ୍ଜଭବନ ନିକଟସ୍ଥ ସେକ୍ଟର-୫ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେବ। ଏହି ମେଳାରେ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା ଓ ଖାଦ୍ୟ ମେଳା ପାଇଁ ୨୦୦ ଷ୍ଟଲ ଲାଗିବ। ଏଥିରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ କରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପ୍ରଦର୍ଶନୀ ପ୍ରତ୍ୟେକ ଦିନ ସକାଳ ୧୦ ଘଟିକାରୁ ରାତ୍ରି ୧୦ଟା ଯାଏଁ ଚାଲିବ। ଖାଦ୍ୟ ମେଳା ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

### ନୂତନ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୩୦।୧(ଦିନେଶ ମିଶ୍ର): ଉଦିତନଗର ଥାନା ଅଧିକାରୀ ଭାବେ ଯୋଗଦେଇଥିବା ଦିଲୀପ ଲାକ୍ରାଙ୍କୁ ମାଲଗୋଦାମ ଅଞ୍ଚଳବାସୀ ଗୁରୁବାର ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଥିଲେ। ମାଲଗୋଦାମ ଅଞ୍ଚଳର ଜହ୍ନ ନାୟକ, ସୀତାରାମ ଦତ୍ତ (ଖୋଖୋ), ରଞ୍ଜନ ନାୟକ, ଅଶୋକ ଚୌଧୁରୀ, ଗୋପି ସାହୁ, ସଞ୍ଜୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗଛରେ ପିଟିହୋଇ ବାଇକ୍ ଚାଳକ ମୃତ

ରାଜଗାଙ୍ଗପୁର,୩୦।୧(ଅଶୋକ ପାଣି): ରାଜଗାଙ୍ଗପୁର ବ୍ଲକ ସୁନାଖଣ୍ଡ ନିକଟରେ ବାଇକ ଭାରସାମ୍ୟ ହରାଇ ଗଛରେ ପିଟି ହୋଇବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଟୁନିଆ ମହାନ୍ତିପଡାର ଗଣେଶ ଧନୱାର(୪୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବୁଧବାର ଗଣେଶ କୌଣସି କାମରେ ବାଇକ ଯୋଗେ ସୁନାଖଣ୍ଡି ଯାଇ ରାତିରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ଗାଁ ଲୋକେ ଦେଖି ପରିବାର ଏବଂ ଥାନାକୁ ଖବର ଦେଇଥିଲେ।

# ଜଣେ ଚାଳକରେ ଚାଲିଛି ଲଙ୍ଗ୍ ରୁଟ୍ ବସ୍

ରାଉରକେଲା,୩୦।୧(ସଙ୍ଗୀତା ଜେନା)



ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ପାର୍କିଂ କରିଛନ୍ତି।

ରେଳ, ବିମାନ ସହ ବସ୍‌ସେବାକୁ ଯାତ୍ରୀ ପରିବହନର ଏକ ନିର୍ଭରଯୋଗ୍ୟ ମାଧ୍ୟମ ଭାବେ ଗଣାଯାଉଛି। ଧନୀଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ କମ୍ ଦୂରତ୍ୱ ହେଉ ଅବା ଦୂରଗାମୀ ବସ୍ ଯାତ୍ରାକୁ ଉଚିତ ମନେ କରିଥାନ୍ତି। ହେଲେ ଏହି ବସ୍‌ସେବା ଯାତ୍ରୀଙ୍କ ପାଇଁ ସୁରକ୍ଷିତ ନ ଥିବା ଜଣାପଡ଼ିଛି। ଅଧିକାଂଶ ଦୂରଗାମୀ ଘରୋଇ ବସ୍‌ରେ ଜଣେ ଲେଖାଏ ଚାଳକ ଥିବା ଦେଖିବାକୁ ମିଳୁଛି। ଫଳରେ ଯାତ୍ରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବସ୍‌ଗୁଡ଼ିକ ନିୟମିତ ଯାଞ୍ଚ ହେଉ ନ ଥିବା ଅଭିଯୋଗ ହେଉଛି। ଏହାର ସୁଯୋଗ ନେଇ ଘରୋଇ ବସ୍‌ଗୁଡ଼ିକ ଜଣେ ଲେଖାଏ ଚାଳକରେ ଦୂରସ୍ଥାନକୁ ଯାତ୍ରା କରୁଛନ୍ତି। ଜଣେ ଚାଳକ ଲଙ୍ଗ୍ ରୁଟ୍‌ରେ ୪ରୁ ୫ ଶହ କି.ମି ଯାତ୍ରା କରିବାକୁ ବାଧ ହେଉଛନ୍ତି। ରାତି ଅନିଦ୍ରା ଯୋଗୁ ଅନେକ ସମୟରେ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଏହାଦ୍ୱାରା ଯାତ୍ରୀମାନଙ୍କ ଜୀବନ ବିପନ୍ନ ହେଉଛି।

**ଯାଞ୍ଚ କରୁଛି ଏନ୍‌ଫୋର୍ସମେଣ୍ଟ ଟିମ୍: ଆର୍‌ଟିଓ**

ପ୍ରତ୍ୟେକ ଦିନ ରାଉରକେଲାରୁ ରାଜ୍ୟର ବିଭିନ୍ନ ସ୍ଥାନ ଯଥା କଟକ, ଭୁବନେଶ୍ୱର, ବାଲେଶ୍ୱର, ବାରିପଦା, ବ୍ରହ୍ମପୁର, କୋରାପୁଟ, ରାୟଗଡ଼, ପାରାଦ୍ୱୀପ, ଜଗତ୍‌ସିଂହପୁର, ଯାଜପୁର, ରାଜକନିକା, ଭଦ୍ରକ, ଚାନ୍ଦବାଲି, ପୁରୀ, କାକଟପୁର, ଫୁଲବାଣୀ ସମେତ ବିଭିନ୍ନ ସ୍ଥାନକୁ ଶହ ଶହ ବସ୍ ଯାତ୍ରା କରୁଛି। ଏହି ବସ୍‌ଗୁଡ଼ିକ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବସ୍ କଟକ ଏବଂ ଭୁବନେଶ୍ୱରକୁ ଯାତ୍ରା କରୁଛନ୍ତି। ଗୋଟିଏ ଗୋଟିଏ ବସ୍‌ରେ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଯାତ୍ରା କରୁଛନ୍ତି। ମୋଟାମୋଟି ଭାବେ ହଜାର ହଜାର ଯାତ୍ରୀଙ୍କ ସୁରକ୍ଷା ଜଣେ ବସ୍ ଚାଳକ ଉପରେ ନିର୍ଭର କରୁଥିବାରୁ ଯାତ୍ରୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ଏକ ବସ୍‌ର ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ, ଉକ୍ତ ବସ୍‌ରେ ଜଣେ ମାତ୍ର ଚାଳକ ଥିଲେ। ରାତିରେ ବସ୍‌ଟି ବାଟରେ ରହଣି କରି ଆସିଥିଲା। ଅଧିକାଂଶ ବସ୍‌ରେ ସମାନ ପରିସ୍ଥିତି ରହିଛି। ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି ବୋଲି ଯାତ୍ରୀ ଜଣଙ୍କ ଅଭିଯୋଗ କରିଥିଲେ।

ଏ ନେଇ ରାଉରକେଲା ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଦାସ କହିଛନ୍ତି, ବସ୍‌ରେ ଯାତ୍ରୀ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ନାଇଟ୍ କୋଚ୍ ଲଙ୍ଗ୍ ରୁଟ୍ ବସ୍‌ରେ ଚାଳକଙ୍କ ବିଶ୍ରାମ ପାଇଁ ସ୍ଲିପର ରେଷ୍ଟ ସିଟ୍ ବ୍ୟବସ୍ଥା ରହିଛି। ପରିବହନ ବିଭାଗ ପକ୍ଷରୁ ଦିନକୁ ଦିନ ନିୟମ କଡ଼ାକଡ଼ି କରାଯାଉଛି। ବସ୍‌ଗୁଡ଼ିକର ଆନୁସଙ୍ଗିକ କାଗଜପତ୍ର ରଖିବାକୁ ପଡୁଛି। କୌଣସି ନିୟମ ଅଣଦେଖା ହେଲେ ମୋଟା ଅଙ୍କର ଜରିମନା ଦେବାକୁ ପଡୁଛି ବୋଲି ଦାସ କହିଥିଲେ। ଏ ସମ୍ପର୍କରେ ଆର୍‌ଟିଓ ବିଭବ ସାମନ୍ତସିଂହାରଙ୍କୁ ପଚରାଯିବାରୁ ସେ କହିଲେ, ଅନେକ ସମୟରେ ବସ୍‌ଗୁଡ଼ିକୁ ଯାଞ୍ଚ କରାଯାଉଛି। ସ୍ୱତନ୍ତ୍ର ଯାଞ୍ଚ ପାଇଁ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ରହିଛି। ଅବ୍ୟବସ୍ଥା ଏବଂ ଅନିୟମିତତା ପରିଲକ୍ଷିତ ହେଲେ ଜରିମାନା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଯାତ୍ରୀ ସୁରକ୍ଷାକୁ ପ୍ରାଧାନ ଦିଆଯାଉଛି ବୋଲି ସାମନ୍ତସିଂହାର କହିଥିଲେ।

# ଶିଳ୍ପ ବର୍ଜ୍ୟଜଳ ବିଶୋଧନ ପାଇଁ ଅଭିନବ ପ୍ରକ୍ରିୟା ବିକଶିତ


ପ୍ରକଳ୍ପ ସହ ପ୍ରଫେସର ସୁଜିତ ସେନ୍।

ରାଉରକେଲା,୩୦।୧(ସଙ୍ଗୀତା ଜେନା)

ବୟନ ଶିଳ୍ପ, ରାସାୟନିକ ଦ୍ରବ୍ୟ, ବର୍ଜ୍ୟଜଳ ବିଶୋଧନ ଏବଂ ଜଳ ପୁନଃଚକ୍ରଣ, ବ୍ୟବହାରକ୍ଷମ କରିବା ଭଳି ଶିଳ୍ପ ବିକଶିତ କରୁଛି ରାଉରକେଲା ଏନ୍‌ଆଇଟି। ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଗବେଷକମାନେ ବିସ୍ମାର୍କବ୍ରାଉନ୍ ଭଳି ସ୍ଥାୟୀ ରଙ୍ଗରେ ଦୂଷିତ ଶିଳ୍ପ ବର୍ଜ୍ୟଜଳକୁ ବିଶୋଧନ କରିବା ପାଇଁ ଏକ ଅଭିନବ ପ୍ରକ୍ରିୟା ବିକଶିତ କରିଛନ୍ତି। କେମିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସୁଜିତ ସେନ୍‌ଙ୍କ ନେତୃତ୍ୱରେ ଏନ୍‌ଆଇଟିର ରିସର୍ଚ୍ଚ ଗ୍ରାଜୁଏଟ୍ ଡ. ମଧୁମିତା ମାନ୍ନା ଓ ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ବିନୟକାନ୍ତି ଦତ୍ତଙ୍କ ସମେତ ଗବେଷକ ଦଳ ବର୍ଜ୍ୟଜଳରୁ ଅପସାରଣ କ୍ଷମତା ବୃଦ୍ଧି କରିବା ପାଇଁ ମାଇକ୍ରୋବଲ୍ ପ୍ରଯୁକ୍ତିବିଦ୍ୟା ସହିତ ନାନୋ କମ୍ପୋଜିଟ୍ ଭିତ୍ତିକ ସିରାମିକ୍ ମେମ୍ବ୍ରେନକୁ ମାଇକ୍ରୋବଲ୍ ପ୍ରଯୁକ୍ତିବିଦ୍ୟା ସହିତ ମିଶ୍ରଣ କରିଛନ୍ତି। ବର୍ତ୍ତମାନର ଅନୁସନ୍ଧାନ ନ୍ୟାଶନାଲ୍ ରିସର୍ଚ୍ଚ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ଦ୍ୱାରା ସମର୍ଥିତ

**ରାଉରକେଲା ଏନ୍‌ଆଇଟିର କୃତିତ୍ୱ**

ଏହି ଗବେଷଣା ସମ୍ମାନଜନକ ଜର୍ନାଲ ଅଫ୍ ଏନଭର୍ନାମେଣ୍ଟାଲ କେମିକାଲ ଇଞ୍ଜିନିୟରିଂରେ ପ୍ରକାଶିତ ହୋଇଛି। ଏହାବ୍ୟତୀତ ଗବେଷକଦଳକୁ ବିକଶିତ ଜ୍ଞାନକୌଶଳ ପାଇଁ ପେଟେଣ୍ଟ ପ୍ରଦାନ କରାଯାଇଛି। ପ୍ରଫେସର ସୁଜିତ ସେନ୍ ଗବେଷଣାର ମହତ୍ୱ ସମ୍ପର୍କରେ କହିଛନ୍ତି, ଉକ୍ତ ହାଇବ୍ରିଡ୍ ସିଷ୍ଟମ ମାତ୍ର ୯୦ ମିନିଟ୍‌ରେ ବିସ୍ମାର୍କବ୍ରାଉନ୍ ଆରର୍ ୯୫ ପ୍ରତିଶତ, ଡିକ୍ଲୋରାଇଜୋନ ଏବଂ ୯୪ ପ୍ରତିଶତ ରାସାୟନିକ ଅମ୍ଳଜାନ ଚାହିଦା(ସିଓଡ଼ି) ହଟାଇବାରେ ସଫଳ ହୋଇଛି। ଏହା ବର୍ଜ୍ୟଜଳ ବିଶୋଧନର ଉତ୍କୃଷ୍ଟ ପ୍ରକ୍ରିୟା ସାବ୍ୟସ୍ତ ହୋଇଛି। ପରବର୍ତ୍ତୀ ପଦକ୍ଷେପ ଭାବେ ଗବେଷକ ଦଳ ପରିବେଶ ସ୍ଥାୟିତ୍ୱ ବଜାୟ ରଖିବା ସହିତ ଶିଳ୍ପ ବର୍ଜ୍ୟଜଳ ବଶୋଧନରେ ଉନ୍ନତି ଆଣିବା ଲକ୍ଷ୍ୟରେ ଏହା ପ୍ରଯୁକ୍ତି ବିଦ୍ୟାକୁ ଅଧିକ ପ୍ରୟୋଗଶୀଳ କରିବା ଲାଗି ପ୍ରୟାସ ଜାରି ରହିବ ବୋଲି ସେନ୍ କହିଛନ୍ତି।

# ଏଡିଏମ୍‌ଙ୍କୁ ଖ୍ରୀଷ୍ଟିଆନ ମୋର୍ଚ୍ଚାର ଦାବିପତ୍ର ପ୍ରଦାନ



ଦାବିପତ୍ର ପ୍ରଦାନ ଅବସରରେ ମୋର୍ଚ୍ଚାର କର୍ମକର୍ତ୍ତା।

ରାଉରକେଲା,୩୦।୧(ଦିନେଶ ମିଶ୍ର)

ସୁନ୍ଦରଗଡ ଜିଲା ତଥା ରାଉରକେଲାର ମୂଳବାସୀ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନଙ୍କ ପ୍ରତି ଅନ୍ୟାୟ ଓ ଅତ୍ୟାଚାର ହେଉଛି। ଏହାକୁ ବିରୋଧ କରି ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା ସୁନ୍ଦରଗଡ ପକ୍ଷରୁ ଗୁରୁବାର ମଧ୍ୟାହ୍ନ ସାଢେ ୧୨ଟାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ ୮ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଅଭିଯୋଗ କରିଛନ୍ତି, ବର୍ତ୍ତମାନ ରାଜ୍ୟରେ ବସବାସ କରୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀଙ୍କୁ ଅତ୍ୟାଚାର କରାଯାଉଛି। ସେମାନଙ୍କ ଧର୍ମସ୍ଥଳକୁ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଖ୍ରୀଷ୍ଟଧର୍ମର ଲୋକମାନେ ଆଇନର ସାହାରା ନେଉଥିଲେ ମଧ୍ୟ ସେମାନଙ୍କୁ ଉଚିତ ନ୍ୟାୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ତେଣୁ ଏଥିପ୍ରତି ସରକାର ଓ ରାଷ୍ଟ୍ରପତି ଉଚିତ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା ସୁନ୍ଦରଗଡର ଉପଦେଷ୍ଟା ରଞ୍ଜିତ ପାତ୍ର, ଥୋମାସ୍ ଟୋପୋ, ତେଗ୍ରା ଖାଲକୋ, ସୁନିତା ଖାଲକୋ, ପାଓଲୁସ୍ ଖାଖା, ଡେନିସ୍ କୁଜୁରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଫାଇନାଲିଷ୍ଟ ଦଳକୁ ଫୁଟ୍‌ବଲ କିଟ୍ ପ୍ରଦାନ

ରାଉରକେଲା,୩୦।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପଦକ୍ଷେପ ସ୍ୱରୂପ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ୮ଟି ଫାଇନାଲିଷ୍ଟ ଦଳକୁ ଫୁଟବଲ କିଟ୍ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେକ୍ଟର-୨୦ରେ ଥିବା ସିଏସ୍‌ଆର ବିଭାଗ ଫେରିଫେରାଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କିଟ୍ ବିତରଣ କରାଯାଇଥିଲା। ଟି ଏଣ୍ଡ ଆର୍‌ଏମ୍ ବିଭାଗର ଜିଏମ୍ ସନ୍ତୋଷ ଭୂୟାଁ ଏବଂ କ୍ରୀଡ଼ା ବିଭାଗ ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଏହି କିଟ୍ ବଣ୍ଟନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗ ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର ,ଏଜିଏମ୍ ଟି. ବି ଟପ୍ପୋ, ପୂର୍ବତନ ନ୍ୟାଶନାଲ ଫୁଟବଲ ମ୍ୟାଚ ରେଫରି ଭାସ୍କର ନନ୍ଦଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ପ୍ରତି ଫାଇନାଲିଷ୍ଟ ଦଳକୁ ଜୋତା, ମୋଜା, ଟି-ସାର୍ଟ, ସିନ ଗାର୍ଡ ସହିତ ଫୁଟବଲକୁ ମିଶାଇ ଏକ ସମ୍ପୂର୍ଣ୍ଣ ଫୁଟବଲ କିଟ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟୁର୍ନାମେଣ୍ଟ ଚୂଡାନ୍ତ ନିଷ୍ପତି ସହିତ ମ୍ୟାଚ୍‌ର ନିୟମାବଳୀ ଏବଂ କାର୍ଯ୍ୟସୂଚୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସ୍‌ଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା ସଂଯୋଜନା କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ଶ୍ରଦ୍ଧାଞ୍ଜଳି



ରାଉରକେଲା,୩୦।୧(ସଙ୍ଗୀତା ଜେନା)

ନାରୀଶିକ୍ଷା, ମହିଳା ସଶକ୍ତୀକରଣ, ଆତ୍ମନିର୍ଭର ମହିଳା ଆଦି ସ୍ୱପ୍ନକୁ ପିଢ଼ି ପରେ ପିଢ଼ି ଆଗେଇ ନେବା। ଯାହାଦ୍ୱାରା ମହିଳାଙ୍କ ବିକାଶ ଉପରେ ଦେଶର ବିକାଶ ନିର୍ଭର କରୁଛି। ସ୍ୱାବଲମ୍ବୀ ହେବା ଦିଗରେ ମହିଳାଙ୍କୁ ପୂର୍ଣ୍ଣ ସହଯୋଗ କରି ଦେଶର ବିକାଶରେ ସହଯୋଗ କରିବା ହିଁ ମହାତ୍ମାଗାନ୍ଧୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଜଗଦା ନବଜୀବନ ମଣ୍ଡଳ ଆନୁକୂଲ୍ୟରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ଗାନ୍ଧୀ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆବାହିକା ସୁନନ୍ଦା ବରାଳ ଏପରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖଦି ସାମଗ୍ରୀ ସହିତ ଚିତ୍ରକଳା ପ୍ରଦର୍ଶନ କରାଯାଇଥିଲା। ତାଲିମଦାତ୍ରୀ ସବିତା ଭଗତ, ଆସିତା ସାଲୋମୀ ବାର୍ଲା, ରତିକା କିଷାନ୍, ଆଳି ଏକ୍କା, ଆଲିଶା ଏକ୍କା, ସୁସ୍ମିତା ତିର୍କୀ, ସୋନମ ସାହା, ସରିତା ସମାଦ, ପ୍ରେମିକା ଡୁଙ୍ଗଡୁଙ୍ଗ, କବିତା କେର୍କେଟା, ରଶ୍ମିତା ଦାଶ, ଅନୀତା ଟପ୍ପୋ, ସୌରନ୍ଧ୍ରୀ ରାଉତ, ରେଶମା ପ୍ରଧାନ, ଦୀପାଳି ମୋଚି, ସୁଜାତା ଦେହୁରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ସେକ୍ଟର-୧୯ ସିଭିକ୍ ସେଣ୍ଟରଠାରେ ଗାନ୍ଧୀ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସଭାପତି ପ୍ରଶାନ୍ତ ପତିଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର, ହମିରପୁର ଉନ୍ନୟନ ପରିଷଦ ସଭାପତି ସୁମନ ଦତ୍ତ, କଲ୍‌ଚରାଲ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀ, ଇସ୍ପାତ ସାହିତ୍ୟ ସଂସଦ ସଭାପତି ବ୍ରଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ବିଶ୍ୱ ମାନବିକତାର ମୁକ୍ତି ପାଇଁ କର୍ମଯୋଜନାକୁ ଉପସ୍ଥାପନ କରିଥିଲେ। କାଶୀନାଥ ନନ୍ଦୀ, ଚନ୍ଦ୍ରଶେଖର ପାଇକରାୟ, ଦେବେନ୍ଦ୍ର ମହାରଣା, ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ବେଦବ୍ୟାସ ଛକରେ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସଭାପତି ରବି ରାୟ, ସାବିର ହୁସେନ୍, ଦେବବ୍ରତ ବିହାରୀ, ରାମାନନ୍ଦ ଶ୍ରୀଚନ୍ଦନ, ଆଶିଷ ମହାନ୍ତିଙ୍କ ସମତେ ଶତାଧିକ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ସେକ୍ଟର-୧୯ସ୍ଥିତ ଗାନ୍ଧୀଙ୍କ ପ୍ରତିମାରେ ସିଟୁ, ସିପିଆଇଏମ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

# ସମଗ୍ର ଶିକ୍ଷା ଆକାଉଣ୍ଟାଣ୍ଟ, ଯୋଜନା ସଂଯୋଜକଙ୍କୁ ସ୍ଥାୟୀ କରିବାକୁ ଦାବି

ରାଉରକେଲା,୩୦।୧(ଦିନେଶ ମିଶ୍ର)

ସମଗ୍ର ଶିକ୍ଷା ଅଧୀନରେ ବ୍ଲକସ୍ତରରେ କାର୍ଯ୍ୟରତ ସମସ୍ତ ହିସାବ ରକ୍ଷକ, ସହାୟକ କର୍ମଚାରୀ ଓ ଯୋଜନା ସଂଯୋଜକ କର୍ମଚାରୀମାନେ ନିଜର ଦୀର୍ଘଦିନର ଦାବିକୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଅବସରରେ ବିଶ୍ରା ବ୍ଲକରେ କାର୍ଯ୍ୟରତ ହିସାବରକ୍ଷକ, ଯୋଜନା ସଂଯୋଜକ ଓ ସହାୟକ କର୍ମଚାରୀ ଗୁରୁବାର ପୂର୍ବାହ୍ନ ସାଢେ ୧୧ଟାରେ ଜିଲା ଶିକ୍ଷାଧିକାରୀ ଓ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୧୨ ବର୍ଷ ଧରି ଏହି କର୍ମଚାରୀମାନେ ବିଇଓଙ୍କ କାର୍ଯ୍ୟାଳୟରେ ସ୍ୱଳ୍ପ ବେତନରେ କାର୍ଯ୍ୟ କରି ଆସୁଛନ୍ତି। ବିଶ୍ରା ବ୍ଲକ ଅଧୀନ ୩୩୭ଟି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦରମା ହିସାବ କରିବା, ଶିକ୍ଷା ବିଭାଗର ଉନ୍ନୟନ କାର୍ଯ୍ୟ ଭଳି ବିଭିନ୍ନ କାର୍ଯ୍ୟ କରିଆସୁଥିଲେ ମଧ୍ୟ ଶିକ୍ଷା ବିଭାଗ ସ୍ଥାୟୀ ନିଯୁକ୍ତି ପାଇଁ ପଦକ୍ଷେପ ନେଇନାହିଁ। ସେମାନଙ୍କୁ ଏ ପର୍ଯ୍ୟନ୍ତ ସରକାରୀ ସ୍ଥାୟୀ ନିଯୁକ୍ତି ନ କରି ଠିକା କର୍ମଚାରୀ ଭାବେ ଖଟାଉଛନ୍ତି। ଫଳରେ ଏହି କର୍ମଚାରୀମାନେ ପରିବାର ଭରଣପୋଷଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ କର୍ମଚାରୀମାନଙ୍କୁ ଉପଯୁକ୍ତ ଦରମା ପ୍ରଦାନ ସହ ସ୍ଥାୟୀ ନିଯୁକ୍ତି ପାଇଁ ଏମ୍‌ଆଇଏସ୍ ମନୋଜ କୁମାର ଆଚାର୍ଯ୍ୟ, ଏମ୍‌ଆଇଏସ୍ କୋର୍ଡିନେଟର ପ୍ରତାପ କୁମାର ନାୟକ, ସରୋଜିନୀ ତନ୍ତୀ ପ୍ରମୁଖ ଦାବି କରିଛନ୍ତି।

# ଯାଞ୍ଚ ହେଉନି ଟ୍ରେଡ୍ ଲାଇସେନ୍ସ

ରାଉରକେଲା,୩୦।୧(ଦିନେଶ ମିଶ୍ର)

- ଆର୍‌ଏମ୍‌ସିର ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି
- ମାର୍ଚ୍ଚ ପରେ ଖିଲାପିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ରାଉରକେଲା ସହରରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ଟ୍ରେଡ୍ ଲାଇସେନ୍ସଯାଞ୍ଚ ହେଉ ନ ଥିବାରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି। ଅଧିକାଂଶ ବ୍ୟବସାୟୀ ବ୍ୟବସାୟ କରୁଥିବାବେଳେ ଟ୍ରେଡ୍ ଲାଇସେନ୍ସ ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ମଧ୍ୟ ଏ ଦିଗରେ କଠୋର ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ବହୁ ବ୍ୟବସାୟୀ ମନଇଚ୍ଛା ବିନା ଟ୍ରେଡ୍ ଲାଇସେନ୍ସରେ କାରବାର କରୁଥିବା ଦେଖିବାକୁ ମିଳିଛି।

ରାଉରକେଲା ସହରରେ ବ୍ୟୁଟିପାର୍ଲର, ଅଟା ଚକି, ଲଜିଂ, ଫାଷ୍ଟଫୁଡ ଦୋକାନ, ସେଲୁନ, ଜଳଖିଆ ଦୋକାନ ଭଳି ବ୍ୟବସାୟିକ ସଂସ୍ଥା କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ଟ୍ରେଡ୍ ଲାଇସେନ୍ସ ନେବା ଜରୁରୀ। ସହରର କୋଏଲନଗର, ବାସନ୍ତୀ କଲୋନୀ, ସିଭିଲଟାଉନସିପ୍, ପାନପୋଷ, ଉଦିତନଗର, ଡେଲିମାର୍କେଟ, ଗୋପବନ୍ଧୁପାଲି ଭଳି ବିଭିନ୍ନ ସ୍ଥାନରେ ଆରଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନରେ ଶତାଧିକ ଦୋକାନ ରହିଥିଲେ ମଧ ବହୁ ବ୍ୟବସାୟୀ ନିଜ ନାମରେ ଦୋକାନ ହାତେଇ ବିନା ଟ୍ରେଡ୍ ଲାଇସେନ୍ସରେ ଅନ୍ୟ ବ୍ୟବସାୟୀଙ୍କୁ ଭଡାରେ ବ୍ୟବସାୟ କରିବାକୁ ଦେଇଛନ୍ତି। ଆରଏମ୍‌ସି ଅଞ୍ଚଳରେ କୌଣସି ବ୍ୟବସାୟ ପାଇଁ ଟ୍ରେଡ୍ ଲାଇସେନ୍ସ ଆବଶ୍ୟକତା ରହିଥିବାବେଳେ ଆରଏମ୍‌ସି ପକ୍ଷରୁ ଏ ନେଇ କୌଣସି କ୍ୟାମ୍ପ କି ପ୍ରଚାର ଯୋଗେ ଅବଗତ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ବ୍ୟବସାୟୀମାନେ ବିନା ଟ୍ରେଡ୍ ଲାଇସେନ୍ସ ମନଇଚ୍ଛା ବ୍ୟବସାୟ କରି ମାଲାମାଲ ହେଉଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ, ଆରଏମ୍‌ସି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଲକ୍ଷାଧିକ ବ୍ୟବସାୟୀଙ୍କ ମଧ୍ୟରୁ ୨୦୨୪ରେ ମାତ୍ର ୩୮ଶହ ବ୍ୟବସାୟୀଙ୍କ ପାଖରେ ଟ୍ରେଡ୍ ଲାଇସେନ୍ସ ଥିଲା। କିନ୍ତୁ ଚଳିତ ବର୍ଷ ବିଭାଗ ପକ୍ଷରୁ ଏହାକୁ ରିନ୍ୟୁ କରିବା ଓ ନୂତନ ବ୍ୟବସାୟୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଜିଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯଦି କୌଣସି ବ୍ୟବସାୟୀଙ୍କୁ ଟ୍ରେଡ୍ ଲାଇସେନ୍ସ ପ୍ରଦାନ କରାଯିବ ତାହେଲେ ଉକ୍ତ ବ୍ୟବସାୟ ପ୍ରତିଷ୍ଠାନର ଅବସ୍ଥିତି, ବ୍ୟବସାୟ କରୁଥିବା ସାମଗ୍ରୀର ମାନ, ପରିବେଶ, ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟା, ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବ ଉପରେ ଜାଣିହେବ। କିନ୍ତୁ କିଛିଜଣ ବ୍ୟବସାୟୀ ବାସସ୍ଥାନରେ ବ୍ୟବସାୟ କରୁଥିଲେ ମଧ ଆରଏମ୍‌ସି ଟ୍ରେଡ୍ ଲାଇସେନ୍ସ ବିଭାଗ ସେମାନଙ୍କ ଉପରେ ଚଢ଼ାଉ କରୁନାହିଁ। ଏଥିପ୍ରତି ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଏ ନେଇ ଆରଏମ୍‌ସି ଟ୍ରେଡ୍ ଲାଇସେନ୍ସବିଭାଗର ମୁଖ୍ୟ ଅଧିକାରୀ ଅଂଶୁ ସୋରେନ୍‌ଙ୍କୁ ପଚାରିବାରୁ ସେ କହିଥିଲେ, ପୂର୍ବରୁ ଯେଉଁ ବ୍ୟବସାୟୀମାନଙ୍କର ଟ୍ରେଡ୍ ଲାଇସେନ୍ସ ଥିଲା ସେମାନଙ୍କର ରିନ୍ୟୁ ପ୍ରକ୍ରିୟା ଜାରି ରହିଛି। ଯେଉଁ ବ୍ୟବସାୟୀ ଆରଏମ୍‌ସି ଅଞ୍ଚଳରେ ବ୍ୟବସାୟ କରୁଛନ୍ତି ଓ ଟ୍ରେଡ ଲାଇସେନ୍ସ କରିନାହାନ୍ତି ସେମାନଙ୍କୁ ଆଗାମୀ ଦିନରେ ମାଇକ୍ ଯୋଗେ ଅବଗତ କରାଯିବ। ମାର୍ଚ୍ଚ ମାସ ପରେ ଯଦି କୌଣସି ବ୍ୟବସାୟୀ ବିନା ଲାଇସେନ୍ସରେ ବ୍ୟବସାୟ କରୁଥିବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୋରେନ କହିଥିଲେ।

# ହକି ଇଣ୍ଡିଆ ଲିଗ୍ ପ୍ରେରଣାର ଉତ୍ସ

ରାଉରକେଲା,୩୦।୧(ଦିନେଶ ମିଶ୍ର)



ଏଚ୍‌ଆଇଏଲ ଟ୍ରଫି ସହ ଅଧିନାୟକ।

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍‌ର କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ରାତିରେ ଶେଷ ହୋଇଛି। ଏହି ଲିଗ୍‌ରେ ଅଂଶଗ୍ରହଣ କରିଥିବା ୮ଟି ଦଳ ମଧ୍ୟରୁ ୪ଟି ଦଳ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ଲିଗ୍‌ର ସେମିଫାଇନାଲ ମ୍ୟାଚ୍ ୩୧ ତାରିଖ ସନ୍ଧ୍ୟାରେ ଖେଳାଯିବାକୁ ଥିବାବେଳେ ଏହି ୪ଟି ଦଳର ଅଧିନାୟକମାନେ ଗୁରୁବାର ଅପରାହ୍ନ ୨ଟାରେ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ କନଫରେନ୍ସ ହଲରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହି ସମ୍ମିଳନୀରେ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ର ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିବା ସାରଚି ରାହା ବେଙ୍ଗଲ ଟାଇଗର୍ସର ଅଧିନାୟକ ରୁପେନ୍ଦ୍ରପାଲ ସିଂ, ଜେଏସ୍‌ଡବ୍ଲ୍ୟୁ ସୁରମା କ୍ଲବର ଅଧିନାୟକ ହରମନ୍‌ପ୍ରୀତ ସିଂ, ହାଇଦ୍ରାବାଦ ତୋଫାନର ଅଧିନାୟକ ସୁମିତ ବାଲ୍ମିକୀ ଓ ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ଅମିତ ରୋହିଦାସ ଉପସ୍ଥିତ ଥିଲେ। ହକି ଇଣ୍ଡିଆ ଲିଗ୍ ପ୍ରତ୍ୟେକ ହକି ଖେଳାଳିଙ୍କ ପାଇଁ ଦକ୍ଷତା ପ୍ରଦର୍ଶନ କରିବାର ଏକ ସୁବର୍ଣ୍ଣ ସୁଯୋଗ ଦେଇଛି ବୋଲି ଅଧିନାୟକମାନେ କହିଥିଲେ। ଏହି ଲିଗ୍‌ର ପ୍ରତ୍ୟେକ ମ୍ୟାଚ୍ ହକି ଖେଳାଳିଙ୍କ ପାଇଁ ଶିକ୍ଷଣୀୟ। ବିଦେଶୀ ଖେଳାଳିଙ୍କ ସହ ଭାରତ ଖେଳାଳି ଏକା ସାଙ୍ଗରେ ଖେଳିବାର ସୁଯୋଗ ଅନ୍ୟ କେଉଁ ମ୍ୟାଚ୍‌ରେ ଦେଖିବାକୁ ମିଳେନାହିଁ। ହକି ଇଣ୍ଡିଆ ଲିଗ୍‌ରେ ସେମିଫାଇନାଲକୁ ଆସିବାକୁ ପ୍ରତ୍ୟେକ ଦଳ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଆଗକୁ ସେମିଫାଇନାଲ ଥିବାରୁ ଆହୁରି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦର୍ଶକ ଦେଖିବେ ବୋଲି ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ଅମିତ ରୋହିଦାସ କହିଥିଲେ। ସେହିଭଳି ସୁରମା କ୍ଲବର ଅଧିନାୟକ ସିଂ କହିଥିଲେ, ୨୦୨୩ ବିଶ୍ୱକପ୍‌ରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ମୁଁ ଭାରତ ପାଇଁ ନେତୃତ୍ୱ କରିଥିଲି। ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଆମ ଦଳ ୧୦ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇ ୧୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବ ମ୍ୟାଚ୍‌ରେ ସମସ୍ତ ତ୍ରୁଟିକୁ ସୁଧାରି ସେମିଫାଇନାଲରେ ଭଲ ଖେଳି ଫାଇନାଲ ଯିବାକୁ ଉଦ୍ୟମ ଜାରି ରଖିବୁ ବୋଲି ସିଂ କହିଥିଲେ।

**୪ ଦଳର ଅଧିନାୟକଙ୍କ ଖବରଦାତା ସମ୍ମିଳନୀ**

ସେହିପରି ବେଙ୍ଗଲ ଟାଇଗର ଦଳ ବେଶ ସନ୍ତୁଳିତ ରହିଛି। ଆମ ଦଳର ସମସ୍ତ ଖେଳାଳି ପେନାଲ୍‌ଟି କର୍ନର ସୁଯୋଗକୁ ହାତଛଡା ନ କରି ଗୋଲରେ ପରିବର୍ତ୍ତନ କରୁଥିବାରୁ ଆମ ଦଳ ଆଗକୁ ଏହାର ପୁରା ସୁଯୋଗ ନେବ। ଏଥିସହ ଦଳର ସର୍ବାଧିକ ଗୋଲ ମାରିଥିବା ଭାରତୀୟ ଖେଳାଳି ଯୁଗରାଜ ସିଂ ବେଶ ଭଲ ଫର୍ମରେ ଅଛନ୍ତି। ଆମ ଦଳ ଏହି ଲିଗ୍‌ରେ ୧୦ଟି ମ୍ୟାଚ୍ ଖେଳି ସର୍ବାଧିକ ୬ଟି ବିଜୟୀ ହୋଇ ପଏଣ୍ଟ ତାଲିକାରେ ଶୀର୍ଷରେ ଥିବାରୁ ସମସ୍ତ ଖେଳାଳିଙ୍କ ମନୋବଳ ବେଶ୍ ମଜଭୂତ ରହିଛି। ତେଣୁ ଆମେ ନିଶ୍ଚିତ ଫାଇନାଲକୁ ଯିବୁ ବୋଲି ଦଳର ଅଧିନାୟକ ରୂପେନ୍ଦ୍ରପାଲ ସିଂ କହିଥିଲେ। ସେହିଭଳି ହାଇଦ୍ରାବାଦ ତୋଫାନର ଅଧିନାୟକ ସୁମିତ ବାଲ୍ମିକୀଙ୍କ ଦଳ ହକି ଇଣ୍ଡିଆ ଲିଗ୍‌ରେ ୧୦ଟି ମ୍ୟାଚ ଖେଳି ୧୮ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିବାବେଳେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଅଧିନାୟକ ଆଶା ରଖିଛନ୍ତି।

## ସଂକ୍ଷେପରେ

### ବନବିଭାଗର ଚଢ଼ାଉ: ଖଇର କାଠ ସହ ଗାଡ଼ି ଜବତ

ଖପ୍ରାଖୋଲ,୩୦।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ରେଞ୍ଜ ତରଫରୁ ବୁଧବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ୫ କୁଇଣ୍ଟାଲ ଖଇର କାଠ ସହ ଏକ ଅଲଟୋ ଗାଡ଼ି ଓ ଏକ ମୋଟର ସାଇକେଲ ଜବତ କରାଯାଇଛି। ଖଇର କାଠ ଚୋରା ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କ ନେତୃତ୍ୱରେ ଡୁଡୁକିପଦର ଗାଁ ନିକଟରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ କାଠ ଓ ଗାଡ଼ି ଛାଡ଼ି କାଠ ଚୋର ମାନେ ଫେରାର ହୋଇଥିଲେ। ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି। ଚଢ଼ାଉ ବେଳେ ବନରକ୍ଷୀ ରାଜେନ୍ଦ୍ର ଧରୁଆଙ୍କ ସହ ବନ୍ୟଜନ୍ତୁ ସୁରକ୍ଷା ସ୍କ୍ୱାଡ୍ ସାମିଲ ଥିଲେ।

### ବିଶ୍ୱଶାନ୍ତି ଶ୍ରୀରାମ ଚରିତ ମାନସ ଯଜ୍ଞ ଆରମ୍ଭ

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ଗୁରୁବାରଠାରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡ଼ିଖାଲ ମାନସବିହାରରେ ୨୮ତମ ବିଶ୍ୱଶାନ୍ତି ଶ୍ରୀରାମ ଚରିତ ମାନସ ଯଜ୍ଞ ଆରମ୍ଭ ହୋଇଛି। ବେଦ୍ରାମଠ ମହନ୍ତ ଯମୁନା ଦାସଙ୍କ ପୌରୋହିତ୍ୟରେ ଯଜ୍ଞାଚାର୍ଯ୍ୟ ପରମାନନ୍ଦ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ଯଜ୍ଞ ଅବସରରେ ହିନ୍ଦୀ ରାମାୟଣ ଓ ଓଡିଆ ରାମଚରିତ ମାନସକୁ ବ୍ୟାସ ଚୈତନ୍ୟ ମିଶ୍ର ପାଠ କରୁଛନ୍ତି। ଶୁକ୍ରବାରଠାରୁ ଆସନ୍ତା ୫ ତାରିଖ ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଉଦ୍ଯାପନୀ ଦିବସ ପର୍ଯ୍ୟନ୍ତ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ବୁଧବାର ତ୍ରିବେଣୀ ଅମାବାସ୍ୟା ତିଥିରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାମପୁର ଜଳାଶୟରୁ ଶତାଧିକ ମହିଳା ପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଯାତ୍ରା କମିଟି ସଭାପତି ଯୁଧିଷ୍ଠିର ପଧାନଙ୍କ ସମେତ କମିଟି କାର୍ଯ୍ୟକର୍ତ୍ତା ଓ ଅଞ୍ଚଳବାସୀ ସାମିଲ ଥିଲେ।

### ସ୍ୱତନ୍ତ୍ର ସେବା ଶିବିର ଉଦ୍ଯାପିତ

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ପୌଷ୍ୟ ଗ୍ରାମ ପିପିଲିଠାରେ ଚାଲିଥିବା ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ସେବା ଯୋଜନା ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ଅଧ୍ୟକ୍ଷ ପରମେଶ୍ୱର ସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଲବାର ସାହୁ, ଶିକ୍ଷକ ପ୍ରଦୀପ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

### ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକୋତ୍ସବ

ସଇଁତଲା,୩୦।୧(ରାଖାଲ ପ୍ରସାଦ ଶତପଥୀ)

ସଇଁତଲାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟିଟିଲାଗଡ଼ ଉପଜିଲାପାଳ ତଥା ପରିଚାଳନା କମିଟିର ସଭାପତି ରେହାନ ଖେତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେସିଙ୍ଗା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ପୂର୍ବତନ ସମ୍ପାଦକ ଦୁର୍ଗା ପ୍ରସାଦ ଶର୍ମା, ବିଧାୟକଙ୍କ ପ୍ରତିନିଧି ଡ଼ୋଳାମଣୀ ବଡ଼ିଆ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଇତିହାସ ବିଭାଗର ଅଧ୍ୟାପକ ଡ଼ିଲେଶ୍ୱର ଭୋଇ ଉତ୍ସବ ପରିଚାଳନା କରିଥିବା ବେଳେ ଯୁକ୍ତ ଦୁଇ ବିଦ୍ୟାଳୟର ଅଧ୍ୟକ୍ଷା ଅନୀମା ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସନ୍ତୋଷିନୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ର ଭାବରେ ସିଦ୍ଧାନ୍ତ ପଧାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅଧ୍ୟାପକ ସୁରେଶ ବାଗ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଶିକ୍ଷା ଜରିଆରେ ବିକାଶ ସମ୍ଭବ

ବଲାଙ୍ଗୀର,୩୦।୧(ବୀରେନ୍ଦ୍ର କୁମାର ଝାଙ୍କର)


ଅତିଥିମାନେ ଆମ ଲେଖା ଆମ ଚିତ୍ର ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

**ବିଲେଇସର୍ଡା ହାଇସ୍କୁଲର ବାର୍ଷିକୋତ୍ସବ**

ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ୱାଧୀନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଶିକ୍ଷାର ମହତ୍ତ୍ୱ ଉପରେ କହିଥିଲେ। ସେ କହିଥିଲେ, ଶିକ୍ଷା ଜରିଆରେ ବିକାଶ ସମ୍ଭବ। ମୁଖ୍ୟବକ୍ତା ଭାବେ ଜଳେନ୍ଦ୍ର ସାହୁ ଯୋଗଦେଇ ଶୃଙ୍ଖଳା ଜରିଆରେ ଛାତ୍ରୀଛାତ୍ରମାନେ ସଫଳତା ପାଇପାରିବେ ବୋଲି କହିଥିଲେ। ସରପଞ୍ଚ ସୁଶାନ୍ତ ଛତ୍ରିଆ, ଏସଏମ୍‌ସି ସଭାପତି ଚୈତନ୍ୟ ପଣ୍ଡା, ଆଲୁମିନୀ ସଭାପତି ଅନନ୍ତ ବିଶ୍ୱାଳ, ସିଆରସିସି ସତ୍ୟ ସାହୁ ଯୋଗଦେଇଥିଲେ। ସଭାରେ ଶିକ୍ଷକ ପଙ୍କଜ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ସାର୍ଥକ, ପ୍ରଜ୍ଞା, ପ୍ରୀତି, ସୁନୈନା, ଶିକ୍ଷକ ସୁଧାଂଶୁ ପଧାନ, ଶିକ୍ଷୟିତ୍ରୀ ପ୍ରତୀଶା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ କାହ୍ନୁ ଚରଣ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପକ୍ଷରୁ ଆମ ଲେଖା ଆମ ଚିତ୍ର ପତ୍ରିକାକୁ ଉନ୍ମୋଚନ କରିଥିଲେ। ଚଳିତବର୍ଷ ଦଶମ ଶ୍ରେଣୀ ଛାତ୍ରୀ ପ୍ରତିଭା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୀବ କୁମାର ମିଶ୍ରଙ୍କ ରଚନା ଓ ନିର୍ଦ୍ଦେଶନାରେ ପୌରାଣିକ ନାଟକ ଅଲାଜୁଗିଆ ଭସ୍ମାସୁର ଓ କନ୍ୟାରତ୍ନ ଏବଂ ନିରୋତ୍ତମା ବିଶ୍ୱାଳଙ୍କ ନିର୍ଦ୍ଦେଶିତ ନାଟକ 'ଅନାଥ' ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପ୍ରଦୀପ ଦଣ୍ଡସେନା, ରଞ୍ଜିତ ମିଶ୍ର, ସୁଦାମ କୁମ୍ଭାର, ପ୍ରମୋଦ ପ୍ରଧାନ, ସୁଜିତ ଦେହୁରୀ, ସୁବାସିନୀ ସେଠୀ, ଅଶ୍ୱିନୀ ମହାଲିଙ୍ଗ, ନିହାରିକା ପଧାନ, ସୁଷମା ମେହେର, ମୁରାରୀ ପର୍ଡିଆ, ରଶ୍ମିତା ନନ୍ଦ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜୈବିକ ସାର ଉତ୍ପାଦନ ଓ ବିପଣନ କେନ୍ଦ୍ର ଉଦ୍‌ଘାଟିତ


ସମରା ଠାରେ ଜୈବିକ ସାର ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିଗଣ ।

ଗୁଡଭେଲା,୩୦।୧(ମନୋଜ ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ସମରା ଗ୍ରାମ ପଞ୍ଚାୟତ ଜିପିଏଲଏଫ ଆୟୋଜନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଏଫଇଏସ ସହାୟତାରେ ସମରାଠାରେ ଜୈବିକ ସାର ଉତ୍ପାଦନ ଓ ବିପଣନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଜିପିଏଲଏଫ ସଭାପତି କନକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବେବୀ ଦୋରା , ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଟୁକୁରାମ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ସ୍ଥାନୀୟ ସରପଞ୍ଚ ଗୁଲାପ ସେଠ, ଗ୍ରାମ୍ୟ କୃଷି କର୍ମୀ ଅବିନାଶ ଦାସ, ସହକାରୀ ଉଦ୍ୟାନ ଅଧିକାରୀ ଗୀତିକୃଷ୍ଣା ନାଏକ, ପ୍ରାଣୀଧନ ଚିକିତ୍ସକ ଦିପ୍ତିମୟୀ ବଢ଼େଇ, ବିପିଏମ ତୀର୍ଥବ କୁମାର ବାଗ, ମହାଶକ୍ତି ଫାଉଣ୍ଡେଶନର ବ୍ଲକ ସଂଯୋଜକ ଧରମ ସାଗର ପଧାନ, ଗ୍ରୀନ ଗୁଡଭେଲା କୃଷକ ଉତ୍ପାଦକ ସଂଘର ଏମଡି ଚୁଲେଶ୍ୱର ବାଗ ,ବିପିସି ବୈଦ୍ୟନାଥ ମଲ୍ଲିକ ପ୍ରମୁଖ ଯୋଗଦେଇ ଜୈବିକ ସାର ର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ବର୍ତ୍ତମାନ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ଦ୍ୱାରା ଜନସମାଜରେ ପଡୁଥିବା କୁପ୍ରଭାବ ବିଷୟରେ ଅତିଥିଗଣ ମତପ୍ରକାଶ କରିବା ସହ ସଂପୃକ୍ତ ମହିଳା ସଂଗଠନ ନିଜସ୍ୱ ପାଣ୍ଠିରେ କରିଥିବା ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହାସହ ଏଫଇଏସ ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତପ୍ରକାଶ ପାଇଥିଲା । ଆଗକୁ ବ୍ଲକର ଗ୍ରାମସ୍ତରରେ ଏହି ଜୈବିକ ସାର ଉତ୍ପାଦନ କରିବା ପାଇଁ ସମସ୍ତଙ୍କ ପ୍ରୟାସ ରହିବ ବୋଲି ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ଏଫଇଏସର ମାଷ୍ଟର ଟ୍ରେନର ଭାଗବତ ନାହାକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗ୍ରଣୀ ଚାଷୀମାନେ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଶେଷରେ ଏମବିକେ କୁନି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଲୋକଙ୍କ ଠାରୁ ଟଙ୍କା ଠକି ନେବା ଘଟଣା: ପୋଲିସର ତନାଘନା ଆରମ୍ଭ

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ନଅଗାଁ (ଖ) ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ କେତେଜଣ ମନ୍ତ୍ରୀଙ୍କ ପାଖ ଲୋକ କହି ବିଭିନ୍ନ କ୍ଷେତ୍ରରେ ଚାକିରି କରାଇ ଦେବା,ବଦଳି ଓ ଚାକିରିକୁ ନିୟମିତ କରିବା ପାଇଁ ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଲୋକଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଇଛନ୍ତି। କିନ୍ତୁ କାମ ନ ହେବାରୁ ଟଙ୍କା ଦେଇଥିବା ବ୍ୟକ୍ତି ଠକେଇର ଶିକାର ହୋଇଥିବା ଜାଣି ତାଙ୍କ ପାଖକୁ ବାରମ୍ବାର ଦୌଡି ନିରାଶ ହୋଇଛନ୍ତି । ଯୁବକ ଜଣକ ଫେରାର ହୋଇଯାଇଛନ୍ତି । ଏ ନେଇ ଧରିତ୍ରୀ ଓ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଲୋଇସିଂହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହାମଧ୍ୟରେ ଜିଲା ପୋଲିସ ନିର୍ଦ୍ଦେଶରେ ଆଗଲପୁର ଓ ଲୋଇସିଂହା ପୋଲିସ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ଜଣାଯାଇଛି।

### ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

ଗୁରୁବାର ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ପକ୍ଷରୁ ଥାନା ଅନ୍ତର୍ଗତ ଫାସଡରୁ ସାଲେଭଟା ଯାଏ ବାଇକ୍ ରାଲି କରାଯାଇ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଯାଇଛି। ପୋଲିସ ପକ୍ଷରୁ ଯାତ୍ରୀଙ୍କୁ ଚକୋଲେଟ ଦେଇ ସୁରକ୍ଷିତ ଯାତ୍ରା ସମ୍ପର୍କରେ ବୁଝାଯାଇଥିଲା। ଆଇଆଇସି ଯାଜ୍ଞସିନୀ ନାୟକଙ୍କ ନେତୃତ୍ୱରେ ଲୋଇସିଂହା ଥାନା ଓ ସାଲେଭଟା ଫାଣ୍ଡି ଷ୍ଟାଫ୍ ଲୋଇସିଂହା ଥାନା ପରିସରରୁ ବାଇକ୍ ରାଲିରେ ବାହାରି ଥିଲେ । ବଲାଙ୍ଗୀର ବରଗଡ ୨୬ ନଂ ଜାତୀୟ ରାଜପଥ ଫାସଡକୁ ଯାଇ ସେଠାରୁ ପ୍ରାୟ ୧୫ କିମି ସାଲେଭଟା ପର୍ଯ୍ୟନ୍ତ ମୁଖ୍ୟ ଛକଗୁଡିକରେ ବିନା ହେଲମେଟ, ଦୁଇରୁ ଅଧିକ ବସିଥିବା ଯାତ୍ରୀଙ୍କୁ ଅଟକାଇ ଚକୋଲେଟ ଦେଇ ସଚେତନ କରଯାଇଥିଲା। ଡାକବାଜି ଯନ୍ତ୍ରରେ ମାଦକ ଦ୍ରବ୍ୟ ସେବନ ନ କରି, ମନ୍ଥର ଗତିରେ ଗନ୍ତବ୍ୟ ସ୍ଥଳରେ ନିରାପଦରେ ପହଞ୍ଚିବା ଏବଂ ଗାଡ଼ି ଚାଳନା ବେଳେ ସର୍ବଦା ସିଟବେଲ୍ଟ ଓ ହେଲମେଟ ପରିଧାନ କରିବାକୁ ଯାତ୍ରୀ ଓ ସାଧାରଣ ଜନତାଙ୍କୁ ନିବେଦନ କରାଯାଇଥିଲା।

# ନିପୁଣ ଓଡ଼ିଶା ମିଶନ: ୧୪୦ ଛାତ୍ରୀଛାତ୍ର ଯୋଗ ଦେଲେ

ଲାଠୋର,୩୦।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ସମଗ୍ର ଶିକ୍ଷା ଅଭିଯାନ ଖପ୍ରାଖୋଲ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜାମଚୁଆଁ କ୍ଲଷ୍ଟର ଅଧୀନ ଫୁଲଝର ବିଦ୍ୟାଳୟରେ ସିଆରସିସି ସତ୍ୟବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ ନିପୁନ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଲପଡ଼ା ସରପଞ୍ଚ ଗୋପାଳ ମେହେର ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ ଯୋଗ ଦେଇଥିଲେ। କ୍ଲଷ୍ଟର ଅଧୀନ ୯ ଗୋଟି ବିଦ୍ୟାଳୟର ୧୪୦ ଜଣ ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ର, ୯୦ ଜଣ ଅଭିଭାବକ ତଥା ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ। ଏଥିରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ସାକ୍ଷରତା ଷ୍ଟଲ, ସଂଖ୍ୟା ଜ୍ଞାନ ଷ୍ଟଲ, ସୃଜନାତ୍ମକ କାର୍ଯ୍ୟକଳାପ ଷ୍ଟଲ ଏବଂ ମତାମତ ଷ୍ଟଲ ଖୋଲିଥିଲେ। ଷ୍ଟଲ ମାଧ୍ୟମରେ ଶିଶୁମାନଙ୍କୁ ଭାଷା ଏବଂ ସଂଖ୍ୟା ଜ୍ଞାନ ଉପରେ ବୁଝାଯାଇଥିଲା। ଶେଷରେ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସା ପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ମେହେର ଓ ଶିକ୍ଷକ କାହ୍ନା ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଅଶିନୀ ସାହୁ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମ ଅବସରରେ ହୋଇଥିବା ଏକ ଷ୍ଟଲରେ ଛାତ୍ରୀଛାତ୍ର ।

### ଜାତୀୟ ଖୋ ଖୋ ଟେକ୍‌ନିକାଲ ଅଫିସିଆଲ୍ ଭାବେ ବିକାଶ ଦାସ ମନୋନୀତ

ବଲାଙ୍ଗୀର,୩୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ବିକାଶ ଦାସ ଜାତୀୟ ଖୋ ଖୋ ଦଳ ଟେକ୍‌ନିକାଲ ଅଫିସିଆଲ୍ ଭାବେ ମନୋନୀତ ହୋଇଛନ୍ତି। ଉତ୍ତରାଖଣ୍ଡର ହଲଡ୍ୱାନୀଠାରେ ଚଳିତ ମାସ ୨୮ରୁ ଫେବୃଆରୀ ୧୪ ପର୍ଯ୍ୟନ୍ତ ଏହି ଜାତୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ଟେକନିକାଲ ଅଫିସିଆଲ ଭାବେ ଜିଲାରୁ ପ୍ରଥମ ବ୍ୟକ୍ତି ଭାବେ ବିକାଶ ଯୋଗଦାନ କରିଥିବା ଜଣାପଡିଛି। ଏହି ପ୍ରତିଯୋଗିତାରେ ଖୋ ଖୋ ଖେଳ ପରିଚାଳନା କରିବା ପାଇଁ ଖୋ ଖୋ ଫେଡରେଶନ୍ ଇଣ୍ଡିଆ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଥିବାରୁ ସେ ଉତ୍ତରାଖଣ୍ଡ ଗସ୍ତ କରିଛନ୍ତି। ବିକାଶଙ୍କ ଏହି ସଫଳତାରେ ତାଙ୍କ ପିତା ଅବସରପ୍ରାପ୍ତ



କ୍ରୀଡା ଶିକ୍ଷକ ପଦ୍ମଚରଣ ଦାସ, ମାତା କ୍ରୀଡା ଶିକ୍ଷୟିତ୍ରୀ ରାଜନନ୍ଦିନୀ ବହିଦାର, ଜିଲା କ୍ରୀଡା ସଂସଦ ସଭାପତି ଡ. ଶ୍ରୀକର ମିଶ୍ର, ସମ୍ପାଦକ ହରିନାରାୟଣ ପୂଜାରୀ, କ୍ରୀଡା ସଙ୍ଗଠକ ସୁରୁଲାଲ ମଟାରୀ ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

### ବେଲପଡ଼ା ପଞ୍ଚାୟତ ସମିତି କଲେଜ ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ଗଣ।

ବେଲପଡ଼ା,୩୦।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ବୁଧବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁଦାମ ଚରଣ ମହାପାତ୍ରଙ୍କ ପରିଚାଳନା ଓ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରଗଡ ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ମିଶ୍ର ଆତ୍ମବିଶ୍ୱାସର ସହ ଆଗକୁ ବଢ଼ି କଠିନ ପରିଶ୍ରମ କରି ଭଲ ମଣିଷ ହେବା ସହ ସମୃଦ୍ଧ ଓଡ଼ିଶା ଓ ଭାରତ ଗଢ଼ିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବରଗଡ ପଞ୍ଚାୟତ କଲେଜର ଅଧ୍ୟାପକ ଡ. ଶେଷାନ ବିଶି ଯୋଗଦେଇ ଉପଯୁକ୍ତ ଶିକ୍ଷା ଅର୍ଜନ କରି ଯୋଗ୍ୟତା ହାସଲ କରିବାକୁ କହିଥିଲେ। ସେହିପରି ଅତିଥି ବକ୍ତା ଭାବରେ ଅଧ୍ୟାପିକା ଡ.ଗୀତାଶ୍ରୀ ପ୍ରିୟମ୍ବଦା ଯୋଗଦେଇ ଛାତ୍ର ଜୀବନରେ ଅଧ୍ୟୟନରୁ ଅଭିଜ୍ଞତା ଅର୍ଜନ କରି ସେବା, ସମର୍ପଣ ଭାବ, ନମ୍ର ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର, ଅଧ୍ୟାପକ ତନ୍ମୟ ପାଣିଗ୍ରାହୀ,ଅଧ୍ୟାପକ ମନୋଜ ମହାଖୁଡ , କୋଶଲି ବ୍ୟଙ୍ଗ କବି ନୀତିଶ ଆଚାର୍ଯ୍ୟ, କବି ଶିଶିର ପୁରୋହିତ ଯୋଗ ଦେଇଥିଲେ। କଲେଜରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଡ. ଗୋବର୍ଦ୍ଧନ ନାୟକ, ବେଲପଡା କଲେଜର ପୂର୍ବତନ ଅଧ୍ୟକ୍ଷ ନବୀନ ମେହେର, ବୀରବଲ ପ୍ରସାଦ ଜୈନ,ନିରଞ୍ଜନ ବେହେରା ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶେଷରେ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଲେଜର ଅଧ୍ୟାପିକା ଅଧ୍ୟାପକ,କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ବଲାଙ୍ଗୀର ପୋଲିସର ସଡ଼କ ସୁରକ୍ଷା ସଚେତନତା

ବଲାଙ୍ଗୀର,୩୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ପୋଲିସ ପକ୍ଷରୁ ଗୁରୁବାର ବଲାଙ୍ଗୀର ସହରରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଡକ ସୁରକ୍ଷା ଜରିଆରେ ନିଜର ଓ ଅନ୍ୟର ବହୁମୂଲ୍ୟ ଜୀବନ ରକ୍ଷା କରିବା ପାଇଁ ଗାଡିଚାଳକ ଓ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଯେଉଁ ଗାଡି ଚାଳକମାନେ ସିଟ୍ ବେଲ୍ଟ ଲଗାଇ ନ ଥିଲେ ସେମାନଙ୍କୁ ପୋଲିସ ସିଟ୍ ବେଲ୍ଟ ଲଗାଇବା ସହ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବାକୁ ପରାମର୍ଶ ଦେଇଥିଲେ। ଯେଉଁ ଗାଡି ଚାଳକମାନେ ସମସ୍ତ ପ୍ରକାର ଟ୍ରାଫିକ ନିୟମ ମାନି ସିଟବେଲ୍ଟ ଲଗାଇ, ହେଲମେଟ୍ ପିନ୍ଧି ଶୃଙ୍ଖଳିତ ଭାବେ ଗାଡି ଓ ବାଇକ୍ ଚଲାଉଥିଲେ ପୋଲିସ ପକ୍ଷରୁ ସେମାନଙ୍କୁ ଗୋଲାପ ଫୁଲ ଉପହାର ଦେଇ ଶୁଭେଚ୍ଛା ଜଣାଯାଉଥିଲା।


ବଲାଙ୍ଗୀର ଏସ୍‌ଡିପିଓ କାର୍ ଡ୍ରାଇଭରଙ୍କୁ ଗୋଲାପ ଫୁଲ ଉପହାର ଦେଉଛନ୍ତି।

ବଲାଙ୍ଗୀର ସଦର ଏସଡିପିଓ ପ୍ରଦୀପ କୁମାର ସାହୁ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁ ଓ ଅନ୍ୟ ପୋଲିସ ଅଧିକାରୀ, କର୍ମଚାରୀ ଓ କଲେଜ ଛାତ୍ରୀମାନେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବିଡିଓଙ୍କ ନିର୍ଦ୍ଦେଶ ପରେ ବି ମିଳିନି ପାଉଣା

ଲୋଇସିଂହା,୩୦।୧(ସୁଶାନ୍ତ ବାରିକ)

**ହାତ ପମ୍ପ କାରିଗର ହଟହଟା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତର ଦୁଇ ଜଣ ହାତ ପମ୍ପ କାରିଗର ଦୀର୍ଘ ମାସ ହେଲା ପାଉଣା ପାଇନାହାନ୍ତି। ପାଉଣା ଦେବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସରପଞ୍ଚ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବ୍ଲକର ମାଗୁରବେଡା ପଞ୍ଚାୟତରେ ଚର୍ତ୍ତୁଭୁଜ ବାଗ ଓ ପ୍ରଶାନ୍ତ ବରିହା ନଳକୂପ ମରାମତି କାରିଗର ଭାବେ କାମ କରୁଛନ୍ତି। ଏଥିପାଇଁ ସେମାନଙ୍କୁ ମାସିକ ପଞ୍ଚାୟତ ପକ୍ଷରୁ ଦୁଇ ହଜାର ଟଙ୍କା ପାଉଣା ଦିଆଯାଉଥିଲା। ଗତ ୨୦୨୪ ଜାନୁୟାରୀ ମାସରୁ ଏହି ପାଉଣା ୩୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ଗତ ପଞ୍ଚାୟତ ନିର୍ବାଚନରେ ସଞ୍ଜୟ ଗଡତ୍ୟା ସରପଞ୍ଚ ଭାବେ ନିର୍ବାଚିତ ହେଲା ପରେ ଦୁଇ ଥର ପାଉଣା ଦେଇଛନ୍ତି। ଗତ ୨୦୨୩ ଜୁଲାଇ ମାସରୁ ସେମାନଙ୍କୁ ପାଉଣା ଦିଆଯାଇ ନ ଥିବା ଉଭୟ ଅଭିଯୋଗ କରିଛନ୍ତି । ୨୦୨୪ ଅଗଷ୍ଟ ୫ ତାରିଖରେ ପୁଇଁନ୍ତଲା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଶୁଣାଣି ଶିବରରେ ସେମାନେ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଲୋଇସିଂହା ବିଡିଓ ଅକ୍ଷୟ ପାଣି ଉଦୁଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ବିଡିଓ ଉଦୁ ୨୦୨୪ ସେପ୍ଟେମ୍ବର ୧୯ ତାରିଖରେ ସଂପୃକ୍ତ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ପ୍ରାୟ ତିନି ମାସ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନଙ୍କ ପାଉଣା ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ଉଦୁଙ୍କୁ ପଚାରିବାରୁ ସେ ବହୁ ପୂର୍ବରୁ ସରପଞ୍ଚଙ୍କୁ ଲିଖିତ ଭାବେ ନିର୍ଦ୍ଦେଶ ଦେଇଛନ୍ତି। କେଉଁ କାରଣ ନେଇ ପାଉଣା ଦିଆଯାଇନାହିଁ ତାହା ବୁଝି ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ବଲାଙ୍ଗୀର ବ୍ଲାଷ୍ଟ ୨ ଚାମ୍ପିୟନ

ବେଲପଡ଼ା,୩୦।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ାର ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ହରିଶଚନ୍ଦ୍ରଙ୍କ ସ୍ମୃତିରେ ସ୍ମୃତି କମିଟି ଓ ବେଲପଡ଼ା କ୍ରିକେଟ ଟିମ୍ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ଗତ ୨୫ତାରିଖ ଠାରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଯାଇଛି । ଉଦ୍ଯାପନୀ ଦିବସର ପ୍ରଥମ ସେମି ଫାଇନାଲ ମ୍ୟାଚ ଠାକୁର୍ ସ୍ପୋର୍ଟସ ବନାମ ବଲାଙ୍ଗୀର ବ୍ଲାଷ୍ଟ ୨ ମଧ୍ୟରେ ହୋଇଥିଲା । ୮ ଓଭର ବିଶିଷ୍ଟ ମ୍ୟାଚରେ ବଲାଙ୍ଗୀର ବ୍ଲାଷ୍ଟ ୨ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମି ଫାଇନାଲ ଖେଳ ଆଜୁବା ୨ ବନାମ ଡୁଗରୁ ୨ମଧ୍ୟରେ ହୋଇ ଅଜୁବା ବିଜୟୀ ହୋଇଥିଲା। ପରେ ଫାଇନାଲ ଖେଳ ବ୍ଲାଷ୍ଟ ୨ ବଲାଙ୍ଗୀର ବନାମ ଆଜୁବା ୨ମଧ୍ୟରେ ହୋଇଥିଲା। ଟସ୍ ଜିଣି ଅଜୁବା ୮ ଓଭର ବିନିମୟରେ ୮୬ ରନ ସଂଗ୍ରହ କରିଥିଲା ବେଳେ ବ୍ଲାଷ୍ଟ ୨ବଲାଙ୍ଗୀର ୭ ଓଭର ୪ ବଲରେ ୮୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦ୍ଯାପନୀ ଦିବସର ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ବ୍ୟବସାୟୀ ଶଙ୍କର ପ୍ରସାଦ ଜୈନ ଯୋଗଦେଇ ଚାମ୍ପିୟନ ଦଳ ବଲାଙ୍ଗୀର ବ୍ଲାଷ୍ଟ ୨କୁ ଚାମ୍ପିୟନ କପ୍ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟା ଅନିମା ଦାସ, ଜିଲା ପରିଷଦ ସଭ୍ୟା ଶଦ ମିର୍ଦ୍ଧା ଉପବିଜେତା ଆଜୁବା ଦଳକୁ ରନର କପ୍ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅତିଥି ଭାବରେ ରେବତୀକାନ୍ତ ବୁଢ଼େକ, ପ୍ରଦୀପ ବୁଡେକ, ଆଲୋକ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଖେଳରେ ଅମ୍ପାୟର ଭାବରେ ବିଭୁ ସାହୁ,ଦୀପକ ପୁଟେଲ ରହିଥିବା ବେଳେ ବିକାଶ କୁମ୍ଭାର ଧାରା ବିବରଣୀ ପ୍ରଦାନ କରିଥିଲେ । ବେଲପଡ଼ା କ୍ରିକେଟ ଟିମ୍‌ର ସଦସ୍ୟ ସମେତ ପ୍ରଶାନ୍ତ ବୁଡେକ, ପ୍ରମୋଦ ବୁଡେକ, ପରମା ବେହେରା ସହଯୋଗ କରିଥିଲେ।


ଚାମ୍ପିୟନ ଦଳ ସହ ଅତିଥିଗଣ ।

**ହରିଶଚନ୍ଦ୍ର ବୁଢ଼େକ ମେମୋରିଆଲ କ୍ରିକେଟ୍ ଉଦଯାପନୀ**

**ତରଭାରେ ଶହୀଦ ଦିବସ ପାଳିତ**

ତରଭା,(ମାନଭଞ୍ଜନମିଶ୍ର): ବରିଷ୍ଠନାଗରିକସଂଘତରଭାତରଫରୁଜାତିରପିତାମହାତ୍ମାଗାନ୍ଧୀଙ୍କଶ୍ରାଦ୍ଧଦିବସସ୍ଥାନୀୟଏଫଆରସିସିରେପାଳିତହୋଇଯାଇଛି।ସଂଘସଭାପତି ଦେବେନ୍ଦ୍ରବିଜୟସାହୁଙ୍କଅଧକ୍ଷତାରେଆୟୋଜିତକାର୍ଯ୍ୟକ୍ରମପ୍ରାରମ୍ଭରେଗାନ୍ଧିଜୀଙ୍କଫଟୋଚିତ୍ରରେପୁଷ୍ପମାଲ୍ୟଅର୍ପଣଓପ୍ରଦୀପପ୍ରଜ୍ଜ୍ୱଳନକରାଯାଇଥିଲା।ଉପସ୍ଥିତସଭ୍ୟମାନେ ଶତାବ୍ଦୀର ଶ୍ରେଷ୍ଠ ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ହରିବନ୍ଧୁ ପାଣିଗ୍ରାହୀ, ଜୟପ୍ରକାଶ ନାରାୟଣ ସାହୁ, ଅକ୍ଷୟ ବାଘ, ରାମଶଙ୍କର ମହଲା, ଶୈଳେନ୍ଦ୍ର ସାହୁ, ବିଚିତ୍ର ସାହୁ, ରାଜକିଶୋର ସାହୁ, ଧୀରେନ୍ଦ୍ର ବିଜୟ ସାହୁ, ଯୋଗୀନ୍ଦ୍ର ମଟାରୀ, ଜୟକିଶୋର ସାହୁ, ଅଶୋକ ସାହୁ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ସମ୍ବନ୍ଧେ ଆଲୋକପାତ କରିଥିଲେ।

## ଉଠୁନି ଧାନ, ଚାଷୀ ଚିନ୍ତାରେ

■ ଡୁଙ୍ଗୁରିପାଲି ବ୍ଲକର ୧୦ ମଣ୍ଡିରେ ପଡିଛି ୬୦ହଜାର ବସ୍ତା

■ ତରଭା,ବୀରମହାରାଜପୁର ବ୍ଲକରେ କମୁନି ଚାଷୀଙ୍କ ଯନ୍ତ୍ରଣା

ସୋନପୁର,୩୦।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ମଣ୍ଡିଗୁଡିକରେ କମୁନି ଚାଷୀଙ୍କ ଯନ୍ତ୍ରଣା। ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ମିଲର୍ସ ଆବଶ୍ୟକତା ଅନୁସାରେ ଟ୍ରକ୍ ପଠାଉ ନଥିବାରୁ ଧାନ ସଂଗ୍ରହ ଧିମେଇ ଚାଲିଛି। ଗତ ଖରିଫରେ ଜାନୁୟାରୀ ୩୧ ତାରିଖ ସୁଦ୍ଧା ଜିଲାରେ ଧାନ ସଂଗ୍ରହ ସରିଥିଲା। ମାତ୍ର ଚଳିତ ଥର ଏପର୍ଯ୍ୟନ୍ତ ଜିଲାର ଭାତହାଣ୍ଡି କୁହା ଯାଉଥିବା ଡୁଙ୍ଗୁରିପାଲି ବ୍ଲକରେ ଧାନ କିଣା ସରିନି। ଏହି ବ୍ଲକର ୧୦ଟି ମଣ୍ଡିରେ ପ୍ରାୟ ୬୦ହଜାର ରୁ ଉର୍ଦ୍ଧ ବସ୍ତା ଧାନ ପଡିରହିଛି। ଚାଷୀ ବିନା କଟ୍‌ନି ଛଟ୍‌ନିରେ ଧାନ ବିକ୍ରି ପାଇଁ ଆନ୍ଦୋଳନ କରିଥିଲେ। ତେବେ ଏଫ୍‌ଏକ୍ୟୁ ମାନର ଧାନ ନେବା ଆଳରେ ମିଲର୍ସ ଧାନ ଉଠାଇ ନ ଥିଲେ। ଫଳରେ ଏହି ବ୍ଲକରେ ଧାନ ସଂଗ୍ରହ ବିଳମ୍ବରେ ଆରମ୍ଭ ହୋଇଥିଲା। ତେଣୁ ବିନିକା ବ୍ଲକରେ ଧାନ କିଣା ସରିଥିବା ବେଳେ ଡୁଙ୍ଗୁରିପାଲି ବ୍ଲକରେ ସମସ୍ୟା ସୃଷ୍ଟି ହୋଇଛି। ଡୁଙ୍ଗୁରିପାଲି ବ୍ଲକର ସାରସମାଲ, ରାମପୁର, ମାୟାବାର୍ହା, ବଡକର୍ଲେ, ଗଜବନ୍ଧ, ବେହେରାମାଳ, ସମଲେଇଚୁଆଁ, ଚେରୁପାଲି, ଶୁଖା ଓ ଇଛାପୁର ଭଳି ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିଛି। କିଛି ଚାଷୀଙ୍କର ଟୋକନ ବିଳମ୍ବରେ ଆସିଥିବା ବେଳେ ଟାର୍ଗେଟ୍ ପାଇଥିବା



ଡୁଙ୍ଗୁରାପାଲି ବ୍ଲକର ଏକ ମଣ୍ଡିରେ ଚାଷୀଙ୍କ ଶତାଧିକ ବସ୍ତା ଧାନ ପଡିରହିଛି।

ମିଲର୍ସ ମଧ ଧାନ କିଣାରେ ସହଯୋଗ କରୁନଥିବା ଚାଷୀ ଅଭିଯୋଗ କରିଛନ୍ତି।

ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ଅନୁଯାୟୀ ଡିସେମ୍ବର ୧୦ ରୁ ସୁବର୍ଣ୍ଣପୁର ଜିଲାରେ ଧାନକିଣା ଆରମ୍ଭ ହୋଇଥିଲା। ତେବେ ଚାଷୀ ଓ ମିଲର୍ସଙ୍କ ମଧ୍ୟରେ ବିବାଦ କାରଣରୁ ବଡକର୍ଲେ ଓ ସାରସମାଲ ଭଳି ମଣ୍ଡିରେ ଧାନ କିଣା ଅନେକ ବିଳମ୍ବ ହୋଇଥିଲା। କଟ୍‌ନି ପରେ ମଣ୍ଡିରୁ ଧାନ ଉଠିଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ଜିଲାର ବିନିକା, ସୋନପୁର ଓ ଉଲୁଣ୍ଡା ବ୍ଲକରେ ଧାନ କିଣା ପ୍ରାୟ ସରିଛି। ଏବେ ଡୁଙ୍ଗୁରିପାଲି, ବୀରମହାରାଜପୁର ଓ ତରଭା ବ୍ଲକରେ ଧାନ କିଣା ଜିଲା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ମିଲର୍ସଙ୍କ ନିକଟରୁ କଷ୍ଟମ୍ ମିଲିଂ ଚାଉଳ(ସିଏମ୍ଆର) ସଂଗ୍ରହ ହୋଇପାରିନି। ଗତ ରବିରେ ଏହି ଜିଲାରୁ ସୁବର୍ଣ୍ଣପୁର ଜିଲାର ୫୦ ମିଲର୍ସ ୨୦ଲକ୍ଷ ୩୨ହଜାର ୩୪୯କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୧୩ଲକ୍ଷ ୮୧ହଜାର ୯୯୭କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେବା କଥା। କିନ୍ତୁ ଜାନୁୟାରୀ ୩୦ ସୁଦ୍ଧା ମିଲର୍ସମାନେ ଆହୁରି ଅଢେଇ ଲକ୍ଷ କୁଇଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ମିଲର୍ସଙ୍କ ଗୋଦାମରେ ଗତ ରବିର ଚାଉଳ ମହଜୁଦ୍ ଅଛି। ତେଣୁ ସେମାନଙ୍କ ନିକଟରେ ଖରିଫ ଧାନ ସଂଗ୍ରହ ପାଇଁ ସରକାରଙ୍କ ପାଖରେ ଆବଶ୍ୟକ ସିକ୍ୟୁରିଟି ଜମା ନାହିଁ। ଧାନ ସଂଗ୍ରହ ଧିମେଇ ଯାଇଥିବାରୁ ଜିଲାର ଚାଷୀ ଏବେ ଚିନ୍ତାରେ ଅଛନ୍ତି। ସୂଚନା ଅନୁଯାୟୀ ଚଳିତ ଖରିଫରେ ଜିଲାର ୬୦ହଜାର ୨୫୩ଚାଷୀ ପ୍ରାୟ ୩୨ଲକ୍ଷ ୫୪ହଜାର କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଦ କୁମାର ଦାସ କୁହନ୍ତି, ଚଳିତ ଖରିଫରେ ଜିଲାର ୫୪ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ମିଲର୍ସଙ୍କର ଧାନ ସଂଗ୍ରହ ପାଇଁ ସିକ୍ୟୁରିଟି ସରି ଆସିଲାଣି। ତେବେ ଆମ ନିକଟରେ ଚାଷୀଙ୍କ ନିକଟରୁ ସମସ୍ତ ଧାନ କିଣିବା ପାଇଁ ଯଥେଷ୍ଟ ସମୟ ଅଛି। ଠିକଣା ସମୟରେ ବାକି ୩ ବ୍ଲକର ଧାନ କିଣା ସରିବ ବୋଲି ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି।

## ୪ ଗିରଫ, ଚୋରି ସାମଗ୍ରୀ ଜବତ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରିଛି।

ତରଭା, ୩୦।୧(ମାନଭଞ୍ଜନ ମିଶ୍ର)

**ମେଣ୍ଡା-ଦେଉଳପଦର ରାସ୍ତାରେ ଡକାୟତି ଘଟଣା**

**ଘଟଣାରେ ସଂଶ୍ଳିଷ୍ଟ ଜଣେ ନାବାଳକ**

ସୁବର୍ଣ୍ଣପୁର ଜିଲା ମେଣ୍ଡା-ଦେଉଳପଦର ରାସ୍ତାରେ ଗତ ୨୭ତାରିଖ ଘଟିଥିବା ଡକାୟତି ଘଟଣାରେ ତରଭା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କରଣ ହାତୀ(୧୯ ), ମହେନ୍ଦ୍ର ସୁନା (୨୫), ରକି ହାତୀ(୧୯), ରାହୁଲ ନନ୍ଦ(୨୨)। ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ପୋଲିସ ବିନିକା ବ୍ଲକର କଉଡିଆମୁଣ୍ଡାର ଜଣେ ନାବାଳକଙ୍କୁ ଧରିଛି। ଗିରଫ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଧରା ପଡିଥିବା ନାବାଳକଙ୍କୁ ଅଟକ ରଖି ଅଧିକ ପଚରାଉଚରା କରାଯାଉଛି। ଗୁରୁବାର ତରଭା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି ।

ତାଙ୍କ ସୂଚନା ଅନୁସାରେ ଗତ ୨୭ ତାରିଖ ମେଣ୍ଡା-ଖଗସାକନା ରାସ୍ତା ଦେଇ ପୃଥ୍ୱୀରାଜ ବାଗ ଏବଂ ଅନ୍ୟ ଜଣେ ବ୍ୟକ୍ତି ନିଜ ଗାଁ ମାଟିକୋଡ଼କୁ ବାଇକରେ ଆସୁଥିଲେ। ମେଣ୍ଡା ମଦଭାଟି ନିକଟରେ ୫ଜଣ ଦୁର୍ବୃତ୍ତ ଛୁରି ଦେଖାଇ ତାଙ୍କଠାରୁ ୧୧ହଜାର ଟଙ୍କା, ରୁପା ବ୍ରାସଲେଟ, ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହି ଘଟଣା ପରେ ପୃଥ୍ୱୀରାଜ ମେଣ୍ଡା ଆଉଟ ପୋଷ୍ଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ତରଭା ଥାନା ଆଇଆଇସିଅନିତାକିଡୋଙ୍କନିର୍ଦ୍ଦେଶମତେ ଏସଆଇ ରବୀନ୍ଦ୍ର ସାହୁ ଓ ତାଙ୍କ ଦଳ ଉକ୍ତ ଅଞ୍ଚଳରେ ଚଢ଼ାଉ ଜାରି ରଖିଥିଲେ। ଛୋଟମୋଟ ଲୁଟ୍, ଡକାୟତି ଅଭିଯୋଗ ଥିବା କେତେଜଣଙ୍କ ଫୋନଟ୍ରାକିଂ ପରେ ଡକାୟତି ଅଭିଯୋଗରେ କରଣ, ମହେନ୍ଦ୍ର ସୁନା, ରକି, ରାହୁଲଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କଠାରୁ ଚୋରି ମୋବାଇଲ, ରୁପା ବ୍ରାସଲେଟ, ନଗଦ ୬୫୦୦ ଟଙ୍କା, ଓ ଛୁରି ଜବତ କରାଯାଇଛି। ଏ ସମ୍ପର୍କରେ ତରଭା ଥାନାରେ ଏକ ମାମଲା(ନଂ.୨୧/୨୫)ରୁଜୁ ହୋଇଛି।

## ସଂକ୍ଷେପରେ

### ଚାରିଛକ-କୁଶଙ୍ଗ ରାସ୍ତାରେ ଖାଲ, ବଢୁଛି ଦୁର୍ଘଟଣା

ହରଭଙ୍ଗା,୩୦।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଠାରୁ କୁଶଙ୍ଗ ପୂର୍ଣ୍ଣ ରାସ୍ତା ଏକ ପ୍ରମୁଖ ରାସ୍ତା। ଏହି ରାସ୍ତାଦେଇ ପ୍ରତିଦିନ ୬ଟି ପଞ୍ଚାୟତ କରଞ୍ଜକଟା, ଛତରଙ୍ଗ, ଶଙ୍ଖୁଲୋଇ, ହରଭଙ୍ଗା, କୁଶଙ୍ଗ, ମହାଲିକପଡା ଗ୍ରାମବାସୀ ଯା'ଆସ କରିଥାନ୍ତି। ହେଲେ ଏହି ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଗତ କିଛି ଦିନ ତଳେ କରଞ୍ଜକଟାଠାରେ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ନିମ୍ନମାନର କାମ ଯୋଗୁ ଏବେ ପିଚୁ ଉଠି ଖାଲ ଖମାରେ ଭର୍ତ୍ତି ହୋଇଛି । ତୁରନ୍ତ ଉକ୍ତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବନାଗ୍ନି ନିରାକରଣ ସଚେତନତା କର୍ମଶାଳା

ବିନିକା, ୩୦।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବନାଞ୍ଚଳ ଅଧିନ ୧୮ ବନ ସୁରକ୍ଷା ସମିତିକୁ ନେଇ ବନାଗ୍ନି ନିରାକରଣ ସଚେତନତା କର୍ମଶାଳା ବନାଞ୍ଚଳ ଅଧିକାରୀ ଡମ୍ବରୁଧର ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ବନଖଣ୍ଡର ଏସଏମଏସ ପ୍ରକାଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିନିକା ସେକ୍ସନ ବନପାଳ ଜନାର୍ଦ୍ଦନ ସ୍ୱାଇଁ ଯୋଗ ଦେଇଥିଲେ। ଏହି ବର୍ଷ ଯେପରି କୌଣସି ଜଙ୍ଗଲରେ ନିଆଁ ନ ଲାଗିବ ଏବଂ ନିଆଁ ଲାଗିଲେ ତୁରନ୍ତ ବନ ବିଭାଗକୁ ଖବର ଦେବା ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିଆଁ ଲାଗିବା ଦ୍ୱାରା ବାୟୁ ପ୍ରଦୂଷଣ ସହ ବନ୍ୟଜନ୍ତୁଙ୍କ ଜୀବନହାନି ହେଉଥିବା ଓ ସର୍ବୋପରି ଜଙ୍ଗଲ କ୍ଷତି ବିଷୟରେ ସମସ୍ତଙ୍କୁ ବୁଝା ଯାଇଥିଲା। ଆସନ୍ତା ଦିନରେ ସମସ୍ତ ବନ ସୁରକ୍ଷା ସମିତି ଏସ୍‌ଏଚ୍‌ଜି ସଭ୍ୟାମାନଙ୍କୁ ନେଇ ଗାଁ ମାନଙ୍କରେ ଶୋଭାଯାତ୍ରା କରି ସଚେତନତା କରିବକୁ ପରାମର୍ଶ ଦିଆଯାଇଥିଲା । କର୍ମଶାଳାରେ ସିଆଲି ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ଭିକାବାହାଲିର ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ, ଚରଦାର ଜାଗୃତି ଏସଏଚ୍‌ଜି, ଓ ଏଫଏସଡିପି ପ୍ରକଳ୍ପ ସଂଯୋଜକ ପ୍ରେମଚାନ୍ଦ ସାହୁ, ବାସୁଦେବ ପଧାନ, ଡିଓ ସରୋଜକାନ୍ତ ସୁଆର, ବନ କର୍ମଚାରୀ ପ୍ରତିମା ମିଶ୍ର ଓ ସମସ୍ତ ସ୍କାଉ ଯୋଗଦେଇଥିଲେ। ଉତ୍ତମ କାର୍ଯ୍ୟ ପାଇଁ ପାରାସ୍କାଉ ସମ୍ପଦ ଲବଣି ଓ ଗତଦିନର ରକ୍ତଦାନ ଶିବିରରେ ଉଦାହରଣ ସାଜିଥିବା ମହଦା ବନସୁରକ୍ଷା ସମିତିର ମହିଳା ଆନିମିଟର ବେଳମତି ଘିବିଲାଙ୍କୁ ସମ୍ମାନିତ କରାଯାଇଥିଲା। ଟିମ ଲିଡର ପ୍ରଶାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ।

### ସୋନପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷାଙ୍କ ପରଲୋକ

ସୋନପୁର,୩୦।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜର ପ୍ରାକ୍ତନ ଅଧକ୍ଷା ରେଣୁକା ମିଶ୍ରଙ୍କ ଗୁରୁବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା।



ରେଣୁକା ଜଣେ ସାମାଜିକକର୍ମୀ, ଶିକ୍ଷାବିତ୍ ଓ ଧାର୍ମିକ ମହିଳାଭାବେ ବେଶ ପରିଚିତ। ସେ ସୁବର୍ଣ୍ଣପୁର ଜିଲାର ପ୍ରଥମ ମହିଳା ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ଥିଲେ। ଅଧାପିକାଭାବେ ସେ ସୋନପୁର କଲେଜରେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ପଦୋନ୍ନତି ପାଇ ଅଧକ୍ଷା ଭାବେ କାର୍ଯ୍ୟରତ ଥିବା ସମୟରେ ଅବସର ଗ୍ରହଣ କରିଥିଲେ। ସେ ଅବିବାହିତା ରହିବା ସହ ସାଇବାବାଙ୍କ ଭକ୍ତଭାବେ ସାମାଜିକ କାର୍ଯ୍ୟରେ ଶେଷ ପର୍ଯ୍ୟନ୍ତ ଜଡିତ ରହିଥିଲେ। ସୁବର୍ଣ୍ଣପୁର ସହର ଘୋଡାଘାଟପଡା ସ୍ଥିତ ବାସଭବନରେ ଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଥିବା ସମୟରେ ମଧ୍ୟାହ୍ନ ୧୨ଟା ୩୦ରେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ଫ୍ରିଜରରେ ରଖାଯାଇଛି। ଦୂରରେ ରହୁଥିବା ତାଙ୍କ ଭାଇମାନେ ଏଠାରେ ପହଞ୍ଚିବା ପରେ ଶୁକ୍ରବାର ସତ୍କାର କରାଯିବ ବୋଲି ପରିବାର ବର୍ଗଙ୍କ ସୂତ୍ରରୁ ଜଣାପଡିଛି। ସମସ୍ତଙ୍କ ନାନୀ ଭାବେ ପରିଚିତ ରେଣୁକାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି।

## ସଫଳତା ପାଇଁ କଠିନ ପରିଶ୍ରମ ଆବଶ୍ୟକ



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଅମରପାଲି,୩୦।୧(ପୀତାମ୍ବର ସାହୁ)

**ମୁର୍ଷୁଣି ହାଇସ୍କୁଲର ବାର୍ଷିକ ଉତ୍ସବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣି ରଘୁନାଥ ହାଇସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କାଳିଆ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ମନୋଜ ସାହୁ ମୁଖ୍ୟ ଅତିଥି, ଉଲୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯଜ୍ଞେଶ୍ୱର ପୂଜାରୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସେମାନେ ନିଜ ବକ୍ତବ୍ୟରେ ସଫଳତା ପାଇବା ପାଇଁ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିଟି କାର୍ଯ୍ୟ କଲାବେଳେ ଗୁରୁତ୍ୱ ଦେଇ ଶ୍ରେଷ୍ଠତ୍ୱ ହାସଲ କରିବାକୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିପୁରାରୀ ରଥ, ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ନାଏକ ଓ ଶିକ୍ଷାବିତ ଯୁଗଳ କିଶୋର ମିଶ୍ର, ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭାପତି ବଳରାମ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସ୍କୁଲର ସଫଳତା କାମନା କରିଥିଲେ। ଶିକ୍ଷକ ନିଳାମ୍ବର ମେହେର ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ବେରିହା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ମନୋଜ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟଳୟର ବାର୍ଷିକ ଉତ୍ସବରେ ସର୍ବଶ୍ରେଷ୍ଠ ହାଉସ ଭାବେ ରୋଜ ହାଉସ, ସର୍ବଶ୍ରେଷ୍ଠ କ୍ଲବ ଭାବରେ ସାହିତ୍ୟ ସୃଜନୀ କ୍ଲବକୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ଜୁନିୟର, ସବ ଜୁନିୟର ଓ ସିନିୟର ବର୍ଗରେ ରଙ୍ଗୋଲି,ସଙ୍ଗୀତ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ରଚନା ଆଦି ପ୍ରତିଯୋଗିତା କରାଯାଇଥିଲା। ଏହି ସବୁ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜଗନ୍ନାଥ ମେହେର, ସୁଧୀର ରଞ୍ଜନ ପଧାନ, ଶ୍ରୀକାନ୍ତ ନାଏକ, ପ୍ରଦ୍ୟୁମ୍ନ ସେଠୀ, ମନୋରଞ୍ଜନ ସେଠୀ, ବିଶ୍ୱେଶ୍ୱର ପଣ୍ଡା, ଶିକ୍ଷୟିତ୍ରୀ ମିତା ପଧାନ, ମମତା ବେହେରା, ସଙ୍ଗୀତା ପଧାନ, ପ୍ରିୟମ୍ବଦା ପଡିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଙ୍କୀର୍ତ୍ତନ ଦଳକୁ ନେଇ ଫେରୁଥିବା ଭ୍ୟାନ ଓଲଟିଲା, ୩୦ଆହତ

ଅମରପାଲି,୩୦।୧(ପୀତାମ୍ବର ସାହୁ)

ବୀରମହାରାଜପୁର-ରେଢାଖୋଲ ରାସ୍ତାରେ ସଙ୍କୀର୍ତ୍ତନ ଦଳ ନେଇ ଫେରୁଥିବା ଏକ ପିକ୍‌ଅପ ଭ୍ୟାନ ଧଉରାଖମନ ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୨ ଜଣ ସଙ୍କୀର୍ତ୍ତନ କଳାକାର ଆହତ ହୋଇଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ବୌଦ୍ଧ ଓ ସୁବଳୟା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଗୁରୁବାର ଓଡି ୦୩ ଆର୍ ୮୩୨୨ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ ଭ୍ୟାନ ରାସ୍ତାରେ ଓଲଟି ପଡିଥିଲା। ମାଲ ବୋଝେଇ ପିକଅପରେ ବସିଥିବା ସମସ୍ତ ଆହତ ସୁବଳୟା ଥାନା ଟାମକିଆଦାଦରର ସଙ୍କୀର୍ତ୍ତନ ମଣ୍ଡଳୀ ଓ କେତେଜଣ ଟେଭାପଦରର ବୋଲି ଜଣା ପଡ଼ିଛି। ସେମାନେ ବୌଦ୍ଧ ଜିଲା ନାରାୟଣନଗରରେ ଚାଲିଥିବା ନାମଯଜ୍ଞରେ ସଙ୍କୀର୍ତ୍ତନ ସାରି ଘରକୁ ଫେରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଆହତମାନେ ଡାକ୍ତରଖାନା ଯିବା ପରେ ଗାଡି ଚାଳକ କିଛି ଲୋକଙ୍କ ସହଯୋଗରେ ଭ୍ୟାନକୁ ଉଠାଇ ଘଟଣାସ୍ଥଳରୁ ଫେରାର ମାରିଥିଲେ। ପରେ ରେଢ଼ାଖୋଲ ଥାନା ଆଇଆଇସି ସବିତାଲତା ସେଠୀ ସଦଳବଳ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଅତିରିକ୍ତ ସଡକ ପରିବହନ ଅଧିକାରୀ କାହ୍ନୁଚରଣ ବାନରା ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ପିକଅପ ଓ ମାଲିକଙ୍କ ବାବଦରେ ଯାଞ୍ଚ ଚଳାଇଛନ୍ତି।

## ସ୍ୱର୍ଶ କୁଷ୍ଠ ନିରାକରଣ ଦିବସ





ଜିଲାପାଳ ଜଣେ ଆଶାକର୍ମୀଙ୍କୁ ପୁରସ୍କୃତ କରୁଛନ୍ତି।

ବୌଦ୍ଧ,୩୦।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଗୁରୁବାର ସ୍ୱର୍ଶ କୁଷ୍ଠ ନିରାକରଣ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଜୟକୃଷ୍ଣ ମିଶ୍ର, ଡ. ମଦନମୋହନ ପ୍ରଧାନ, ଡିପିଏମ ରୁପକ ମହାପାତ୍ର ଉପସ୍ଥିତ ଥିଲେ। କୁଷ୍ଠରୋଗୀଙ୍କୁ କିଭଳି ନିରାକରଣ କରାଯାଇପାରିବ ସେ ନେଇ ଜିଲାପାଳ ପଣ୍ଡା ଅଧିକାରୀଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ଜିଲାରେ କୁଷ୍ଠ ନିରାକରଣ ପାଇଁ ଅଶା ଦିଦିଙ୍କ ଅବଦାନ ପାଇଁ ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମିଶ୍ର କୁଷ୍ଠ ବିକଳାଙ୍ଗ ରୋଗୀମାନଙ୍କୁ ଅପରେସନ କରାଯିବା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଜିଲା କୁଷ୍ଠ ପରାମର୍ଶଦାତା ଡ.ଅମରେନ୍ଦ୍ର ମହାପାତ୍ର ଜିଲାରେ ଚାଲିଥିବା କୁଷ୍ଠ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ କର୍ମଚାରୀ, ଆଶାକର୍ମୀମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାପାଳ ପୁରସ୍କୃତ କରିଥିଲେ।

## ଜିଲା ଶିକ୍ଷାଧିକାରୀଙ୍କୁ ଦାବି ପତ୍ର ପ୍ରଦାନ



ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

ବୌଦ୍ଧ,୩୦।୧(ଅଜିତ କୁମାର ବାରିକ)

**ଛୁଆଁ ଅଛୁଆଁ ଭେଦଭାବ ମୂଳୋତ୍ପାଟନ ଦାବି**

ବୌଦ୍ଧ ଜିଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲାର ଶିକ୍ଷା ଅନୁଷ୍ଠାନ ଗୁଡିକରେ ଥିବା ଛୁଆଁ ଅଛୁଆଁ ବନ୍ଦ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଜିଲାର ଶିକ୍ଷାନୁଷ୍ଠାନ ଗୁଡିକରେ ଜାତି ପ୍ରଥା ଏବଂ ଛୁଆଁ ଅଛୁଆଁ ଭେଦଭାବ ରହି ଥିବା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ଅଭିଯୋଗ କରିଥିଲା। ୨୦୨୩ ମସିହାରେ ଗଣେଷ ପୂଜାରେ ଶଗଡା ପଞ୍ଚାୟତର ଖଣ୍ଡିକନପା ପ୍ରାଥମିକ ବିଦ୍ୟାଳୟ ଓ ମନମୁଣ୍ଡା ପଞ୍ଚାୟତର ନୂର୍ପା ପ୍ରାଥମିକ ବିଦ୍ୟାଳୟରେ ଅନୂସୂଚିତ ଜାତିର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଅଲଗା ବସାଇ ଖାଇବାକୁ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ୨୦୨୪ ସରସ୍ୱତୀ ପୂଜାରେ ଯୋଗୀନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଦ୍ୱାରା ଛୁଆଁ ଅଛୁଆଁ ଭେଦଭାବ ଉଗ୍ରରୂପ ଧାରଣ କରିଥିଲା ବୋଲି ଅଭିଯୋଗ କରିବା ସହିତ ଜିଲାର ସମସ୍ତ ବିଦ୍ୟାଳୟ ଗୁଡିକରେ ଚଳିତ ବର୍ଷଠାରୁ ଜାତି ପ୍ରଥା ତଥା ଛୁଆଁ ଅଛୁଆଁ ଭେଦଭାବ ସଂପୂର୍ଣ୍ଣ ବନ୍ଦ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଦାବି ପତ୍ର ପ୍ରଦାନ ସମୟରେ ପରିଷଦର ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗ ଓ ଅନ୍ୟମାନେ ସାମିଲ ଥିଲେ ।

## ଶୃଙ୍ଖଳା ଭଲ ମଣିଷ କରି ଗଢ଼ିତୋଳେ

ଅମରପାଲି,୩୦।୧(ପୀତାମ୍ବର ସାହୁ)

ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା। ଏହି କାରଖାନାରୁ ଶିକ୍ଷକରୂପୀ କାରିଗରମାନେ ଉତ୍ତମ ଶିକ୍ଷାଦାନ ଦେଇ ଉତ୍ତମ ଛାତ୍ରୀଛାତ୍ର ତିଆରି କରନ୍ତୁ। ଚରିତ୍ରବାନ ଛାତ୍ରୀଛାତ୍ର କଠିନ ପରିଶ୍ରମ କଲେ ଅସମ୍ଭବ କାର୍ଯ୍ୟକୁ ମଧ ହାସଲ କରି ପାରିବେ। ତେଣୁ ଉତ୍ତମ ନାଗରିକ ହେବା ପାଇଁ ଉତ୍ତମ ଚରିତ୍ର ଓ କଠିନ ପରିଶ୍ରମ ଜରୁରୀ। ଚରିତ୍ରବାନ ଛାତ୍ର ସଫଳତା ପାଇଥାନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅଭ୍ୟୁଦୟରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ପ୍ରଧାନ ଶିକ୍ଷୟିତ୍ରୀ ସର୍ଣ୍ଣଲତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସମାରୋହରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି,ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟବକ୍ତା ଓ ସୁବଳୟା ସମିତି ସଭ୍ୟା ଲିଲି ମେହେର, ପଞ୍ଚଶଖା ଶିକ୍ଷାସେତୁ କମିଟି ସଭାପତି ଶିବ ନାରାୟଣ ମେହେର, ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ପୋଢ଼ ସମ୍ମାନିତ ଅତିଥିଭାବେ



ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ସୁବଳୟା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ଯୋଗଦେଇ ଶୃଙ୍ଖଳା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢିତୋଳେ ବୋଲି ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ଆବଶ୍ୟକତା ପୂରଣ ପାଇଁ ପ୍ରୟାସ କରାଯିବ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସମ୍ପା ବିଶ୍ୱାଳ ଓ ପଙ୍କଜିନି ମେହେର ପରିଚାଳନା କରିଥଲେ। ଶିକ୍ଷକ ଅରୁଣ କୁମାର ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସାଂସ୍କୃତିକ ମୁଖ୍ୟ ଚନ୍ଦ୍ରମଣି ବାଘ ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ଶିକ୍ଷକ ସଦାନନ୍ଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରଭାବେ ମଧୁରେଶ ମିଶ୍ର, ସ୍କାଉଟରେ ଲଳିତ ଓ ଦିବ୍ୟ, ଜେଆରସିରେ ଛାତ୍ରୀ ଅଙ୍କିତା ମେହେର, ଗାଇଡ଼ରେ ନନ୍ଦିନୀ ମେହେର ଓ ଶ୍ରେଷ୍ଠ ହାଉସଭାବେ ସୁବାଷ ଚନ୍ଦ୍ର ବୋଷ ହାଉସକୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ୧୨୦୦ଲିଟର ମହୁଲି ପୋଚ ନଷ୍ଟ, ୪୦ ଲିଟର ମଦ ଜବତ

**ନାକଟିଦେଉଳ,୩୦।୧ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସାଲେଭଟା ପଞ୍ଚାୟତ ଅଧୀନ ଚେମେର୍ ଏବଂ ଶାଗନାଳ ଗ୍ରାମ ନିକଟ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ଉପରେ ଗୁରୁବାର ନାକଟିଦେଉଳ ପୋଲିସ ଏବଂ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଏଥିରେ ବିପୁଳ ମାତ୍ରାରେ ମହୁଲି ପୋଚ ନଷ୍ଟ କରାଯିବା ସହ ଏବଂ ଦେଶୀ ମଦ ଜବତ କରାଯାଇଛି। ଏହି ଦୁଇ ଗ୍ରାମରେ ଦୀର୍ଘ ଦିନ ହେଲା ଜଙ୍ଗଲ ଭିତରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଗ୍ରାମାଞ୍ଚଳକୁ ବିକ୍ରି ପାଇଁ ଚାଲାଣ କରାଯାଉଥିବା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରାଯାଇଥିଲା। ତେବେ ମଦ ପ୍ରସ୍ତୁତକାରୀମାନେ ପୋଲିସ କୁ ଦେଖି ସେଠାରୁ ଫେରାର ମାରିଥିଲେ। ଘଟଣାସ୍ଥଳରୁ ୧୨୦୦ଲିଟର ମହୁଲି ପୋଚ ନଷ୍ଟ କରାଯାଇଛି। ସେଠାରୁ ପ୍ରସ୍ତୁତ ହୋଇଥିବା ୪୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ରେଢ଼ାଖୋଲ ଅବକାରୀ ନିରୀକ୍ଷକ କୀର୍ତ୍ତନ ନାଏକ ଏବଂ ନାକଟିଦେଉଳ ଥାନା ଏଏସଆଇ ହୀରାଧର ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

### ଲକ୍ଷ୍ମୀଡୁଙ୍ଗୁରିରେ ହେବ ପ୍ରକୃତି ଉଦ୍ୟାନ

**ସମ୍ବଲପୁର,୩୦।୧ (ଭବାନୀ ଶଙ୍କର ଭୋଇ)**

ଲକ୍ଷ୍ମୀଡୁଙ୍ଗୁରିରେ ପ୍ରକୃତି ଉଦ୍ୟାନ ନିର୍ମାଣ କରିବା ଦାବି ନେଇ ଗୁରୁବାର ସାମାଜିକ ସାଂସ୍କୃତିକ ସଙ୍ଗଠନ ଭାରତୀ ସମାଜ ରାଜ୍ୟ ସଂଯୋଜକ ଡ଼ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ବଲପୁର ଡିଏଫଓ ଗୋରେଖ ୱାମୋନ କାଲୁଙ୍ଗେଙ୍କୁ ସାକ୍ଷାତ କରିଥିଲା। ଲକ୍ଷ୍ମୀ ଡୁଙ୍ଗୁରି ବୌଦ୍ଧ ଧର୍ମରେ ସହଜଯାନ ବା ତନ୍ତ୍ରଯାନର ପ୍ରବର୍ତ୍ତିକା ଲକ୍ଷ୍ମୀକରାଙ୍କ ସାଧନା କ୍ଷେତ୍ର ଭାବେ ପରିଚିତ। ଏହାସହ ହୀରାକୁଦ ବନ୍ଧ ନିର୍ମାଣ ସମୟର ଅନେକ ସ୍ମୃତି ଚିହ୍ନ ରହିଥିବା ବେଳେ ଏଠାକାର ପରିବେଶ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାକୁ ଉତ୍କୃଷ୍ଟ ସ୍ଥାନ ବୋଲି ଭାରତୀ ସମାଜ ପକ୍ଷରୁ ଡିଏଫଓଙ୍କୁ ଅବଗତ କରାଯାଇଥିଲା। ଡିଏଫଓଙ୍କୁ ଲକ୍ଷ୍ମୀ ଡୁଙ୍ଗୁରି ପାଦଦେଶରେ ସମ୍ବଲପୁର ଇତିହାସ ସହିତ ଜଡିତ ବ୍ୟକ୍ତି ବିଶେଷଙ୍କ ନାମରେ ପ୍ରାକୃତିକ କେନ୍ଦ୍ର ବିକାଶ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଡିଏଫଓ ଆଲୋଚନା ସମୟରେ ଖୁବ୍‌ଶୀଘ୍ର ଲକ୍ଷ୍ମୀଡୁଙ୍ଗୁରି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଲକ୍ଷ୍ମୀଡୁଙ୍ଗୁରି ସମ୍ବଲପୁର ମଧ୍ୟ ସ୍ଥଳରେ ରହିଥିବାରୁ ଏହାର ମଧ୍ୟ ବିକାଶ ନେଇ ପଦକ୍ଷେପ ନିଆଯିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି। ମାନସ ରଞ୍ଜନ ବକ୍ସୀ, କିଶୋର ଧରେଇ, ଭାରତୀ ସମାଜ ମହାସଚିବ ଦେବୀ ପ୍ରସାଦ ଭୋଇ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍ ସନ୍ତୋଷ କୁମାର ବିଶ୍ୱାଳଙ୍କ ପରଲୋକ

**ସମ୍ବଲପୁର,୩୦।୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସହରର ବିଶିଷ୍ଟ ଶିକ୍ଷାବିତ୍ ତଥା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ବିଶ୍ୱାଳଙ୍କ ବୁଧବାର ବିଳମ୍ବିତ ରାତିରେ ତାଙ୍କ ଭୀମଭୋଇ ପାର୍କ



ଶାନ୍ତିନଗର ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। ସ୍ୱର୍ଗତ ବିଶ୍ୱାଳ ଭୁବନେଶ୍ୱର ରାଜଧାନୀ ମହାବିଦ୍ୟାଳୟ, ଟ୍ରଷ୍ଟଫଣ୍ଡ କଲେଜ, ପାରଳାଖେମୁଣ୍ଡି ମହାବିଦ୍ୟାଳୟ, ବରଗଡ ପଞ୍ଚାୟତ ମହାବିଦ୍ୟାଳୟ ଓ ଗଙ୍ଗାଧର ମେହେର କଲେଜରେ ଅଧ୍ୟାପନା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ପୁଅ, ଝିଅ, ବୋହୂ ଉପସ୍ଥିତ ଥିଲେ। ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ବିଶ୍ୱାଳ ଜଣେ କବି, ସୁବକ୍ତା ଓ ନାଟ୍ୟ ନିର୍ଦ୍ଦେଶକ ଥିଲେ। ବସୁମତି ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଦସ୍ୟ, ସେତୁ ସମାଜିକ ଅନୁଷ୍ଠାନ ସଦସ୍ୟ, ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟ ଉପଦେଷ୍ଟା ରହିଥିଲେ। ପ୍ରଫେସର ବିଶ୍ୱାଳଙ୍କ ବିୟୋଗରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଆଲୁମନି ସଂଘ, ଜିଏମ୍‌ୟୁ ଷ୍ଟାଫ କାଉନସିଲ, ଚଷା ସମାଜ, ଭାରତୀୟ ଶିକ୍ଷଣ ମଣ୍ଡଳ, ଆଙ୍ଗୋଟା, ଭାରତୀୟ ବିକାଶ ପରିଷଦ ଆଦି ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ଶିକ୍ଷା, ସଂସ୍କୃତି ଉନ୍ନତିରେ ସ୍କୁଲର ଭୂମିକା ରହିଛି

**ସମ୍ବଲପୁର,୩୦।୧ (ବି.ଶଙ୍କର)**



ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥିଙ୍କ ପୁରସ୍କୃତ ପ୍ରତିଭା।

**ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ସମ୍ବଲପୁର ସହର ସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଲ୍ଲାସ ଗୁରୁବାର ସନ୍ଧ୍ୟା ୫ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି, ଧନକଉଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ସମ୍ବଲପୁର ଜିଲା ଭୂତଳ ଜଳ ସମ୍ପଦ ବିଭାଗୀୟ ଯନ୍ତ୍ରୀ ବିଶିଷ୍ଟ ନିହାର ରଞ୍ଜନ ମହାନ୍ତ, ଜି.ଅଟୋନେଶନର ଜେନେରାଲ ମ୍ୟାନେଜର ଦୀପକ କୁମାର ବାରିକ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଲସିତେନ୍ଦୁ ନନ୍ଦ, ପୁରାତନ ଛାତ୍ର ସଂସଦ ସଭାପତି ସୁଶାନ୍ତ କୁମାର ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ।

ମୁଖ୍ୟ ଅତିଥି ଡିଇଓ ଭୋଇ ତାଙ୍କ ବକ୍ତବ୍ୟରେ କହିଥିଲେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଐତିହ୍ୟ ଉଚ୍ଚକୋଟୀର। ସମ୍ବଲପୁର ସହର ଶିକ୍ଷା, ସଂସ୍କୃତିର ଉନ୍ନତି ଦିଗରେ ଏହି ବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି। ଏହି ବିଦ୍ୟାଳୟ ସହିତ ଆଜି ନୁହେଁ ଦୀର୍ଘ କୋଡ଼ିଏ ବର୍ଷର ସମ୍ପର୍କ। କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ ଅନ୍ୟ ଯେକୋଣସି ଦିଗରେ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଆମର ଉଦ୍ୟମ ରହିଛି ଓ ଆଗକୁ ରହିବ। ବର୍ଷସାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା, ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଛାତ୍ରୀଛାତ୍ର ପୁରସ୍କୃତ ହୋଇ ଆସୁଛନ୍ତି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଅଜୟ କୁମାର ପାଢୀ, ସ୍ୱର୍ଗତ ଜୟଶଙ୍କର ପଟ୍ଟନାୟକ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ଚନ୍ଦ୍ର ତ୍ରିପାଠୀ, ଈଶ୍ୱର ପ୍ରସାଦ ନନ୍ଦ, ଅଧ୍ୟାପିକା ଲିଲି ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ନବୀନ କୁମାର ମିଶ୍ର, ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ବେହେରା, ପୂର୍ବତନ ଶିକ୍ଷୟିତ୍ରୀ ମିନାକ୍ଷୀ ପୂଜାରୀ, ସ୍ୱର୍ଗତ ବିପିନ ବିହାରୀ ପଣ୍ଡା, ପୂର୍ବତନ ଶିକ୍ଷୟିତ୍ରୀ ପଦ୍ମିନୀ ବଡ଼ପଣ୍ଡା ଅମିତ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଜମାରାଶିର ସୁଧରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ପ୍ରଜ୍ଞା ପରିମିତା ପାଣିଗ୍ରାହୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପିତାଙ୍କ ଦ୍ୱାରା ପ୍ରଦତ୍ତ ସ୍ମୃତି ପୁରସ୍କାରଗୁଡ଼ିକ ଦିଆଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଶିଷ୍ଟ ନୃତ୍ୟଗୁରୁ ଅସୀମ ପ୍ରଧାନଙ୍କ ନିର୍ଦ୍ଦେଶନା ଓ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ଦୀପ୍ତିରାଣୀ ପଣ୍ଡା, ଅପର୍ଣ୍ଣା ପଣ୍ଡା ଓ ସନୀତି ଧର ସହଯୋଗ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ଶିକ୍ଷକ ତନୟ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ଗାୟତ୍ରୀ ଭୋଇ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅନୁବିନ୍ଦା ଦାଶ, ଶିକ୍ଷକ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।

# ବିକଶିତ ରାଷ୍ଟ୍ର ଗଠନରେ ଭୂମିକା ନିଅ

**କୁଚିଣ୍ଡା,୩୦।୧ (ବିରଞ୍ଚି ଦର୍କା)**

**ବାମରା ଟିଏଫ କଲେଜର ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା ବାମରା ଟ୍ରଷ୍ଟଫଣ୍ଡ କଲେଜର ୪୧ତମ ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ମେହେର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଭଲପାଠ ପଢି ଭାରତକୁ ଏକ ବିକାଶିତ ରାଷ୍ଟ୍ରଭାବେ ଗଠନ କରିବାରେ ଛାତ୍ରୀଛାତ୍ରଙ୍କ ଅତୁଳନୀୟ ଭୂମିକା ରହିଛି। ବାମରା ଡିଗ୍ରୀ କଲେଜର ସାମୂହିକ ବିକାଶ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। କଲେଜକୁ ପିଏମ ଓଷା ଯୋଜନାରେ ୫କୋଟି ଟଙ୍କାର ଅନୁଦାନ ମିଳିଥିବା ମନ୍ତ୍ରୀ ନାୟକ କହିଥିଲେ। କଲେଜ ପରିଚାଳନା କମିଟି ସଭାପତି ତଥା କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଏମ୍‌ପି ପ୍ରତିନିଧି ନରେଶ ସିଂ ଠାକୁର, ମଣ୍ଡଳ ସଭାପତି ବିଷ୍ଣୁ କୁମାର ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ମହମ୍ମଦ ଆସଲମ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅଧ୍ୟାପକ ସନ୍ତୋଷ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବାର୍ଷିକ ଉତ୍ସବରେ ମନ୍ତ୍ରୀ ରବିନାରାୟଣ ନାଏକ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ନୂଆଗାଁ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ନାକଟିଦେଉଳ,୩୦।୧ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଯାମୁଯୋରୀ ଗ୍ରାମ ପଞ୍ଚାତ ଅନ୍ତର୍ଗତ ଅଙ୍ଗାବିରା ଗ୍ରାମର ମା' ବାୟାଣୀ କ୍ରିକେଟ କ୍ଲବ ପକ୍ଷରୁ ତିନି ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଅପରାହ୍ନ ୪ଟାରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟିଇ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଯାମୁଯୋରୀ ଏବଂ ପଡୋଶୀ ଅନୁଗୋଳ ଜିଲା ନୂଆଗାଁ ତେଲିସାହି ମଧ୍ୟରେ ହୋଇଥିଲା। ଟସ୍ ଜିଣି ନୂଆଗାଁ ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୬ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଜବାବରେ ଯାମୁଯୋରୀ ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୮୦ ରନ କରିଥିଲା। ଟୁର୍ନାମେଣ୍ଟରେ ନୂଆଗାଁ ଦଳର ଜୁଲୁ ରାଉଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଅଶ୍ୱିନୀ ବିଶ୍ୱାଳ ଏବଂ ବବୁଲୁ ଗଡ଼ନାୟକ ପରିଚାଳନା କରିଥିଲେ। ଅଜୁ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତାଭାବେ ଅଙ୍ଗାବିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିହର ଗଡ଼ନାୟକ ଏବଂ ସମ୍ମାନିତ ଅତିଥିଭାବେ ଶ୍ରୀପତି ଗଡ଼ନାୟକ ଯୋଗଦେଇ ବିଜେତା ନୂଆଗାଁ ତେଲିସାହି ଏବଂ ଉପବିଜେତା ଯାମୁଯୋରୀ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ମା' ବାୟାଣୀ କ୍ରିକେଟ କ୍ଲବର ଅଜୟ ଗଡ଼ନାୟକ, ପ୍ରତାପ ଗଡ଼ନାୟଜ, ଭଜମୋହନ ସାହୁ, ଟିଟୁ ମାଝୀ ଏବଂ ନବ କିଶୋର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**ମହିଳାଙ୍କୁ ବଳାତ୍କାର ଉଦ୍ୟମ ମାମଲା**

**ସମ୍ବଲପୁର,୩୦।୧ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଗଡ଼ଲୁଇସିଂ ଅଞ୍ଚଳରେ ୨୦୨୨ ମସିହାରେ ଜଣେ ବିବାହିତ ମହିଳାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ସମ୍ବଲପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ଅତିରିକ୍ତ ଜିଲା ତଥା ସେସନ୍ସ ଜଜ୍ ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ଅଜିତ ଟପ୍ପୋ(୨୩)ଙ୍କୁ ୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୩୭୬(ଆଇ)ରେ ୫ ବର୍ଷ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା, ଦଫା ୩୫୪(ବି)ରେ ୩ବର୍ଷ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାଦେଶ ହୋଇଛି। ୨୦୨୨ ଜୁଲାଇ ୨୫ ସନ୍ଧ୍ୟାରେ ୪୦ ବର୍ଷୀୟା ବିବାହିତା ମହିଳା କ୍ଷେତରୁ କାମ ସାରି ଘରକୁ ଫେରିବା ବେଳେ ଏଲ୍‌ବେ-କେଶାପାଲିର ଅଜିତ ତାଙ୍କୁ ରାସ୍ତାରେ ଏକାକୀ ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ପରଦିନ ସ୍ୱାମୀଙ୍କ ସହ ଥାନାକୁ ଯାଇ ପୀଡ଼ିତା ଏତଲା ଦେଇଥିଲେ। ମାମଲା ରୁଜୁ କରି ପୋଲିସ ଅଜିତଙ୍କୁ ଗିରଫ କରିଥିଲା। ସ୍ୱତନ୍ତ୍ର ପିପି ବସନ୍ତ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

# କପିଳ ତାଣ୍ଡି ମିଷ୍ଟର ସମ୍ବଲପୁର

**ସମ୍ବଲପୁର,୩୦।୧ (ବି.ଶଙ୍କର)**

**ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ସମ୍ବଲପୁର ଜିଲା ବଡି ବିଲଡର୍ସ ଏଣ୍ଡ ଫିଟନେସ ଆସୋସିଏଶନ ଆୟୋଜିତ ମିଷ୍ଟର ସମ୍ବଲପୁର-୨୫ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବୁର୍ଲାଠାରେ ବୁଧବାର ରାତି ୧୦ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ମୋଟ ୨୬ ଜଣ ଯୋଗଦାନ କରିଥିଲେ। ସେଥିମଧ୍ୟରୁ ବଡି ବିଡିଙ୍ଗରେ ୧୪ ଜଣ ଓ ବରମୁଣ୍ଡା ମେନ ଫିଜିକରେ ୧୨ ଜଣ ଖେଳାଳି ସାମିଲ ଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗ ବଡି ବିଲ୍ଡିଙ୍ଗ ଆସୋସିଏଶନ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି ମାନସ ସ୍ୱାଇଁ, ସହ ସମ୍ପାଦକ ନିଶାନ୍ତ ବହିଦାର, କାର୍ଯ୍ୟକାରୀ ସମ୍ପାଦକ ବାଳକୃଷ୍ଣ ବାଗ ପରିଚାଳନା କରିଥିଲେ। ବରମୁଣ୍ଡା ମେନ ଫିଜିକରେ ୧୨ ଜଣ ଖେଳାଳିଙ୍କ ମଧ୍ୟରୁ ତରୁଣ ମହାକୁଡ଼ ପ୍ରଥମ, ସ୍ୱାଗତ ମୁଦୁଲି ଦ୍ୱିତୀୟ, ଜୟ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବଡି ବିଲ୍ଡିଙ୍ଗରେ ୧୪ ଜଣଙ୍କ ମଧ୍ୟରୁ କପିଳ ତାଣ୍ଡି ପ୍ରଥମ, ମାନସ ସେଟ ଦ୍ୱିତୀୟ, ରାମକୃଷ୍ଣ ଆରୁଖ ତୃତୀୟ ସ୍ଥାନ ହାସଲ କରି ଅତିଥିଙ୍କଠାରୁ ପଦକ ଗ୍ରହଣ କରିଥିଲେ। ଆର.ଏ. ଶିବ କୁମାର, ଦେବଶିଷ ନନ୍ଦ, ଭୀମ ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲା ବଡି ବିଲଡର୍ସ ଏଣ୍ଡ ଫିଟନେସ ଏସୋସିଏସନର ସଭାପତି ସତିଶ ବିଶି, ସମ୍ପାଦକ ଅମିତା ପରିଡା, ଉପସଭାପତି ଜିଜି ଜୋସେଫ, କାର୍ଯ୍ୟକାରୀ ସଦସ୍ୟ ଭୋଳାଶଙ୍କର ମହନ୍ତମ, ମହିଳା କାର୍ଯ୍ୟକାରୀ ସମ୍ପାଦକ ଲିଲି ବେହେରା, କାର୍ଯ୍ୟକାରୀ ସମ୍ପାଦକ ବିଲାଲ ମଲ୍ଲିକ, କାର୍ଯ୍ୟକାରୀ ସମ୍ପାଦକ ଦୁଲାଲଚନ୍ଦ୍ର ରାୟ, କୋଷାଧ୍ୟକ୍ଷ ସୁବାଷ ଦୋରା, କାର୍ଯ୍ୟକାରୀ ସଦସ୍ୟ ବିଶ୍ୱନାଥ ଧର, ଅନୀଲ ଦାସ, ଆୟୁଷ ପଟ୍ଟନାୟକ, ପବନ ଶ୍ରୀବାସ୍ତବ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀତା ହୋଇଥିଲା। ନବନିତ ସାହୁ, ଶଙ୍କର ନନ୍ଦ, ସୋହନଲାଲ ଶ୍ରୀବାସ୍ତବ, ଚନ୍ଦନ ପ୍ରସାଦ, ସାଗର ନାଗ, ଲକ୍ଷ୍ମୀ ନାରାୟଣ ଗୁପ୍ତା, ବିବେକ ଗୁପ୍ତା, ଏମଡି ଇସାକ ବାସ୍କ ସହଯୋଗ କରିଥିଲେ।



ମିଷ୍ଟର ସମ୍ବଲପୁର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀମାନେ।

# ଜେଏସ୍‌ଡବ୍ଲ୍ୟୁ-ବିପିସିଏଲ୍ ଅଧ୍ୟକ୍ଷ ଅନିଲ ସିଂହଙ୍କୁ ରତ୍ନଶ୍ରୀ ସମ୍ମାନ

**ସମ୍ବଲପୁର, ୩୦।୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଠେଲକୋଲୋଇସ୍ଥିତ ଜେଏସ୍‌ଡବ୍ଲ୍ୟୁ-ବିପିସିଏଲ ଅଧ୍ୟକ୍ଷ ଅନୀଲ କୁମାର ସିଂହଙ୍କୁ ବିଶ୍ୱ ଓଡ଼ିଶା ସୋସାଇଟି ପକ୍ଷରୁ ପ୍ରତିଷ୍ଠିତ ରତ୍ନଶ୍ରୀ ପୁରସ୍କାରରେ ସମ୍ମାନୀତ କରାଯାଇଛି। ଅନୁଷ୍ଠାନର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର



ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅନିଲ କୁମାର ସିଂହଙ୍କୁ ସମ୍ମାନିତ କରୁଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସିଂହଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱ ଓଡ଼ିଶା ସୋସାଇଟି ସିଂହଙ୍କ ଉଲ୍ଲେଖନୀୟ ସେବା ଏବଂ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରିଛି। ଏହି ସମ୍ମାନ ସମାଜ ପ୍ରତି ତାଙ୍କର ଉତ୍ସର୍ଗ ଏବଂ ଅକ୍ଲାନ୍ତ ପ୍ରୟାସର ଏକ ପ୍ରମାଣ ବୋଲି ବିପିସିଏଲ୍ ପକ୍ଷରୁ କୁହାଯାଇଛି।

# କୁଷ୍ଠ ନିରାକରଣ ସଚେତନତା ଶୋଭାଯାତ୍ରା

**ରେଢ଼ାଖୋଲ,୩୦।୧ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଜାତୀୟ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଛି। ଗୁରୁବାର ସକାଳେ ଚିକିତ୍ସାଳୟ ପକ୍ଷରୁ କୁଷ୍ଠରୋଗ ନିରାକରଣ ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥଲା। ସ୍ୱାସ୍ଥ୍ୟ କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି କୁଷ୍ଠରୋଗ ନିରାକରଣ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା କୁଷ୍ଠରୋଗ ସଚେତନତା ପକ୍ଷ ଅବସରରେ ସ୍ୱାସ୍ଥ୍ୟ କର୍ମୀମାନେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରାଇବେ। ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ ଆଦିତ୍ୟ କୁମାର ସୁପକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡ ଅଭିଷେକ ଦାସ, ଡ ମଞ୍ଜୁଲତା ଦାସ ଯୋଗଦେଇ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଖାନା କର୍ମଚାରୀମାନଙ୍କୁ କୁଷ୍ଠରୋଗ ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ସମସ୍ତେ ସ୍ପର୍ଶ କୁଷ୍ଠ ସଚେତନତା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶାଦିଦି, ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଖାନାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅମିୟ କୁମାର ବିଶ୍ୱାଳ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ କର୍ମୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

# ଭଲ ମଣିଷ ହେବାପାଇଁ ନୈତିକ ଶିକ୍ଷା ଜରୁରୀ

**ପଡିଆବାହାଲ,୩୦।୧ (ରାଧାମୋହନ ଷଡଙ୍ଗୀ)**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଆଦିବାସୀ ନୋଡାଲ ହାଇସ୍କୁଲ ବାର୍ଷିକ ଉତ୍ସବ**

ବଡ଼ ମଣିଷ ନୁହେଁ ଭଲ ମଣିଷ ହେବାପାଇଁ ନୈତିକ ଶିକ୍ଷା ଜରୁରୀ। ଘୋଷା ବିଦ୍ୟାରେ ଅଧିକ ମାର୍କ ରଖିବା ବଦଳରେ ନିଜର ଦକ୍ଷତା ବୃଦ୍ଧି ପାଇଁ ସତତ ଚେଷ୍ଟିତ ହୁଅ। ଗୁରୁବାର ଅପରାହ୍ନ ୨ଟାରେ ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ବାହାମସ୍ଥିତ ସରକାରୀ ଆଦିବାସୀ ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହିପରି ମତ ରଖିଛନ୍ତି। ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ବଲପୁର ମୁନସିପାଲ କର୍ପୋରେଶନର ଡେପୁଟି କମିଶନର ଶଙ୍କରପ୍ରସାଦ ସାହୁ ମୁଖ୍ୟ ଅତିଥି, ଲରମ୍ବା କଲେଜ ଓଡ଼ିଆ ଅଧ୍ୟାପକ ଡ଼. ଅଜିତ କୁମାର ନାଥ ମୁଖ୍ୟବକ୍ତା, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସାହୁ ତାଙ୍କ ବକ୍ତବ୍ୟରେ ଖାଦ୍ୟପେୟ ସ୍ୱଚ୍ଛତା ସହ ସାମାଜିକ ଓ ନୈତିକ ଶିକ୍ଷା ପ୍ରଦନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଅଲୁମ୍‌ନି କମିଟି ସଭାପତି ସନାତନ ଠେଲା, ଏସ୍‌ଏମ୍‌ସି କମିଟି ସଭାପତି ବିନୋଦିନୀ ବରର୍ଡି ମଞ୍ଚାସୀନ ଥିଲେ। ବିଗତ ଦିନରେ ବିଦ୍ୟାଳୟ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଏବଂ ସ୍କୁଲ ତରଫରୁ ବ୍ଲକ ଓ ଜିଲାସ୍ତରରେ ପ୍ରତିନିଧିତ୍ୱ କରି ସୁନାମ ଆଣିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୌମ୍ୟ ବେହେରା ଏବଂ ଶିକ୍ଷୟିତ୍ରୀ ରୁବି ସଭା ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ତରଫରୁ ଅତିଥି ଓ ସମସ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କାର୍ଯ୍ୟରତ ସହକାରୀ ଜିଲାପାଳ ବିଭୂତିଙ୍କ ଅକାଳ ବିୟୋଗ

ଆଠମଲ୍ଲିକ,୩୦।୧(ଉଦିପ୍ତ ପୁରୋହିତ): ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନରେ କାର୍ଯ୍ୟରତ ସହକାରୀ ଜିଲାପାଳ ବିଭୁତି ଭୂଷଣ ମଲ୍ଲିକ (୪୫)ଙ୍କ ଅକାଳ ବିୟୋଗ ହୋଇଥିବାରୁ ପ୍ରଶାସନ ଓ ସାଧାରଣରେ ଶୋକର ଛାୟା ଖେଳିଯାଇଛି। ସେ ପୁରୀ ଜିଲା ନିମାପଡା ଅଞ୍ଚଳ ଅନ୍ତର୍ଗତ କନ୍ତିଆ ଗ୍ରାମର । ସୂଚନା ମୁତାବକ, ଗୁରୁବାର ସକାଳେ ଅସୁସ୍ଥତା ଅନୁଭବ କରିବାରୁ



ତାଙ୍କୁ ଆଠମଲ୍ଲିକ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅନୁଗୋଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଅନୁଗୋଳ ଜିଲାପାଳ ମହମ୍ମଦ ଏମ୍ ଅଖତର ଓ ଜିଲାସ୍ତରୀୟ ଅଧିକାରୀ, ଆଠମଲ୍ଲିକ ଉପଜିଲାପାଳ ଡ.ଦିଲୀପ କୁମାର ବେହେରା, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଗିଟୋସ ମହାନନ୍ଦିଆ, ଏସିଏସ୍ ଶିବାଶିଷ ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତନ୍ମୟରଞ୍ଜନ ପାତ୍ର, କିଶୋର ନଗର ବ୍ଲକ୍ ଆସିଷ୍ଟାଣ୍ଟ ତହସିଲଦାର ସୁଜିତ କୁମାର ଭୋଇ, ଷ୍ଟେନୋ ସୌମ୍ୟରଞ୍ଜନ ନାହାକ, ଦେବୋତ୍ତର ସହାୟକ ନଗେନ୍ ରାଉତ ପ୍ରମୁଖ ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ । ଖବରପାଇ ଆତ୍ମୀୟସ୍ୱଜନ ଡାକ୍ତରଖାନାରେ ପହଞ୍ଚିଥିଲେ। ଏହି ଖବର ଶୁଣିବା ପରେ ପୂର୍ବତନ ଉପଜିଲାପାଳ ତଥା ଶିଶୁ ଓ ମହିଳା ବିକାଶ ବିଭାଗର ଡେପୁଟି ସେକ୍ରେଟାରୀ ଡ. ଜିତେନ୍ଦ୍ର କୁମାର ପାତ୍ର ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ମଲ୍ଲିକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ସାହସ ଓ ଶକ୍ତି ଦିଅନ୍ତୁ ବୋଲି କହିଥିଲେ ।

# ଏନ୍‌ଏଫ୍‌ଡିପିରେ ପଞ୍ଜୀକୃତ ହେବେ ରାଜ୍ୟର ମତ୍ସ୍ୟଜୀବୀ



ବୈଠକରେ ମତ୍ସ୍ୟଜୀବୀ ସମବାୟ ସମିତି କର୍ମକର୍ତ୍ତା।

କଟକ,୩୦।୧(କାର୍ତ୍ତିକ ସାହୁ)

ରାଜ୍ୟର ମତ୍ସ୍ୟଜୀବୀମାନେ ଏଣିକି ନ୍ୟାଶନାଲ ଫିସେରିଜ୍ ଡିଜିଟାଲ ପ୍ଲାଟ୍‌ଫର୍ମ(ଏନ୍‌ଏଫ୍‌ଡିପି)ରେ ପଞ୍ଜୀକୃତ ହେବେ। କଟକସ୍ଥିତ ମତ୍ସ୍ୟ ନିର୍ଦ୍ଦେଶାଳୟରେ ଏନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ମତ୍ସ୍ୟଜୀବୀ ସମବାୟ ସମିତିର ସଭ୍ୟଙ୍କୁ ଏ ବାବଦରେ ଅବଗତ କରାଯାଇ ସରକାରୀ ସୁବିଧା ହାସଲ କରିବାରେ ମତ୍ସ୍ୟଜୀବୀଙ୍କ ପଞ୍ଜୀକରଣ ସହାୟକ ହେବ ବୋଲି କୁହାଯାଇଛି।

ସୂଚନା ଅନୁସାରେ, ରାଜ୍ୟରେ ଥିବା ୭୯୦ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସମସ୍ତ ସଭ୍ୟାସଭ୍ୟଙ୍କୁ ଏନ୍‌ଏଫ୍‌ଡିପିରେ ପଞ୍ଜୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ମତ୍ସ୍ୟ ସମବାୟ ସମିତି ନିରୀକ୍ଷକ, ଉପସହକାରୀ ନିବନ୍ଧକ ଓ ସମବାୟ ସମିତି କର୍ମକର୍ତ୍ତାମାନଙ୍କୁ ନେଇ ଆୟୋଜିତ ସମୀକ୍ଷା ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହି ପଞ୍ଜୀକରଣ ଦ୍ୱାରା ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ଚାଷୀମାନେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଗୋଷ୍ଠୀ ବୀମା ଯୋଜନାର ବୀମାରାଶି ଓ ଅନ୍ୟାନ୍ୟ ଯୋଜନାର ସହାୟତା ପାଇବାରେ ସହଜ ହୋଇପାରିବ। ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ସମସ୍ତ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କୁ ଏହି ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ପଞ୍ଜୀକରଣ କରିବା ପାଇଁ ଅନୁରୋଧ କରାଯାଇଛି।

# ଉପକୂଳ ଓଡ଼ିଶାରେ ଲଗାତର ୧୦ ଦିନ କୁହୁଡ଼ି

## ୬ବର୍ଷରେ ପ୍ରଥମ ଘଟଣା

ଭୁବନେଶ୍ୱର,୩୦।୧(ଅନୁରାଧା ମହାରଣା) – ଉପକୂଳ ଓଡ଼ିଶାରେ ଗତ ୨୧ରୁ ୩୦ ତାରିଖ ଯାଏ ୧୦ଦିନ ଧରି ଲଗାତାର ଭାବେ ଘନ କୁହୁଡି ଅନୁଭୂତ ହେଉଛି। ବଙ୍ଗୋପସାଗର ଅଞ୍ଚଳରେ ଏକ ଗୁରୁଚାପ ବଳୟର ଉପସ୍ଥିତି ତଥା ପଶ୍ଚିମାଝଡ଼ର ଆଗମନ ଯୋଗୁ ଏପରି ପାଣିପାଗ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୯ରୁ ୨୦୨୫ ମଧ୍ୟରେ ପ୍ରଥମଥର ପାଇଁ ଉପକୂଳ ଓଡ଼ିଶାରେ ଏତେଦିନ ଧରି ଘନକୁହୁଡି ଦୃଶ୍ୟମାନ ହେଉଛି। ଗୁରୁବାର ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଦେଖାଯାଇଥିବାବେଳେ କୋରାପୁଟ, ଭଦ୍ରକ, ଅନୁଗୋଳ, କେନ୍ଦୁଝର ଓ କନ୍ଧମାଳ ଆଦି ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟରେ କୁହୁଡ଼ି ପ୍ରଭାବ ଜାରି ରହିବ। ଶୁକ୍ରବାର କଟକ, ଖୋର୍ଦ୍ଧା, ଢ଼େଙ୍କାନାଳ, ବୌଦ୍ଧ, କେନ୍ଦୁଝରଗଡ଼, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ କୋରାପୁଟ ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଅନ୍ୟପକ୍ଷରେ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ହ୍ରାସ ପାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓ ଉତ୍ତର ଉପକୂଳବର୍ତ୍ତୀ ଜିଲାର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି। ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୩.୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ସର୍ବନିମ୍ନ ତାପମାତ୍ରା ବରଗଡ଼ ଓ ନୂଆପଡ଼ାରେ ୧୨.୦ ଡିଗ୍ରୀ ରହିଥିଲା। ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଉପମୁଖ୍ୟମନ୍ତ୍ରୀ କେ. ଭି. ସିଂଦେଓଙ୍କୁ ୨ ହଜାର ଜରିମାନା

## ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ମାମଲା

କଟକ,୩୦।୧(କାର୍ତ୍ତିକ ସାହୁ)

୨୦୨୪ ନିର୍ବାଚନରେ ଅନିୟମିତତା ଅଭିଯୋଗ ନେଇ ରୁଜୁ ମାମଲାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ହାଇକୋର୍ଟ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜବାବ ଦାଖଲ ପାଇଁ ତାରିଖ ଗଡ଼ାଇ ଚାଲିବା, ନିର୍ଦ୍ଧାରିତ ସମୟରେ ଜବାବ ଦାଖଲ ନ କରିବା ସହ ଅଧିକ ସମୟ ଚାହିଁବାରୁ ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ୨ ହଜାର ଟଙ୍କା ଜରିମାନା କରି ତାଙ୍କ ଜବାବ ଗ୍ରହଣ ନିମନ୍ତେ ଆବେଦନକୁ ଅନୁମତି ପ୍ରଦାନ କରିଛନ୍ତି। ଉକ୍ତ ଜରିମାନା ଅର୍ଥ ହାଇକୋର୍ଟ ବାର୍ ଆସୋସିଏଶନ କଲ୍ୟାଣପାଣ୍ଠିରେ ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ସିଂଦେଓ ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ଟିକେଟରେ ନିର୍ବାଚନ ଜିତିଥିଲେ। ହେଲେ ସେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ପରାଜିତ ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେର ତାଙ୍କ ବିରୋଧରେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ସିଂଦେଓ ପ୍ରାର୍ଥିପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଥିବା ଫୌଜଦାରି ମାମଲାକୁ ଚପାଇଛନ୍ତି ଓ ସମ୍ପତ୍ତିର ତାଲିକା ମିଛ ଦେଇଛନ୍ତି। ଉକ୍ତ ନିର୍ବାଚନୀ ଅନିୟମିତତା ମାମଲାରେ ହାଇକୋର୍ଟ ଆଦେଶ ମତେ ଗତ ସେପ୍ଟେମ୍ବରରେ ଓକିଲଙ୍କ ଜରିଆରେ ସିଂଦେଓ ହାଇକୋର୍ଟରେ ହାଜର ହୋଇଥିଲେ। ହେଲେ ଜବାବ ଦାଖଲ ପାଇଁ କ୍ରମାଗତ ସମୟ ନେଇଚାଲିଥିଲେ। ଗତ ଶୁଣାଣିରେ ବି ସେ ସମୟ ମାଗିଥିଲେ। ମାତ୍ର ହାଇକୋର୍ଟ ଏହାକୁ ଖାରଜ କରିଦେବା ସହ ଆସନ୍ତା ଫେବୃଆରୀ ୩ ତାରିଖକୁ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଥିଲେ। ଫଳରେ ପୁଣିଥରେ ସିଂଦେଓ ତାଙ୍କ ଜବାବକୁ ଗ୍ରହଣ କରିବା ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଏହାକୁ ହାଇକୋର୍ଟ ଗ୍ରହଣ କରିବା ସହ ଉପରୋକ୍ତ ଜରିମାନା ଆଦାୟ ପାଇଁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଚନ୍ଦ୍ର ବେହେରା ମାମଲା ପରିଚାଳନା କରୁଛନ୍ତି।

# ରତନେଇ ଜଙ୍ଗଲରେ ହାତୀ ମୃତଦେହ ଠାବ

ପାଟପୁର,୩୦।୧(ସିମାଞ୍ଚଳ ସାହୁ)

ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ଦିଗପହଣ୍ଡି ରେଞ୍ଜ ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଭୀମନଗର ନିକଟସ୍ଥ ରତନେଇ ଜଙ୍ଗଲରେ ବୁଧବାର ଏକ ମାଈ ହାତୀର ମୃତ୍ୟୁ ହୋଇଛି। ଗୁରୁବାର ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରସବଜନିତ ବେଦନା ଅସହ୍ୟ ହେବାରୁ ହାତୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକ କହିଛନ୍ତି ଯେ, ଦୁଇଦିନ ହେଲା ହାତୀଟି ମରିଯାଇଛି। ପାଟପୁର ବନାଞ୍ଚଳର ପୁଡ଼ାମାରି ରେଞ୍ଜ ଜଙ୍ଗଲରେ ୬ଟିକିଆ ହାତୀପଲ ବହୁଦିନରୁ ରହି ଆସୁଛନ୍ତି। ୨୦୨୨ରେ ଉକ୍ତ ଜଙ୍ଗଲରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଗତ ୨ ତାରିଖରେ ଖାଦ୍ୟ ପାଇଁ ଆସି ଆଖୁବାଡ଼ରେ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଆଉ ଏକ ହାତୀର ମୃତ୍ୟୁ ହୋଇଥିଲା। ପୁଣି ଆଉ ଏକ ମାଈ ହାତୀ ମୃତ୍ୟୁକୁ ନେଇ ପରିବେଶବିତ ଚିନ୍ତା ବ୍ୟକ୍ତ କରିଛନ୍ତି। ଗୁରୁବାର ବ୍ରହ୍ମପୁର ଡିଏଫଓ ସୋନୀ ଖୋଖର, ପାରଳାଖେମୁଣ୍ଡି ଡିଏଫଓ ଏସ. ଆନନ୍ଦ, ଏସିଫ



ସସ୍ମିତା ବିଶ୍ୱାଳ,ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ ଏବଂ ପାଟପୁର ଫରେଷ୍ଟର ପ୍ରମୋଦ କୁମାର ନାୟକ, ଆଇ.ଗଣେଶ, ସନ୍ତୋଷ କୁମାର ବିଷୋୟୀ ରତ୍ନ, ପ୍ରାଣୀ ଚିକିତ୍ସକ ପ୍ରବୀଣ କୁମାର ସାହୁ, ବିଦ୍ୟୁତ ବିଭାଗୀୟ ଅଧିକାରୀ ଗୋପାଳ ଚନ୍ଦ୍ର ପଣ୍ଡା, ପାଟପୁର ଏସଡିଓ ଦୀପକ କୁମାର ବଳିଆରସିଂ ପହଞ୍ଚି ଘଟଣାସ୍ଥଳରେ ଅନୁଧ୍ୟାନ କରିଛନ୍ତି। ଡିଏଫଓ କହିଛନ୍ତି ଯେ, ହାତୀଟିର ବୟସ ୨୨ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହକୁ ସାନଖେମୁଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ କିଭଳି ମୃତ୍ୟୁ ହୋଇଛି ତାହା ଜଣାପଡିବ ବୋଲି ସେ କହିଛନ୍ତି।


## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II, BHUBANESWAR

eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**

**Bid Identification No.-C.C. (R&B)-02**

**e-Procurement Notice No.49 of 2024-25**

**No.B-888:**The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Five Number Road works to be received in online bidding, Single & Double cover system as detailed in: https://tendersorissa.gov.in. The details of bid documents will be available in the above website from 04.02.2025 to 5.00 P.M. of 19.02.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 20.02.2025 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-Procurement portal www.tendersorissa.gov.in. Addendum/ Corrigendum, if required, will be available only in the website.

Sd./- Superintending Engineer
BBSR (R&B) Division No.II, BBSR

OIPR-34088/11/0014/2425

## Government of Odisha "e" Procurement Notice

**Bid Identification No.:Online-AGL-18 of 2024-2025**

No.O-1350

1. Name of the Work : Road Works
2. Estimated Cost : Rs.10.70 to 13.38 Lakhs
3. Period of Completion : 1 (One) Calendar Month
4. Date & Time of availability of : From 28.01.2025 to 03.02.2025 upto 5.00 P.M.
5. Last Date/Time for receipt of Bids in the Portal : 03.02.2025 upto 05.00 P.M.
6. Name & Address of the OIT : Executive Engineer Rural Works Division, Angul

Further details can be seen from the Govt. website **www.tendersorissa.gov.in**

Sd./- Executive Engineer
R.W.Division, Angul

OIPR-25096/11/0020/2425

## DISTRICT PROJECT OFFICE, SAMAGRA SIKSHYA, MAYURBHANJ

No.362/Estt/25 Date:27.01.2025

**TENDER CALL NOTICE**

**(ENGAGEMENT OF MANPOWER SERVICE PROVIDING AGENCY FOR PROVIDING DATA ENTRY OPERATOR)**

**No.n-198:**Sealed tenders are invited from Reputed and Registered Manpower Service Providing Agencies to provide 26 No's of Data Entry Operators (DEOs) who are to be engaged at 26 BEO Offices under BRC Interventions of Samagra Sikshya, Mayurbhanj for a period of one year. The interested Bidders shall submit the technical & financial Bid along with tender paper cost of **Rs.5,000/- (non-refundable)** latest by 24.02.25 (5.00 PM) at the Office of the District Project Office, SS, Mayurbhanj & available in the following website. Tender Papers shall be opened on 25.02.2025, at 11.00 A.M.The tender paper with detailed term & conditions available at website https://mayurbhanj.odisha.gov.in., https://osepa.odisha.gov.in. The authority reserves the right to reject any or all tenders without assigning any reason thereof.

Sd./- Collector &
District Magistrate, Mayurbhanj

OIPR-27140/11/0006/2425

## GOVERNMENT OF ODISHA HIGHER EDUCATION DEPARTMENT

No.HE-NCNE-PLAN-0003-2024/4750/ Dt.29.01.2025

**TENDER CALL NOTICE**

**(For Science Laboratory Equipment)**

**No.N-174:**Sealed quotations are invited from Manufacturers/ Authorized Dealers or Registered Firms of laboratory equipment manufactured in India having valid GST Registration and Income Tax PAN for supply of Science Laboratory Equipment of different items used in Physics, Chemistry, Botany & Zoology laboratories of Non-Government Aided Degree Colleges situated in different places in Odisha. The last date and time for submission of the quotation is **on or before dt.03.03.2025 (5.00 PM).**

For more details, please visit our Department website: **www.dhe.odisha.gov.in.**

Sd./-
Director, Higher Education

OIPR-11001/11/0038/2425

## ODISHA JOINT ENTRANCE EXAMINATION - 2025 (OJEE-2025)

No. OJEE/029 Date: 29.01.2025

**NOTICE FOR ONLINE APPLICATION FOR OJEE-2025**

No. h-18: Odisha Joint Entrance Examination (OJEE) - 2025 will be conducted tentatively during 2nd, 3rd, 4th, 5th, 6th, 10th and 11th of May, 2025 (Centre details, Date and Shift of examination will be indicated in the Admit Card) for **Admission to B.Pharm/B.Sc. Nursing/Post B.Sc. Nursing/Post Diploma Nursing/M.Sc. Nursing/ MCA/M.Sc. (Comp. Science)/MBA/Integrated MBA/B. CAT/M.Tech/M.Tech (Part-Time)/M.Arch/M Plan/M. Pharm and Lateral Entry to B.Tech/B.Pharm Courses in Government and Private Universities and Colleges of Odisha**.

The Entrance Examination will be conducted in Computer Based Test (CBT) mode for all the courses as mentioned above.

Interested candidates are advised to fill up the respective Application Forms Online through OJEE webstie **(www.ojee.nic.in)** only.

**Filling-up of Online Application through OJEE website begins on 30th January, 2025 and will end on 20th March, 2025.**

Please read, carefully, the **'Information Brochure'** and the **'Instructions to fill Online Application Form'**, which are available in the OJEE websites to get detailed information regarding eligibility criteria, reservation policy, examination pattern, syllabus etc.

Please note that **Outside State Candidates** are not eligible for admission in Government Colleges, but they are eligible for admission in Private Colleges for all the above mentioned courses except all Nursing Courses as per Odisha Government rule.

Candidates may install OJEE android App from Google Play Store for latest information and notices.

(For Admission to B.Tech/B.Arch/B.Plan/Int. M.Sc. and MBBS/BDS/BAMS/BHMS Courses in Government and Private Colleges of Odisha, Candidates have to appear and qualify in JEE (MAIN) - 2025/NEET (UG)-2025 conducted by National Testing Agency, Govt. of India).

For other details, please visit OJEE website: **www.ojee.nic.in / www.odishajee.com**.

Sd./- Chairman, OJEE, Odisha

OIPR-44026/11/0014/2425

See Career Appointment on every Wednesday & Saturday

## DEPARTMENT OF COMMERCE & TRANSPORT Govt. of Odisha

**SHORT QUOTATION CALL NOTICE**

No.:TRN-0E-MISC-0006-2025 767/T.,Bhubaneswar,Dated:27.01.25

**No.JJ-50:**A call for quotations is at this moment invited from registered and authorised agencies for supply, installation of Televisions & Desk System along with necessary arrangement for Commerce Transport Deptt. in the Conference Hall at 5th Floor, Kharavel Bhawan. The equipment must meet the detailed configuration requirements specified below:

| Brand | Configuration/Features | | Quantity |
|---|---|---|---|
| **TELEVISION-** SONY WITH STAND | 65 inches Television, 440 nits brightness, Smart Android OS, 4K UHD Resolution, 24*7 Screen Mirroring, 16 GB Storage, WI-FI, 178 Degree viewing angle, Landscape/ Portrait/Tilt Installation, IP/RS232C Control, 10W+10W Speakers, HDMI 2.1 (4), USB (2), 1200:1 Contrast Ratio, Color Gamut (DCI-P3) 92%, HDMI Auto Wake up. 4K HDR Processor x1, 4k X-Reality PRO, Triluminos PRO, Motionflow XR, hdr10/hlg/dolby Vision **STAND** Floor mount stand | | 2 |
| **SMALL DISPLAY** SAMSUNG MONITOR WITH STAND | 68.6 cm M5 FHD Smart Monitor & 2/4- Port HDMI Splitter with high-speed HDMI v1.4 Cable **STAND** Floor mount stand | | 1 |
| **SPLITER** | HDMI SPLITER 1 IN 4 OUT | | 1 |
| **HDMI CABLE** HONYWELL HDMI CABLE (1.4) & USB CABLE | HDMI 15 MTR | 3 Nos | 5 |
| | HDMI 5 MTR | 1 No | |
| | USB 3.0 ACTIVE CABLE 5 MTR | 1 No | |

Interested agencies are requested to submit their quotations for the above equipments including all cost for supply & installation and including three (3) years of warranty (excluding GST which shall be paid extra) to the **Commerce & Transport Department**, not later than 1:00 PM on date 4th February, 2025 and shall be opened at 3.00 PM on the same day. Payment shall be made on complete installation and testing. Delivery to be made within 7 (Seven) days from the date of order.

**Quotations will not be received after the deadline.**

Sd./-
Under Secretary to Government

OIPR-38001/11/0014/2425

## GOVERNMENT OF ODISHA e-Procurement Notice OFFICE OF THE ADDITIONAL CHIEF ENGINEER CENTRAL MINOR IRRIGATION CIRCLE, BHUBANESWAR

Phone/Fax (0674) 2540559, cmic.bbsr@gmail.com

No.164, Dt.27.01.2025

No.A-988: **e-Procurement Notice**

**BID ID. NO. ACECMIC-04/2024-25**

| | | | |
|---|---|---|---|
| 1. | Name of the Work | : | As per Annexure to this bid notice |
| 2. | No. of Works | : | 01 (One) No. |
| 3. | Estimated Cost | : | Approximate cost Rs. 663.80 lakh |
| 4. | Class of Contractor | : | 'A' & 'Special' Class |
| 5. | Period of Completion | : | 11 (Eleven) Calendar Months |
| 6. | Date and Time of availability of Bid documents and Receipt of Bid Cost on online payment mode in Portal | : | From 10.00 Hrs. on 01.02.2025 to 15.02.2025 (17.30 Hrs.) in Website (www.tendersodisha.gov.in) |
| 7. | Last Date/ Time for receipt of Bids in the Portal | : | 15.02.2025 (Upto 17.30 Hrs.) through online only |
| 8. | Date of Opening of Technical Bid | : | 11.00 Hrs. onwards on 17.02.2025 in the O/o. Additional Chief Engineer, Central M.I. Circle, Bhubaneswar |
| 9. | Name and Address of OIT | : | Additional Chief Engineer, Central M.I. Circle, Bhubaneswar, Plot No.- A-8/2, PO: Bhoinagar, Bhubaneswar, PIN: 751022, Dist: Khurda, Ph:0674-2540559 |

Further details can be seen from the e-Procurement market place **http.//tendersodisha.gov.in.**

Sd./- Additional Chief Engineer
Central M.I. Circle, Bhubaneswar

OIPR-32047/11/0009/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, BALANGIR

Phone No.: 06652-232982 (Off), e-mail: mid_balangir@yahoo.co.in

**'e'-Procurement Notice**

**Bid Reference No. SE-MID-BLGR-09/2024-25**

**No. 99/MID//** **Date: 27.01.2025**

No. A-989: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1. Name of the Works : Construction of New Check Dams
2. No. of Works : 06 (Six) Nos.
3. Estimated Cost : Varies from Rs.29.30 lakh to Rs.78.86 lakh only (Approx)
4. Period of Completion : 03 (Three) to 04 (Four) Calendar Months
5. Date and time of availability of bid documents in the Portal : From Dt.30.01.2025 at 10.00 A.M. to Dt.10.02.2025 upto 5.00 P.M.
6. Last date/time of receipt of bids in the Portal : Dt.10.02.2025 upto 5.00 P.M.
7. Date of Opening of Technical Bid : Dt.11.02.2025 at 10.00 A.M. onwards
8. Date of Opening of Financial Bid : To be intimated later on
9. Date of lottery scheduled to be held (if required) : Dt.19.02.2025 at 11.00 A.M. in the O/o. S.E.,M.I. Division, Balangir
10. Name and Address of the OIT : O/o. The Superintending Engineer, M.I. Division, Balangir, near Sub-Collector Office, Balangir, Dist.: Balangir
11. Further details can be seen from the e-Procurement market place : **http://tendersodisha.gov.in**

Sd./- Superintending Engineer
M.I. Division, Balangir

OIPR-32063/11/0008/2425

## REGIONAL INSTITUTE OF PLANNING, APPLIED ECONOMICS & STATISTICS

(Planning & Convergence Department, Govt. of Odisha)
A/65, Nayapalli, Bhubaneswar-751012, Tel.-0674-2392283
ripaesodisha@gmail.com

Statistics Good Governance-People's Welfare

Letter No.111/RIPAE&S/01/2025 Date:27.01.25

**QUOTATION CALL NOTICE**

**No.X-18:**Sealed quotations are invited from interested reputed Travel Agencies/ Tour Operators or proprietor with valid GST for providing one number of Zest/ Tigor/ Swift Dzire/ Xcent/Etios (only Petrol) driven vehicles having sitting capacity not more than five including driver, which shall confirm to the Terms and conditions as per the quotation documents available at www.odisha.gov.in or www.ripaesodisha.nic.in for official use in the office of the Regional Institute of Planning, Applied Economics & Statistics, A/65, Nayapalli, Bhubaneswar-751012.

The details of the quotation documents for hiring of the vehicle may either be downloaded from the website or obtained in person from the Director, RIPAE&S, Odisha, Bhubaneswar on payment of Rs.1000/- in cash or in shape of Bank Draft in favour of Assistant Director, RIPAE&S, Bhubaneswar on any working day from 28.01.2025 to 03.02.2025 between 11.00 AM to 4.00 PM. The downloaded quotation documents from the website should be submitted alongwith Bank Draft / Bankers Cheque of Rs.1000/- (non-refundable). The quotation documents will be received through Speed Post/ Registered Post/ By hand or submitted in the sealed box in RIPAE&S during the office hour on or before 03.02.2025 by 04.00 P.M.

The authority reserves the right to reject any or all quotation without assigning any reason thereof.

Sd./- DIRECTOR

OIPR-21005/11/0002/2425

## Forest Department Odisha OFFICE OF THE DIVISIONAL FOREST OFFICER SAMBALPUR FOREST DIVISION

Email - dfo.sambalpur@odisha.gov.in

**TENDER CALL NOTICE**

**Tender Call Notice No. 26 Dated. 28.01.2025**

No. MM- : Tender Call Notice for Supply of **Precision fixed workstation-2 nos, Monitor 32" and Laser Jet A3 Printer** for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25.

Sealed Tenders are invited from reputed Manufacturer / Distributorship / Authorized dealership for supply of Precision fixed workstation -2 nos., Monitor 32" and Laser Jet A3 Printer for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25 **on or before 12.02.2025 up to 05.00 PM.**

The application form of Tender containing Technical Bid & Financial Bid information and Supply and of Precision fixed workstation-2nos, Monitor 32" and Laser Jet A3 Printer for GIS Lab in O/o the DFO, Sambalpur, Sambalpur Forest Division under CAMPA APO 2024-25 will be available from **29.01.2025 to 12.02.2025 in the website www.sambalpur.nic.in on deposit of Rs. 6,000/- (Rupees Six Thousand Only) only deposit** in Account No. 0185101020115 of Canara Bank, Modipara Branch, IFSC Code No. CNRB0000185 in favour of "Divisional Forest Officer, Sambalpur Forest Division, Sambalpur" **which is non-refundable** towards Tender Paper cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand is **12.02.2025 upto 05.00 PM.** The **Technical bids will be opened on 13.02.2025 at 11.00 AM & Financial Bid will be opened on 13.02.2025 at 3.30 PM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on L1 basis based on quality and cost of the materials. The undersigned reserves the right to reject any or all tender without assigning any reason thereof.

Sd./- Divisional Forest Officer,
Sambalpur Forest Division

OIPR-08104/11/0009/2425

## ସଂକ୍ଷେପରେ

### ଫ୍ୟାକ୍ଟ୍ରି ଛାତ ଭୁଶୁଡ଼ିଲା: ୪ ମୃତ, ୧୫ ଆହତ

ଭୋପାଳ, ୩୦।୧

ମଧ୍ୟପ୍ରଦେଶର ପାନ୍ନା ଜିଲାରେ ଥିବା ଜେକେ ସିମେଣ୍ଟ ପ୍ଲାଣ୍ଟର ଏକ ନିର୍ମାଣାଧୀନ ସ୍ଥାନରେ ଛାତ ଭୁଶୁଡ଼ିଯିବାରୁ ୪ ଜଣ ଶ୍ରମିକ ଆହତ ହୋଇଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଦଳ(ଏସ୍‌ଡିଆର୍‌ଏଫ୍)ର ଟିମ୍ ପହଞ୍ଚି ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ଛାତ ଭୁଶୁଡ଼ିବା ସମୟରେ ଫ୍ୟାକ୍ଟ୍ରିରେ ପ୍ରାୟ ୧୦୦ ଜଣ ଶ୍ରମିକ କାମ କରୁଥିବା ନେଇ ପୋଲିସ ସୂଚନା ଦେଇଛି। ସମସ୍ତ ମୃତକଙ୍କୁ ୧୮ ଲକ୍ଷ ଟଙ୍କା ଲେଖାଏ ଓ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହାୟତା ଦିଆଯିବ ବୋଲି ଜିଲା ପ୍ରଶାସନ ଘୋଷଣା କରିଛି। ୪ ମୃତକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ବଳାତ୍କାର ମାମଲାରେ କଂଗ୍ରେସ ଏମ୍‌ପି ଗିରଫ

ନୂଆଦିଲ୍ଲୀ, ୩୦।୧

ଉତ୍ତରପ୍ରଦେଶ ସୀତାପୁରର କଂଗ୍ରେସ ଏମ୍‌ପି ରାକେଶ ରାଠୋଡ୍ ଗୁରୁବାର ଏକ ବଳାତ୍କାର ମାମଲାରେ ଗିରଫ ହୋଇଛନ୍ତି। ଗତ ୧୭ରେ ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ରାକେଶଙ୍କୁ ଗିରଫ କରିଛି। ରାକେଶ ତାଙ୍କୁ ଗତ ୪ ବର୍ଷ ଧରି ଯୌନ ଶୋଷଣ କରିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଥିଲେ। ରାକେଶ ତାଙ୍କୁ ବିବାହ କରିବା ସହ ତାଙ୍କର ରାଜନୈତିକ କ୍ୟାରିୟର ମଧ୍ୟ ଗଢ଼ିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମହିଳା ଜଣକ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ସେ ରାକେଶଙ୍କ ସହ ନିଜର କିଛି କଲ୍ ଡିଟେଲ୍ସକୁ ମଧ୍ୟ ପୋଲିସକୁ ଦେଇଛନ୍ତି। ସମ୍ପ୍ରତି ରାକେଶ ଉତ୍ତରପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ମଧ୍ୟ ରହିଛନ୍ତି।



ପ୍ରୟାଗରାଜର ସଙ୍ଗମସ୍ଥଳରେ ଦଳାଚକଟା ପରେ ଗୁରୁବାର ଉପଗ୍ରହ ଜରିଆରେ ସଂଗୃହୀତ ଚିତ୍ର।

## ଦଳାଚକଟା ପରେ ଭିଭିଆଇପି ପାସ୍ ବାତିଲ

ପ୍ରୟାଗରାଜ/ଲକ୍ଷ୍ନୌ,୩୦।୧

ଉତ୍ତରପ୍ରଦେଶର ପ୍ରୟାଗରାଜ ମହାକୁମ୍ଭରେ ବୁଧବାର ଅମୃତ ସ୍ନାନ ବେଳେ ଦଳଚକଟାରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଅଧିକ ଆହତ ହୋଇଥିଲେ। ଏହି ଦୁଃଖଦ ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବାବେଳେ ଏଭଳି ଘଟଣା ଯେପରି ନ ଘଟେ, ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି।

ମହାକୁମ୍ଭ ଦଳାଚକଟା ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ୩ ଜଣିଆ ନ୍ୟାୟିକ କମିଶନ ଗଠନ କରିଛନ୍ତି। ଏହି କମିଶନ ଶୁକ୍ରବାର ଦଳାଚକଟା ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ତଥ୍ୟ ପ୍ରମାଣ ସଂଗ୍ରହ କରିବେ ବୋଲି ଏହାର ମୁଖ୍ୟ ତଥା ଆଲ୍ଲାହାବାଦ ହାଇକୋର୍ଟର

### ଆଜି ଘଟଣାସ୍ଥଳକୁ ଯିବ ନ୍ୟାୟିକ କମିଶନ

ଅବସରପ୍ରାପ୍ତ ବିଚାରପତି ହର୍ଷ କୁମାର କହିଛନ୍ତି। ପ୍ୟାନେଲର ଅନ୍ୟ ସଦସ୍ୟ ହେଲେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଭି.କେ. ଗୁପ୍ତା ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡି.କେ. ସିଂ।

ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ୫ଟି ବଡ଼ ପରିବର୍ତ୍ତନ କରାଯାଇଛି। କୁମ୍ଭମେଳା ଅଞ୍ଚଳକୁ ଯାନବିହୀନ ଅଞ୍ଚଳ ଘୋଷଣା କରାଯାଇଛି। ଏଥିସହିତ ଭିଭିଆଇପିଙ୍କ ପାଇଁ ପାସ୍ ବ୍ୟବସ୍ଥା ବାତିଲ ହୋଇଛି। ଶ୍ରଦ୍ଧାଳୁମାନଙ୍କ ଗମନାଗମନକୁ ନିୟନ୍ତ୍ରଣ କରିବା ପାଇଁ ୱାନ୍-ୱେ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଗହଳି ହ୍ରାସ ପାଇଁ ପ୍ରୟାଗରାଜର ପଡୋଶୀ ଜିଲାରୁ ଆସୁଥିବା ଯାନଗୁଡ଼ିକୁ ଜିଲା ସୀମାରେ ଅଟକାଯିବ।

## 'ବିଶ୍ୱସନୀୟତା ହରାଇଛନ୍ତି ସିଇସି'

**ଦିଲ୍ଲୀ ବିଧାନସଭା ନିର୍ବାଚନକୁ ମାତ୍ର ୬ ଦିନ ବାକି ଥିବାବେଳେ ଜାତୀୟ ରାଜଧାନୀର ତମାମ ପ୍ରସଙ୍ଗ ଉଭାନ୍ ହୋଇଯାଇଛି। ମନେହେଉଛି ସତେଯେମିତି ଯମୁନା ନଦୀର ପ୍ରଦୂଷିତ ପାଣି ଏବେ ଏକମାତ୍ର ନିର୍ବାଚନୀ ପ୍ରସଙ୍ଗ। ଯମୁନା ଜଳ ପ୍ରଦୂଷଣକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ସୋମବାର ହରିୟାଣାର ନାଏବ ସିଂ ସାଇନି ସରକାରଙ୍କୁ ଟାର୍ଗେଟ କରିବା ପରେ ତାଙ୍କୁ ଭାଜପା ତ ଘେରିଆସିଛି, ନିର୍ବାଚନ କମିଶନ (ଇସି) ମଧ୍ୟ ଦ୍ୱିତୀୟ ଥର ପ୍ରମାଣ ସମ୍ବଳିତ ଜବାବ ମାଗିଛନ୍ତି। ଏହାକୁ ନେଇ କ୍ଷୁବ୍ଧ ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ କହିଛନ୍ତି, ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ରାଜନୀତି କରୁଛନ୍ତି। ରାଜୀବ ଏହି ସାମ୍ବିଧାନିକ ସଂସ୍ଥାର ବିଶ୍ୱସନୀୟତାକୁ ନଷ୍ଟ କରିଦେଇଛନ୍ତି।**

### ଯମୁନା ଜଳରେ ଦିଲ୍ଲୀ ରାଜନୀତି: ବର୍ଷିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୩୦।୧

ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭାର ୭୦ ଆସନରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଗତ ସୋମବାର ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଥିଲେ, ହରିୟାଣାର ଭାଜପା ସରକାର ଯମୁନା ଜଳରେ ବିଷ ମିଶାଇଛନ୍ତି। ଭାଜପା ଏହାକୁ ନେଇ ଇସିଙ୍କ ଦ୍ୱାରସ୍ଥ ହୋଇଥିଲା। ଇସି ଏହା ଉପରେ କେଜ୍‌ରିୱାଲଙ୍କୁ ବୁଧବାର ରାତି ୮ଟା ସୁଦ୍ଧା ଜବାବ ମାଗିଥିଲେ। କେଜ୍‌ରିୱାଲ ୧୪ ପୃଷ୍ଠା ସମ୍ବଳିତ ପତ୍ରରେ ଲେଖିଥିଲେ, ଦିଲ୍ଲୀ ଜଳ ବୋର୍ଡ ସିଇଓଙ୍କ ତଥ୍ୟକୁ ଭିତ୍ତିକରି ସେ ଏପରି କହିଥିଲେ। ଯମୁନା ପାଣିରେ ଆମୋନିଆ ସ୍ତର ଅଧିକ ରହିଛି, ଯାହାକୁ ପିଇଲେ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟିପାରେ। ତେବେ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ଏପରି ମନ୍ତବ୍ୟ ଦେଇଥିବା କହିଥିଲେ। ଗୁରୁବାର ଇସି କେଜ୍‌ରିୱାଲଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତ କରିବା ସହ ପାଣିରେ ବିଷ ମିଶାଯାଉଥିବା ନେଇ ଅଧିକ ପ୍ରମାଣ ମାଗିଛନ୍ତି। ଦିଲ୍ଲୀ ଜଳ ବୋର୍ଡର କେଉଁ ଇଞ୍ଜିନିୟର ଏହି ତଥ୍ୟ ଦେଇଥିଲେ। ସେ କେଉଁଠୁ ପାଣି ନମୁନା


ଆପ୍ ନେତା ସଞ୍ଜୟ ସିଂ ସହ ସମର୍ଥକମାନେ ବୋତଲରେ ଯମୁନା ପାଣି ଧରି ଭାଜପା ମୁଖ୍ୟାଳୟକୁ ଯାଇଛନ୍ତି।

ସଂଗ୍ରହ କରି କେଉଁ ପଦ୍ଧତିରେ ଯାଞ୍ଚ କରି ବିଷ ପାଇଥିଲେ ସେନେଇ ଶୁକ୍ରବାର ପୂର୍ବାହ୍ନ ୧୧ଟା ମଧ୍ୟରେ ଜବାବ ଦାଖଲ କରିବାକୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଜବାବ ଦାଖଲରେ ବିଫଳ ହେଲେ କେଜ୍‌ରିୱାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇସି କହିଛନ୍ତି। ଏହାକୁ ନେଇ କେଜ୍‌ରିୱାଲ କହିଛନ୍ତି, ସିଇସି ରାଜୀବ କୁମାର ଅବସର ପରେ ପୁଣି ନିଯୁକ୍ତି ଆଶାରେ ରାଜନୀତି କରୁଛନ୍ତି। ସେ ଇସିଙ୍କ ବିଶ୍ୱସନୀୟତାକୁ ନଷ୍ଟ କରିଦେଇଛନ୍ତି। ସେମାନେ ମୋତେ ଦିନେ ଦୁଇଦିନ ଭିତରେ ଗିରଫ କରିପାରନ୍ତି। କିନ୍ତୁ ମୁଁ ଭୟଭୀତ ନୁହେଁ ବୋଲି କେଜ୍‌ରିୱାଲ କହିଛନ୍ତି। ଆପ୍ ନେତା ସଞ୍ଜୟ ସିଂ ଦଳୀୟ ସମର୍ଥକଙ୍କ ସହ ବୋତଲରେ ଯମୁନା ପାଣି ଧରି ଭାଜପା ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

## ନିଜସ୍ୱ ଏଆଇ ମଡେଲ ପ୍ରସ୍ତୁତ କରିବ ଭାରତ

ନୂଆଦିଲ୍ଲୀ,୩୦।୧

